୬ ମାଲେସିଆକୁ ୨-୧ରେ ହରାଇଲା ଭାରତ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

ସମ୍ବାଦ କଳିକା TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ-୩୩ ● ସଂଖ୍ୟା-୧୨୦ ● ୩୧ ମଇ ୨୦୨୬ ରବିବାର ● ଭୁବନେଶ୍ୱର ● Vol -33 ● Issue-120 ● 31st May 2026, Sunday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


## ମନ୍ତ୍ରୀଙ୍କ ପ୍ରଦର୍ଶନ ପରଖିବେ ମୁଖ୍ୟମନ୍ତ୍ରୀ

# ରିପୋର୍ଟ କାର୍ଡ ଆଧାରରେ ଅଦଳବଦଳ

ଭୁବନେଶ୍ୱର, ୩୦।୫

ନ୍ୟୁଜ୍ ବ୍ୟୁରୋ

ଦୁଇ ବର୍ଷ ମଧ୍ୟରେ ମନ୍ତ୍ରୀମାନେ ନିଜ ନିଜ ବିଭାଗୀୟ କାର୍ଯ୍ୟରେ କେତେଦୂର ସଫଳତା ହାସଲ କରିଛନ୍ତି, କେଉଁଥିରେ ଫେଲ୍ ମାରିଛନ୍ତି ଏବଂ ଆଗାମୀ ବର୍ଷମାନଙ୍କ ପାଇଁ କ'ଣ ନୂଆ ଯୋଜନା ପ୍ରସ୍ତୁତ କରିଛନ୍ତି ସେ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମୀକ୍ଷା କରିବେ। ମୁଖ୍ୟତଃ ଗଲା ଦୁଇବର୍ଷରେ ମନ୍ତ୍ରୀମାନଙ୍କ ପ୍ରଦର୍ଶନ କିପରି ରହିଛି ତାହାକୁ ପରଖିବେ। ଏହି ଆଧାରରେ ମନ୍ତ୍ରିମଣ୍ଡଳ ଅଦଳବଦଳ କରାଯିବ। ଯେଉଁ ମନ୍ତ୍ରୀମାନଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ହୋଇଥିବ କିମ୍ବା ଦକ୍ଷତାର ସହ କାମ କରିପାରିନଥିବେ ସେମାନଙ୍କୁ ମନ୍ତ୍ରିମଣ୍ଡଳରୁ ବିଦା କରାଯିବ କିମ୍ବା ସେମାନଙ୍କ ବିଭାଗର ପରିବର୍ତ୍ତନ କରାଯିବ।

ରାଜ୍ୟର ବିଜେପି ସରକାରଙ୍କ ଦୁଇ ବର୍ଷ ଶାସନ ପୂର୍ତ୍ତି ଅବସରରେ ସବୁ ବିଭାଗର ମନ୍ତ୍ରୀମାନଙ୍କୁ ନିର୍ଦ୍ଧାରିତ ଫର୍ମାଟରେ ରିପୋର୍ଟ କାର୍ଡ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ୧୬ପୃଷ୍ଠାର ଫର୍ମାଟରେ ମନ୍ତ୍ରୀମାନେ ବିଗତ ୨ବର୍ଷର ବିସ୍ତୃତ ତଥ୍ୟ ସହ ମୁଖ୍ୟମନ୍ତ୍ରୀଙ୍କ ପାଖରେ ନିଜ କାର୍ଯ୍ୟ ଓ ବିଭାଗର କାର୍ଯ୍ୟର ବିବରଣୀ



ଉପସ୍ଥାପନ କରିବେ।

ଆସନ୍ତା ଜୁନ୍ ୨ ତାରିଖରୁ ମନ୍ତ୍ରୀମାନଙ୍କ ରିପୋର୍ଟ କାର୍ଡ ସମୀକ୍ଷା ପ୍ରକ୍ରିୟା ଆରମ୍ଭ ହୋଇ ଜୁନ୍ ୯ ତାରିଖ ମଧ୍ୟରେ ଶେଷ କରାଯିବାକୁ ଧାର୍ଯ୍ୟ ହୋଇଛି। ମୁଖ୍ୟମନ୍ତ୍ରୀ ସବୁ ବିଭାଗର ମନ୍ତ୍ରୀଙ୍କ ରିପୋର୍ଟ କାର୍ଡ ଉପରେ ସମୀକ୍ଷା କରିବା ସହ ସେମାନଙ୍କ ପ୍ରଦର୍ଶନ ପରଖିବେ। ପ୍ରଥମଦିନରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ଅଧିନରେ ଥିବା ଗୁରୁତ୍ୱପୂର୍ଣ୍ଣ କୃଷି ଓ ଶକ୍ତି ବିଭାଗର କାର୍ଯ୍ୟକାରିତା ଓ କାର୍ଯ୍ୟଦକ୍ଷତାର ସମୀକ୍ଷା କରିବେ ମୁଖ୍ୟମନ୍ତ୍ରୀ।

ଜୁନ୍ ୯ତାରିଖ ମଧ୍ୟରେ ସମସ୍ତ ମନ୍ତ୍ରୀମାନଙ୍କ ରିପୋର୍ଟ କାର୍ଡର ସମୀକ୍ଷା କାର୍ଯ୍ୟ ଶେଷ ହେବ। ଜୁନ୍ ୧୨ ତାରିଖରେ ରାଜ୍ୟ ବିଜେପି ସରକାରଙ୍କ ଦୁଇବର୍ଷର ଶାସନ ପୂର୍ତ୍ତି ଅବସରରେ ରାଜ୍ୟବାସୀଙ୍କ ଆଗରେ ସଫଳତା ରିପୋର୍ଟ ଉପସ୍ଥାପନ କରିବାକୁ ନିଷ୍ପତ୍ତି ହୋଇଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଏହି ଆଭ୍ୟନ୍ତରୀଣ ରିପୋର୍ଟ କାର୍ଡ ସମୀକ୍ଷା ବେଶ ଗୁରୁତ୍ୱ ବହନ କରୁଛି।

ଶନିବାର ଏ ସମ୍ପର୍କରେ ସୂଚନା ଦେଇ ରାଜ୍ୟ ଶିକ୍ଷ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି ଯେ, ସରକାରଙ୍କ ଦୁଇବର୍ଷର ଶାସନ ପୂର୍ତ୍ତି ପାଇଁ ଆସନ୍ତା ୨ରୁ ୯ତାରିଖ ପର୍ଯ୍ୟନ୍ତ ବିଭାଗଗୁଡ଼ିକର ପ୍ରଦର୍ଶନର ସମୀକ୍ଷା ମୁଖ୍ୟମନ୍ତ୍ରୀ କରିବେ। ନିଜ ବିଭାଗ ସମ୍ପର୍କରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ଯେ, ଦୁଇ ବର୍ଷ ଭିତରେ ଆମ ବିଭାଗ ପକ୍ଷରୁ ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରାଯାଇଛି। ପୂର୍ବରୁ ଓଡ଼ିଶାରେ କେବଳ ମେଟାଲ ସେକ୍ଟରରେ ଅଧିକ ପୁଞ୍ଜିନିବେଶ ଆସୁଥିବାବେଳେ ଏବେ ଅକ୍ଷୟ ଶକ୍ତି, ଆଇଟି, ଖାଦ୍ୟ ପ୍ରକ୍ରିୟାକରଣ ଓ ସେମି କଣ୍ଡକ୍ଟର ଭଳି ଆଧୁନିକ ତଥା ନୂତନ କ୍ଷେତ୍ରରେ ବ୍ୟାପକ ପୁଞ୍ଜି ଆସୁଛି। କେବଳ ପୁଞ୍ଜିନିବେଶ ନୁହେଁ, ବରଂ ପ୍ରକଳ୍ପର ଗ୍ରାଉଣ୍ଡିଂ ଯାଏଁ ସମସ୍ତ ଦିଗକୁ ବିଭାଗ ସୂଚାରୁ ରୂପେ ତଦାରଖ କରୁଛି।

ଦକ୍ଷତା ବିକାଶ କ୍ଷେତ୍ରରେ ଆମ ଓଡ଼ିଆ ପିଲାମାନେ ବିଶ୍ୱସ୍ତରରେ ବଡ଼ ସଫଳତା ହାସଲ କରୁଛନ୍ତି ଓ ରାଜ୍ୟର ସମସ୍ତ ଆଇଟିଆଇ କେନ୍ଦ୍ର ଗୁଡିକୁ ଅଧିକ ସଶକ୍ତ କରାଯାଇଛି। ଶିକ୍ଷ ବିଭାଗ ପକ୍ଷରୁ ମଧ୍ୟ ସମ୍ପୂର୍ଣ୍ଣ ତଥ୍ୟ ସହ ରିପୋର୍ଟ ପ୍ରସ୍ତୁତ କରାଯାଉଛି ଯାହାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଉପସ୍ଥାପନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ , ରାଜ୍ୟ ସରକାରଙ୍କ ଦୁଇବର୍ଷ *(ପୃଷ୍ଠା ୭ରେ)*

# ରାଜ୍ୟରେ ଆରମ୍ଭ ହେଲା ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା

ଭୁବନେଶ୍ୱର, ୩୦।୫

ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାରେ ଶନିବାର ଠାରୁ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଯାଇଛି। ରାଜ୍ୟର ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଏହି ପ୍ରକ୍ରିୟାକୁ ବ୍ୟାପକ କରାଯାଇଛି।

ସମସ୍ତ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ) ନିଜ ନିଜ ଅଞ୍ଚଳରେ ଘରକୁ ଘର ବୁଲି ଭୋଟରମାନଙ୍କ ତଥ୍ୟ ଯାଞ୍ଚ କରୁଛନ୍ତି। ଯୋଗ୍ୟ ଭୋଟରଙ୍କୁ ଚିହ୍ନଟ କରିବା ସହ ସେମାନଙ୍କୁ ସ୍ୱତନ୍ତ୍ର ପରିଗଣନା ଫର୍ମ ବଣ୍ଟନ କରାଯାଉଛି।ନୂତନ ଭୋଟରଙ୍କ ନାମ ପଞ୍ଜିକରଣ, ମୃତ କିମ୍ବା ସ୍ଥାନାନ୍ତରିତ ଭୋଟରଙ୍କ ନାମ ବାଦ୍ ଦେବା ଏବଂ ଭୋଟର କାର୍ଡରେ ଥିବା ତ୍ରୁଟି ସଂଶୋଧନ ପାଇଁ ଏହି ସଘନ ଅଭିଯାନ ଜାରି ରହିଛି।

ଘରକୁ ଘର ପରିଗଣନା ସମୟରେ, ପ୍ରତ୍ୟେକ ଭୋଟରଙ୍କୁ ବିଏଲଓଙ୍କ ଜରିଆରେ ଦୁଇଟି ଲେଖାଏଁ ପୂର୍ବମୁଦ୍ରିତ ପରିଗଣନା ଫର୍ମ (ସଂଲଗ୍ନ-୩) ଯୋଗାଇ ଦିଆଯାଉଛି। ପ୍ରଥମ ଦିନରେ ୨ଲକ୍ଷ ୫୯ହଜାର ୧୬୬ ଜଣ



ଭୋଟରଙ୍କୁ ବିଏଲଓ ମାନଙ୍କ ଦ୍ୱାରା ପରିଗଣନା ଫର୍ମ ବଣ୍ଟନ କରାଯାଇଛି। ପୂରଣ ହୋଇଥିବା ଫର୍ମର ଗୋଟିଏ ନକଲ ବିଏଲଓ ସଂଗ୍ରହ କରୁଛନ୍ତି ଏବଂ ଦ୍ୱିତୀୟ ନକଲରେ ନିଜ ଦସ୍ତଖତ କରି ଭୋଟରଙ୍କୁ ରସିଦ ବା ସ୍ୱୀକୃତି ପତ୍ର ଭାବେ ଫେରସ୍ତ କରାଯାଉଛି, ଯାହାକୁ ଭୋଟର ଭବିଷ୍ୟତ ପାଇଁ ସାଇତି ରଖିବେ ।

ରାଜ୍ୟରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ତରଫରୁ ୩୩ ହଜାର ୨୬ ଜଣଙ୍କୁ ନିଯୁକ୍ତ କରାଯାଇଛି । ବିଜେପିରୁ ସର୍ବାଧିକ ୧୯ ହଜାର ୩୮୦, ବିଜେଡି ୮ ହଜାର ୮୮୧, କଂଗ୍ରେସ ୪ ହଜାର ୬୫୮, ସିପିଆଇଏମ୍ ୬୦, ବିଏସ୍‌ପି ପକ୍ଷରୁ ୪୭ ଜଣ ବିଏଲଓ ନିଯୁକ୍ତ ହୋଇଛନ୍ତି।

ଭୋଟରମାନେ ଚାହିଁଲେ ନିର୍ବାଚନ କମିଶନଙ୍କ ସରକାରୀ ୱେବସାଇଟ୍ (ଭୋଟରସ୍.ଇସିଆଇ.ଜିଓଭି.ଇନ୍ ) ରେ ଏହି ଫର୍ମ ଡାଉନଲୋଡ୍ କରିପାରିବେ ଏବଂ ପୂରଣ ପରେ ବିଏଲଓ ମାନଙ୍କୁ ଫର୍ମ ପ୍ରଦାନ କରିପାରିବେ।ଏହି ସଂଶୋଧନ ପ୍ରକ୍ରିୟା ଦ୍ୱାରା ରାଜ୍ୟରେ ଏକ ସ୍ୱଚ୍ଛ ଓ ସଠିକ୍ ଭୋଟର ତାଲିକା ପ୍ରସ୍ତୁତ କରାଯାଇପାରିବ। ସର୍ଭେ ସମୟରେ ସମସ୍ତ ଭୋଟର ବିଏଲଓ ମାନଙ୍କୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମୀକ୍ଷା ବୈଠକ

# ଆଡମିଟ୍ ହେବାର ୩ ଦିନ ପୂର୍ବରୁ ଟେଷ୍ଟ ହେଲେ ଆୟୁଷ୍ମାନ ପ୍ୟାକେଜରୁ ବହନ କରାଯିବ

ଭୁବନେଶ୍ୱର, ୩୦।୫

ନ୍ୟୁଜ୍ ବ୍ୟୁରୋ

ରୋଗୀ ହସ୍ପିଟାଲରେ ଆଡମିଟ୍ ହେବାର ୩ ଦିନ ପୂର୍ବରୁ ମେଡିକାଲ୍ ପରୀକ୍ଷା ଆୟୁଷ୍ମାନ କାର୍ଡରେ ହେବ । ଆଡମିଟ ହେବାର ୩ ଦିନ ପୂର୍ବରୁ ଟେଷ୍ଟ ହେଲେ ତାହା ଆୟୁଷ୍ମାନ ପ୍ୟାକେଜରୁ ବହନ କରାଯିବ । ଗାଇଡ୍ ଲାଇନ୍ ଅମାନ୍ୟ କଲେ ସମ୍ପୃକ୍ତ ହସ୍ପିଟାଲ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ । ଶନିବାର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା – ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ବୈଠକରେ ଉପସ୍ଥିତ ସମସ୍ତ ତାଲିକାଭୁକ୍ତ ବେସରକାରୀ ହସ୍ପିଟାଲକୁ ଏହି ନିର୍ଦ୍ଦେଶ ଦେଇଛନ୍ତି ମନ୍ତ୍ରୀ ଡ଼. ମହାଲିଙ୍ଗ ।

ଆୟୁଷ୍ମାନ ଯୋଜନାର ହିତାଧିକାରୀଙ୍କୁ



ଭଲ ବ୍ୟବହାର ଓ ଆତିଥ୍ୟ ପ୍ରଦାନ ପୂର୍ବକ ଉତ୍ତମ ଚିକିତ୍ସା ଯୋଗାଇଦେବାକୁ ସମସ୍ତ ବେସରକାରୀ ହସ୍ପିଟାଲଗୁଡିକୁ ମନ୍ତ୍ରୀ କହିଛନ୍ତି। ମେଡିକାଲକୁ ଆସୁଥିବା ଅଧିକ ପ୍ରତିଶତ ଲୋକ ଆୟୁଷ୍ମାନ ଯୋଜନା ହିତାଧିକାରୀ । ସେମାନଙ୍କ ସୁବିଧା ପାଇଁ ହେଲ୍ପ ଡେସ୍କ କରିବାକୁ ସମସ୍ତ ମେଡିକାଲକୁ କହିଥିଲେ । ସାହାଯ୍ୟପୂର୍ଣ୍ଣ ପରିବେଶରେ ଚିକିତ୍ସା ପାଇଲେ ହସ୍ପିଟାଲର ସୁନାମ ବଢିବ । ବୈଠକରେ ଯୋଜନା ଅଧୀନରେ ରୋଗୀମାନଙ୍କୁ ଗୁଣାତ୍ମକ ଏବଂ କ୍ୟାସ ଲେସ୍ ଚିକିତ୍ସା ସେବା ନିଶ୍ଚିତ କରିବା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା ।

ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ ଯେ, ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ମାଧ୍ୟମରେ ରାଜ୍ୟର କୋଟି କୋଟି ଲୋକ ଉପକୃତ ହେଉଛନ୍ତି । ତେଣୁ ଯୋଜନାର ସଫଳତା ପାଇଁ ହସ୍ପିଟାଲମାନଙ୍କ ସହଯୋଗ ଅତ୍ୟାବଶ୍ୟକ । ଯୋଜନା ଅଧୀନରେ ଚିକିତ୍ସା ପାଇଁ ଆସୁଥିବା ପ୍ରତ୍ୟେକ ହିତାଧିକାରୀଙ୍କୁ ସମ୍ମାନଜନକ ଓ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନ *(ପୃଷ୍ଠା ୭ରେ)*

## ୫୮ ବରିଷ୍ଠ ଓପିଏସ୍ ଅଧିକାରୀଙ୍କୁ ନୂଆ ଦାୟିତ୍ୱ

ଭୁବନେଶ୍ୱର, ୩୦।୫

ନ୍ୟୁଜ୍ ବ୍ୟୁରୋ

ଆଇପିଏସ୍ ସ୍ତରରେ ବଡ଼ଧରଣର ଅଦଳବଦଳର ସପ୍ତାହକ ମଧ୍ୟରେ ଏବେ ଓପିଏସ୍ ସ୍ତରରେ ଅଦଳବଦଳ କରାଯାଇଛି। ଗୃହ ବିଭାଗ ପକ୍ଷରୁ ଜାରି ହୋଇଥିବା ୩ଟି ବିଜ୍ଞପ୍ତିରେ ବିଭିନ୍ନ ଜିଲ୍ଲାର ୫୮ଜଣ ବରିଷ୍ଠ ଓପିଏସ୍ ଅଧିକାରୀ(ଏସ୍‌ବି)ଙ୍କୁ ନୂତନ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଏହା ସହିତ କିଛି ଅଧିକାରୀଙ୍କୁ ଉକ୍ତ ଜିଲ୍ଲାରେ ବିଭାଗ ଅଦଳବଦଳ କରାଯାଇଛି। *(ପୃଷ୍ଠା ୭ରେ)*

# ଅପରେସନ ସିନ୍ଦୂର ୨.୦ ପାଇଁ ପ୍ରସ୍ତୁତି କରୁଛି ଭାରତ : ସେନା ମୁଖ୍ୟ

ନୂଆଦିଲ୍ଲୀ, ୩୦।୫

ଅପରେସନ ସିନ୍ଦୂରକୁ ନେଇ ଶନିବାର ଏକ ବଡ ଅପଡେଟ୍ ସାମ୍ନାକୁ ଆସିଛି। ସେନା ମୁଖ୍ୟ ଉପେନ୍ଦ୍ର ଦ୍ୱିବେଦୀ କହିଛନ୍ତି, "ଭାରତ ଅପରେସନ ସିନ୍ଦୂର ୨.୦ ପାଇଁ ପ୍ରସ୍ତୁତି କରୁଛି।" ସେ ଜୋର ଦେଇ କହିଛନ୍ତି ଯେ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନର କାର୍ଯ୍ୟାନୁଷ୍ଠାନର ଜବାବରେ ସେନାର ଆଭିମୁଖ୍ୟ ପୂର୍ବଭଳି ରହିଛି।

ସେନା ମୁଖ୍ୟ ଜୋର ଦେଇ କହିଛନ୍ତି ଯେ, ଅପରେସନ ସିନ୍ଦୂର ଏବେ ବି ଜାରି ରହିଛି ଏବଂ ବର୍ତ୍ତମାନର ପରିସ୍ଥିତିକୁ ଶତ୍ରୁତାରେ ଏକ ଅସ୍ଥାୟୀ ବିରତି ଭାବରେ ବର୍ଣ୍ଣନା କରିଛନ୍ତି।

ପାକିସ୍ତାନର ସିଧାସଳଖ ନାମ ନ ନେଇ,



ଜେନେରାଲ ଦ୍ୱିବେଦୀ ଭାରତର ସାମରିକ ପ୍ରସ୍ତୁତିକୁ ଉଜ୍ଜ୍ୱଳ କରି ଏକ ଦୃଢ଼ ବାର୍ତ୍ତା ଦେଇଛନ୍ତି। ସେ ସୂଚିତ କରିଛନ୍ତି ଯେ ଯଦି ଏକ ନୂତନ ଅପରେସନ ଆବଶ୍ୟକ ହୁଏ ତେବେ କେବଳ ସେନା ନୁହେଁ, ବରଂ ବାୟୁସେନା ଏବଂ ନୌସେନା ମଧ୍ୟ ସମ୍ପୂର୍ଣ୍ଣ ପ୍ରସ୍ତୁତ।

ସେନା ମୁଖ୍ୟ କହିଛନ୍ତି, "ଭାରତୀୟ ସେନା ଏବଂ ତିନୋଟି ସେବା ଅପରେସନ ସିନ୍ଦୂର ୨.୦ ପାଇଁ ଭଲ ଭାବରେ ପ୍ରସ୍ତୁତି କରୁଛନ୍ତି, ଯଦି ଏହା ହୁଏ। ବର୍ତ୍ତମାନ, ଆମେ ତିନୋଟି ସେବା ମଧ୍ୟରେ ସମନ୍ୱୟ ବୃଦ୍ଧି କରିବା ଏବଂ ପରବର୍ତ୍ତୀ ଯୁଦ୍ଧ ପାଇଁ ନିଜକୁ ପ୍ରସ୍ତୁତ କରିବା ଉପରେ ଧ୍ୟାନ ଦେଉଛୁ।

ସେ ଆହୁରି କହିଛନ୍ତି, "ଯୁଦ୍ଧକ୍ଷେତ୍ର ଏତେ ଖୋଲା ଯେ ପ୍ରତ୍ୟେକ ଗତିବିଧି ଅନ୍ୟ ପକ୍ଷକୁ ଜଣାପଡ଼ିଯାଏ। ତେଣୁ ଆମକୁ ଆମର ସେନା ଏବଂ ସୀମାବର୍ତ୍ତୀ ଅଞ୍ଚଳରେ ରହୁଥିବା ସାଧାରଣ ନାଗରିକଙ୍କ ନିୟୋଜନ, ଏବଂ ସୁରକ୍ଷା ପ୍ରତି ଅତ୍ୟନ୍ତ ସତର୍କ ରହିବାକୁ ପଡ଼ିବ।"

ଜେନେରାଲ ଦ୍ୱିବେଦୀ କହିଛନ୍ତି ଯେ ସୂଚନା ଯୁଦ୍ଧ କେବଳ ସେତେବେଳେ ସଫଳ ହୁଏ ଯେତେବେଳେ *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ବିସ୍ଫୋରକ ସାମଗ୍ରୀ ଚୋରା ଚାଲାଣ ମାମଲାରେ କେରଳର ଚାରୋଟି ଜିଲ୍ଲାରେ ଏନଆଇଏର ଚଢଉ।
- ସାଂସଦ ଅଭିଷେକ ବାନାର୍ଜୀଙ୍କ ଉପରେ ଆକ୍ରମଣ ଅଭିଯୋଗ ନେଇ ତୃଣମୂଳ ବିଜେପି ଉପରେ କଲା ପାଲଟା ଆକ୍ରମଣ।
- ଭାରତ-ନେପାଳ ସୀମା ଅନଧିକାର ପ୍ରବେଶ ମାମଲାରେ ଆମେରିକୀୟ ବ୍ୟକ୍ତିଙ୍କୁ ଅଢେଇ ବର୍ଷ ଜେଲ୍ ଦଣ୍ଡାଦେଶ।


ଏଇ ଜୁନ୍ ଆରମ୍ଭରେ ବୃହସ୍ପତି ଚଳନ-ପୃଷ୍ଠା ୩

■ ଜ୍ୟୋତିର୍ବିଦ ଦୀପ୍ତିରେଖା ନନ୍ଦ


## ଶୀତଳ ଷଷ୍ଠୀ ପାଇଁ ୧.୮ କୋଟି ଅନୁଦାନ

ଭୁବନେଶ୍ୱର, ୩୦।୫

ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆଦେଶ କ୍ରମେ ସମ୍ବଲପୁର ଜିଲ୍ଲା ଶୀତଳ ଷଷ୍ଠୀ ପର୍ବ ପାଳନ ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୧ କୋଟି ୮ଲକ୍ଷ ଟଙ୍କା ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ। ଚଳିତ ବର୍ଷ ସମ୍ବଲପୁର ଜିଲ୍ଲାର ସର୍ବମୋଟ ୨୧ଟି କମିଟିଙ୍କୁ ୧ କୋଟି ୮ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରିବା ସହ ସଂସ୍କୃତି ମନ୍ତ୍ରୀ *(ପୃଷ୍ଠା ୭ରେ)*

# ଦୁର୍ନୀତି ବିରୁଦ୍ଧରେ ମୁଖ୍ୟମନ୍ତ୍ରୀଙ୍କ ଶୂନ୍ୟସହନଶୀଳତା

ଭୁବନେଶ୍ୱର, ୩୦।୫

ନ୍ୟୁଜ୍ ବ୍ୟୁରୋ

ଦୁର୍ନୀତି ବିରୁଦ୍ଧରେ କଡା ଆଭିମୁଖ୍ୟ ଜାରି ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରର ପୂର୍ବତନ ଅତିରିକ୍ତ ତହସିଲଦାର ଚିତ୍ତରଞ୍ଜନ ପିଲ୍ଲାଙ୍କୁ ଚାକିରିରୁ ବରଖାସ୍ତ କରିଛନ୍ତି।

ଶ୍ରୀ ପିଲ୍ଲା ପୂର୍ବରୁ ଭୁବନେଶ୍ୱରରେ ଅତିରିକ୍ତ ତହସିଲଦାର ଭାବେ କାର୍ଯ୍ୟ କରୁଥିଲେ ଏବଂ ପରେ ଜଗତସିଂହପୁରରେ ଡେପୁଟି କଲେକ୍ଟର ଭାବେ କାର୍ଯ୍ୟରେ ଯୋଗଦେଇଥିଲେ। ଭୁବନେଶ୍ୱରରେ ଅତିରିକ୍ତ ତହସିଲଦାର



ଥିବାବେଳେ ତାଙ୍କର ଅନେକ ନିଷ୍ପତ୍ତିରେ ଅନିୟମିତତାର ତଥ୍ୟ ଆସିଥିଲା।

ଶ୍ରୀ ପିଲ୍ଲାଙ୍କର ଜମିଜମା ସମ୍ପର୍କିତ ଅନେକ ନିଷ୍ପତ୍ତି ସମ୍ବନ୍ଧରେ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ଦ୍ୱାରା ତଦନ୍ତ କରାଯାଇଛି ଏବଂ ଏହି ତଦନ୍ତରୁ ବିଭିନ୍ନ ଅନିୟମିତତା ସ୍ପଷ୍ଟ ଭାବେ ପ୍ରକାଶ ପାଇଛି।

ଏଥିପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମ୍ପୃକ୍ତ ଅଧିକାରୀ ଚିତ୍ତରଞ୍ଜନ ପିଲ୍ଲାଙ୍କୁ ସରକାରୀ ସେବାରୁ ବରଖାସ୍ତ କରିଛନ୍ତି।

ସୂଚନାଯୋଗ୍ୟ ଯେ, ଦୁର୍ନୀତି ବିରୁଦ୍ଧରେ ଶୂନ୍ୟସହନଶୀଳତା ନୀତି ଅବଲମ୍ବନ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଆସିଛନ୍ତି। କୌଣସି ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଛଡା ଯିବନାହିଁ ବୋଲି ମୁଖ୍ୟମନ୍ତ୍ରୀ ଅନେକ ସମୟରେ କହି ଆସିଛନ୍ତି।





## ଏକାଳ ପଖାଳ



ରିପୋର୍ଟ କାର୍ଡ ଦାଖଲ ହେବ
ହେବ ସବୁତକ ଦେଖା
କିଏ କେତେ ଭଲ ନମ୍ବର ରଖିଛି
ଆଉ କାହା କାର୍ଡ ଫାଙ୍କା
ମନ୍ତ୍ରୀଙ୍କୁ ଲାଗିବ ଟେଙ୍କା
ଏଇ କଥା ଜନେ ଭାବନ୍ତି ଏଇନା
ଦେଖିବା କେହେବ ବୋକା।

# ଅର୍ଥ ମନ୍ତ୍ରଣାଳୟକୁ ଘାରିଲା ଦରଦାମ୍ ଚିନ୍ତା



ନୂଆଦିଲ୍ଲୀ, ୩୦।୫

ମଧ୍ୟପ୍ରାଚ୍ୟ ଯୁଦ୍ଧ, ଦୁର୍ବଳ ଟଙ୍କା, ଅଶୋଧିତ ତେଲ ଠାରୁ ଆରମ୍ଭ କରି ପେଟ୍ରୋଲ, ଡିଜେଲ ଦରବୃଦ୍ଧି ଏବଂ ଚଳିତବର୍ଷ ଦକ୍ଷିଣ ପଶ୍ଚିମ ମୌସୁମୀ ବର୍ଷା ଦୁର୍ବଳ ହେବା ନେଇ ପୂର୍ବାନୁମାନ କରାଯିବା ପରେ ଅର୍ଥ ମନ୍ତ୍ରଣାଳୟର ଚିନ୍ତା ବଢ଼ିଯାଇଛି। ସଂପ୍ରତି ପାଇକାରୀ ମୁଦ୍ରାସ୍ଫୀତି ଉଚ୍ଚସ୍ତରରେ ରହିଛି। ଏଥିପାଇଁ ଆଗାମୀ ଦିନରେ ଖୁଚୁରା ମୁଦ୍ରାସ୍ଫୀତି ମଧ୍ୟ ବଢ଼ିବା ଆଶଙ୍କା ରହିଛି। ଏସବୁ ଦୃଷ୍ଟିରୁ ସରକାରଙ୍କୁ ସତର୍କ ରହିବାକୁ ହେବ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ରିଜର୍ଭ ବ୍ୟାଙ୍କ ପକ୍ଷରୁ ଦ୍ୱିମାସିକ ମୁଦ୍ରାନୀତି ସମୀକ୍ଷା ରିପୋର୍ଟ ଆସନ୍ତା ମାସ ୫ ତାରିଖରେ ପ୍ରକାଶ ହେବ। ଏହାର କିଛିଦିନ ପୂର୍ବରୁ ଅର୍ଥ ମନ୍ତ୍ରଣାଳୟ ଏଭଳି ଚିନ୍ତା ପ୍ରକଟ କରିଛି। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ମେ' ମାସ ପାଇଁ ପ୍ରକାଶିତ ଅର୍ଥନୈତିକ ସମୀକ୍ଷା ରିପୋର୍ଟରେ କୁହାଯାଇଛି ଯେ ଭାରତ ଏସବୁ ସ୍ଥିତିକୁ ସମ୍ଭାଳିବାକୁ ସକ୍ଷମ ହୋଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ଭାବେ ବିପଦମୁକ୍ତ ନୁହେଁ। ଅନ୍ତର୍ଜାତୀୟ ସ୍ତରରେ ଦେଖା ଦେଇଥିବା ଅନିଶ୍ଚିତତା ସତ୍ତ୍ୱେ ଭାରତର ଘରୋଇ ସ୍ଥିତି ମଜଭୁତ ରହିଛି। ସରକାରଙ୍କ ନୀତିକୁ ନେଇ ନିରନ୍ତର ଭାବେ ସତର୍କ ରହିବାକୁ ହେବ।

# ମହାନଦୀ ଜଳ ବିବାଦ : ୧୫ଟି ପ୍ରସଙ୍ଗରୁ ୧୨ଟିରେ ଦୁଇ ରାଜ୍ୟ ସହମତ

ଭୁବନେଶ୍ୱର, ୩୦।୫

ନ୍ୟୁଜ୍ ବ୍ୟୁରୋ

ମହାନଦୀ ଜଳ ବିବାଦ ମାମଲାରେ ଟ୍ରିବ୍ୟୁନାଲ୍‌ଙ୍କ ନିକଟରେ ୧୫ଟି ପ୍ରସଙ୍ଗ ଦାଖଲ କରାଯାଇଛି। ୧୫ଟି ପ୍ରସଙ୍ଗରୁ ୧୨ଟିରେ ଦୁଇ ରାଜ୍ୟ ସହମତି ପ୍ରକାଶ କରିଛନ୍ତି। ଆଡଭୋକେଟ୍ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଏହି ସୂଚନା ଦେଇଛନ୍ତି।

ସେ କହିଛନ୍ତି ମହାନଦୀ ଜଳ ବିବାଦ ମାମଲାରେ ଟ୍ରିବ୍ୟୁନାଲ୍‌ଙ୍କ ନିକଟରେ ଆଜିର ଶୁଣାଣି ଶେଷ ହୋଇଛି।୧୨ଟି ପ୍ରସଙ୍ଗରେ ଦୁଇ ରାଜ୍ୟ ସହମତି ପ୍ରକାଶ କରିଛନ୍ତି। ସହମତି ପ୍ରକାଶ ନେଇ ଉଭୟ ରାଜ୍ୟ



ଟ୍ରିବ୍ୟୁନାଲଙ୍କୁ ଅବଗତ କରିଛନ୍ତି। ଅନ୍ୟ ପ୍ରସଙ୍ଗରେ ଦୁଇ ରାଜ୍ୟର ବିଭିନ୍ନ ଟିମ୍ ବସି ସମାଧାନ କରିବେ। ଉଭୟ ରାଜ୍ୟର ଟେକ୍ନିକାଲ୍ ଟିମ୍ ଓ ଲିଗାଲ୍ ଟିମ୍ ବସି ସମାଧାନର ବାଟ ବାହାର କରିବେ। ଟ୍ରିବ୍ୟୁନାଲ୍‌ରେ ପାଖାପାଖି *(ପୃଷ୍ଠା ୭ରେ)*



# ଗଞ୍ଜାମରେ କଥା କହୁଛି ଖଣ୍ଡା ଓ ବନ୍ଧୁକ : ୧୦ ବର୍ଷରେ ଗଡ଼ିଛି ୯୩୯ ମୁଣ୍ଡ



**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**
ଗଞ୍ଜାମ ଜିଲ୍ଲାରେ ଇତିହାସ ପୁଣି କଡ଼ ଲେଉଟାଇଛି। ଅପରାଧ ପାଇଁ ଜିଲ୍ଲା ପୁଣି ଅପଯଶ ମୁଣ୍ଡାଇଛି। ପୁଲିସର ପାରିବାପଣିଆ ଉପରେ ଲାଗିଛି ପ୍ରଶ୍ନଚିହ୍ନ। ସରକାରଙ୍କ ଛବି ବି ମଳିନ ହେଉଛି। ଅବଶ୍ୟ ଏବେ ପୁଲିସ ପୁଣି ଏନ୍‌କାଉଣ୍ଟର ଧାରାକୁ ଫେରି ଅପରାଧୀଙ୍କୁ ଡରାଇବା ଆରମ୍ଭ କରିଛି। ଇତିହାସର ପୃଷ୍ଠା ଓଲଟାଇଲେ ଜିଲ୍ଲାରେ ଗତ ୧୦ବର୍ଷରେ (୨୦୧୬ରୁ ୨୦୨୫) ୯୩୯ ହତ୍ୟାକାଣ୍ଡ ଘଟିଛି। ଏଥିସହ ୨୦୨୬ ମସିହାରେ ପାଖାପାଖି ୨୦ ମୁଣ୍ଡ ଗଡ଼ିସାରିଲାଣି। ତଥ୍ୟ ଅନୁସାରେ, ବିଜେଡି ସରକାରଙ୍କ ଶେଷ ୮ ବର୍ଷ ଭିତରେ ଗଞ୍ଜାମ ଜିଲ୍ଲା ୭୫୫ଟି ହତ୍ୟାକାଣ୍ଡ ଦେଖିଛି। ୨୦୧୬ରେ ୭୮ଟି ହତ୍ୟାକାଣ୍ଡ ଘଟିଥିବାବେଳେ ୨୦୧୭ରେ ୮୭ଟି, ୨୦୧୮ରେ ୯୪ଟି, ୨୦୧୯ରେ ୯୬ଟି, ୨୦୨୦ରେ ୮୯ଟି, ୨୦୨୧ରେ ୧୧୧ଟି, ୨୦୨୨ରେ ୮୨ଟି, ୨୦୨୩ରେ ୧୧୪ଟି ହତ୍ୟାକାଣ୍ଡ ଘଟିଥିଲା। ସେହିପରି ୨୦୨୪ରେ ସରକାର ପରିବର୍ତ୍ତନ ହେଲା। ଲୋକ ଭାବିଥିଲେ ନୂଆ ସରକାରରେ ଅପରାଧ କମିବ। ହେଲେ ବିଜେପି ସରକାରରେ ମଧ୍ୟ ଅପରାଧ ଗ୍ରାଫ୍ ଉପରମୁହାଁ ହୋଇଛି। ୨୦୨୪ରେ ଗଞ୍ଜାମ ଜିଲ୍ଲାରେ ୯୧ଟି ହତ୍ୟାକାଣ୍ଡ ଘଟିଥିବାବେଳେ ୨୦୨୫ରେ ୯୭ଟି ହତ୍ୟାକାଣ୍ଡ ଘଟିଛି। ସେଥିରୁ କେବଳ ବ୍ରହ୍ମପୁର ପୁଲିସ ଜିଲ୍ଲାରେ ୨ବର୍ଷରେ ଯଥାକ୍ରମେ ୩୦ଟି ଓ ୨୮ଟି ମୁଣ୍ଡ ଗଡ଼ିଛି। ଏହାକୁ ବାଦ୍ ଦେଲେ ଗୋପାଳପୁର ବେଳାଭୂମି ଗଣଦୁଷ୍କର୍ମ ଓ ବିଜେପି ନେତା ପୀତବାସ ପଣ୍ଡା ହତ୍ୟାକାଣ୍ଡ ବି ନୂଆ ସରକାରରେ ଘଟିଛି। ଗୋଟିଏ ମାସରେ ଗୋପାଳପୁର ଓ ପୋଲସରା ଥାନା ଅଞ୍ଚଳର ୨ ଜଣଙ୍କୁ ଉଠାଇ ନେଇ ହତ୍ୟା ପରେ ଶବ ଫିଙ୍ଗି ଦିଆଗଲା। ବ୍ରହ୍ମପୁର ସହରରେ ରାସ୍ତାରେ ଲୋକଙ୍କ ସାମନାରେ ଅପରାଧୀମାନେ ଅତି ଅମାନୁଷିକ ଭାବେ ଜଣକୁ ଠେଙ୍ଗାରେ ପିଟିବା ଏବଂ ଆଉଜଣଙ୍କୁ ହାଣିବା ଦୃଶ୍ୟ ସମସ୍ତଙ୍କୁ ବିଚଳିତ କରିଛି। ପୁଲିସ ଉପରୁ ଲୋକଙ୍କ ବିଶ୍ୱାସ ଉଠିଯାଉଛି। ପୁଲିସକୁ ପୁରୁଣା ଫର୍ମାଟକୁ ଫେରିବାକୁ ପଡ଼ିବ ବୋଲି ଦାବି ଉଠୁଛି। ଅପରାଧୀଙ୍କ ଉପରେ ଶୂନ୍ୟ ସହନଶୀଳ ହେବାକୁ ଲୋକେ ଅପିଲ୍ କରୁଛନ୍ତି। ଅବଶ୍ୟ ଗତ ୧୧ ଦିନ ଭିତରେ ବ୍ରହ୍ମପୁର ପୁଲିସ ୫ଜଣଙ୍କୁ ଏନ୍‌କାଉଣ୍ଟର କରିସାରିଲାଣି। ଯାହା ପୁଲିସର ଛବି ସଜାଡ଼ିବା ସହ ଅପରାଧୀଙ୍କ ମନରେ ଭୟ ସୃଷ୍ଟି କରିପାରିବ ବୋଲି ମତପ୍ରକାଶ ପାଉଛି। ସୂଚନାଯୋଗ୍ୟ, ୨୦୧୬ରୁ ୨୦୨୪ ମସିହା। ମୁଖ୍ୟମନ୍ତ୍ରୀ ଥିଲେ ନବୀନ ପଟ୍ଟନାୟକ। ଗଞ୍ଜାମ ଜିଲ୍ଲା ହିଞ୍ଜିଳିରୁ ପ୍ରତିନିଧିତ୍ୱ କରୁଥିଲେ। ହେଲେ ବିଜେଡି ସରକାର ଅମଳରେ କଥା କଥାକେ ମୁଣ୍ଡ ଗଡୁଥିଲା। ୨୦୨୧ ଓ ୨୦୨୩ରେ ଜିଲ୍ଲାରେ ହତ୍ୟା ସଂଖ୍ୟା ତିନି ଅଙ୍କ ଟପିଥିଲା। ଉପରମୁହାଁ ଗ୍ରାଫ୍ ଦେଖି ପୁଲିସ ଓ ସରକାର ବି ତାଟକା ହେଉଥିଲେ। ଏବେ ନୂଆ ସରକାରରେ ବି ସମାନ ସ୍ଥିତି। ଘରୁ ଟେକିନେଇ ହତ୍ୟା, ଗଣଦୁଷ୍କର୍ମ ଜିଲ୍ଲାର ମୁଣ୍ଡକୁ ତଳକୁ କରିସାରିଛି।

# ବସ୍‌ଷ୍ଟପ୍‌ରେ ଏଣିକି ବୋହିବନି ଝାଳ : ୧୦ଟି ଷ୍ଟପ୍‌ରେ ବିଏମସି ଲଗାଇଲା ବେଣାଟେର



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ପାଇଁ ବିଏମସିର ବ୍ୟାପକ ପଦକ୍ଷେପ। ସହରର ବସ ଷ୍ଟାଣ୍ଡରେ ବିଏମସି ଲଗାଇଲା ସ୍ୱତନ୍ତ୍ର ବେଣାଟେର ପରଦା। ଅପେକ୍ଷାରତ ବସ ଯାତ୍ରୀମାନଙ୍କୁ ପ୍ରବଳ ଗ୍ରୀଷ୍ମ ପ୍ରବାହରୁ ରକ୍ଷା କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଉଦଘାଟିତ ହୋଇଛି ସ୍ୱତନ୍ତ୍ର ବେଣାଟେର ପରଦାର ବସ୍ କ୍ୟୁ ସେଲଟର। ବିଏମସି ମୁଖ୍ୟାଳୟ ସମ୍ମୁଖରେ ଥିବା ବସଷ୍ଟାଣ୍ଡରୁ ଏହାର ଶୁଭାରମ୍ଭ ହୋଇଛି। ସହରର ୧୦ ଗୋଟି ପ୍ରମୁଖ ବସ ଷ୍ଟପରେ ଏହି ସ୍ୱତନ୍ତ୍ର ବେଣାଟେରରେ ତିଆରି ହୋଇଥିବା ବସ୍ କ୍ୟୁ ସେଲଟର ହୋଇଛି। ସେଗୁଡିକ ମଧ୍ୟରେ ରୂପାଲୀ ଛକ, ବାଣୀବିହାର ନିକଟ ୱାଟକୋ ଅଫିସ୍ ସମ୍ମୁଖ, ବାଣୀବିହାର ପାଣ୍ଟାଲୁନ୍ ସମ୍ମୁଖ, ରସୁଲଗଡ, ଜୟଦେବ ବିହାର ଛକ, ଡମଣା ଛକ (ଜୟଦେବ ବିହାର ଆଡକୁ), ଡମଣାଛକ (ପଟିଆ ଆଡକୁ), ରାଜଧାନୀ କଲେଜ୍ ଗେଟ୍ ସମ୍ମୁଖ, ରାଜଧାନୀ କଲେଜ (ଫାୟାର ଷ୍ଟେସନ ଆଡକୁ)ଆଦି ରହିଛି। ଏହି ବେଣା ଚେର ନିର୍ମିତ ବସ୍ କ୍ୟୁ ସେଲଟରେରେ ଦୈନିକ ୩ ଥର ଲେଖାଏଁ ପାଣି ଦିଆଯାଉଛି। ଯାହା ଫଳରେ କେବଳ ତା ଭିତର ନୁହେଁ, ପାର୍ଶ୍ୱବର୍ତ୍ତୀ ଅଂଚଳ ମଧ୍ୟ ଥଣ୍ଡା ରହିବ। ଯାହାଦ୍ୱାରା ଦୀର୍ଘ ସମୟ ଧରି ପ୍ରବଳ ଗ୍ରୀଷ୍ମ ପ୍ରବାହରେ ଅପେକ୍ଷା କରିବାକୁ ପଡୁଥିବା ଲୋକମାନେ ଖରାରୁ ଟିକେ ଆଶ୍ୱସ୍ତ ଅନୁଭବ କରିବେ ବୋଲି କହିଛନ୍ତି ଭୁବନେଶ୍ୱର ମେୟର। ଆଗାମୀ ଦିନରେ ସହରରେ ଆଉ ୨୦ ଟି ସ୍ଥାନରେ ଏହି ଶୀତଳ ବସ ଷ୍ଟପ ବ୍ୟବସ୍ଥା କରାଯିବ। ସେପଟେ ଗ୍ରୀଷ୍ମ ପ୍ରବାହରୁ ଜନସାଧାରଣଙ୍କ ସହ ବୁଲା ପଶୁ ପକ୍ଷୀଙ୍କୁ ସୁରକ୍ଷା ଦେବା ପାଇଁ ବିଏମସି ବ୍ୟାପକ ପଦକ୍ଷେପ ନେଇଛି। ଦୀର୍ଘସ୍ଥାୟୀ ଏବଂ ପ୍ରାକୃତିକ ଉପାୟରେ ସମସ୍ତଙ୍କୁ ସୁରକ୍ଷା ଦେବା ପାଇଁ ଉଦ୍ୟମ ଜାରି ରଖିଛି। ଲୋକଙ୍କୁ ସୁରକ୍ଷା ଦେବା ପାଇଁ ବିଭିନ୍ନ ଟ୍ରାଫିକ୍ ଛକରେ ସ୍ୱତନ୍ତ୍ର ସ୍ଥାୟୀ ସେଡ୍ ନିର୍ମାଣ କରାଯାଇଛି। ଫଳରେ ପଥଚାରୀମାନେ ଟ୍ରାଫିକ୍ ଛକରେ ଖରା ଓ ବର୍ଷାରୁ ରକ୍ଷା ପାଇପାରିବେ। ଏଜି ଛକଠାରେ ଏହା ସଂପୂର୍ଣ୍ଣଭାବେ କାର୍ଯ୍ୟକ୍ଷମ ହୋଇସାରିଥିବା ବେଳେ ରୂପାଲୀ ଛକ ଓ ପାୱାର ହାଉସ ଛକରେ ସେଡ୍ କାର୍ଯ୍ୟ ଚାଲୁରହିଛି। ସେହିପରି ବିଭିନ୍ନ ଅଂଚଳରୁ ଆସୁଥିବା ଲୋକେ କିମ୍ବା ବିଭିନ୍ନ ସ୍ଥାନକୁ ଯିବାପାଇଁ ବସ୍ ଷ୍ଟାଣ୍ଡରେ ଲୋକମାନଙ୍କୁ ଦୀର୍ଘ ସମୟ ଧରି ଅପେକ୍ଷା କରିବାକୁ ପଡୁଛି। ଫଳରେ ଲୋକମାନେ ଅସୁସ୍ଥତା ଅନୁଭବ କରୁଛନ୍ତି। ସେଥିରୁ ରକ୍ଷା ପାଇବା ପାଇଁ କଳ୍ପନା ଓ ଫାୟାରଷ୍ଟେସନ ଛକଠାରେ ଦୁଇଟି ଶୀତଳ ବିଶ୍ରାମ ସ୍ଥଳ ଖୋଲାଯାଇଛି। ଲୋକମାନେ ଏହିଠାରେ କିଛି ସମୟ ପାଇଁ ଆଶ୍ରୟ ନେଇ ଖରାରୁ ରକ୍ଷା ପାଇପାରୁଛନ୍ତି। ଏହି ଶୀତଳ ବିଶ୍ରାମସ୍ଥଳଗୁଡିକୁ ଏସି ବଦଳରେ ବେଣା ଚେରଦ୍ୱାରା ଥଣ୍ଡା କରାଯାଉଛି। ଯାହା ଫଳରେ ପରିବେଶ ସୁରକ୍ଷିତ ରହିବା ସହ ପ୍ରାକୃତିକ ଉପାୟରେ ଲୋକମାନେ ଥଣ୍ଡା ପବନ ପାଇପାରୁଛନ୍ତି। ଏହି ବେଣା ଚେରରେ ପାଣି ଦେବା ପାଇଁ ସ୍ୱତନ୍ତ୍ର ଭାବେ ଲୋକଙ୍କୁ ନିୟୋଜିତ କରାଯାଇଛି। ତେବେ ଭୁବନେଶ୍ୱର ରାଜ୍ୟର ରାଜଧାନୀ ହୋଇଥିବାରୁ ଏଠାକୁ ଦୈନିକ ହଜାର ହଜାର ଲୋକ ବିଭିନ୍ନ କାର୍ଯ୍ୟରେ ଆସିଥାନ୍ତି। ସେମାନଙ୍କୁ ଥଣ୍ଡା ପାନୀୟ ଜଳ ଯୋଗାଇ ଦେବା ପାଇଁ ବିଏମସି ପକ୍ଷରୁ ସହରର ୪୦ଟି ଜନ ଗହଳିପୂର୍ଣ୍ଣ ସ୍ଥାନରେ ସୋଲାର ୱାଟର କିଓସ୍କ ସ୍ଥାପନ କରାଯାଇଅଛି। ଫଳରେ ଲୋକମାନେ ଏଠାରୁ ଥଣ୍ଡା ପାନୀୟ ଜଳ ପାଇପାରୁଛନ୍ତି। ଏହା ଦ୍ୱାରା ବିଦ୍ୟୁତ୍ ସଂଚୟ ହେବା ସହ ସୌରଶକ୍ତିର ସୁବିନିଯୋଗ କରାଯାଉଛି। ଅନ୍ୟପକ୍ଷରେ ପରିବେଶର ମଧ୍ୟ ସୁରାକ୍ଷା ହୋଇପାରୁଛି। କେବଳ ସେତିକି ନୁହେଁ, ବିଭିନ୍ନ ସ୍ଥାନରେ ଜଳଛତ୍ର ମଧ୍ୟ ଖୋଲାଯାଇ ଲୋକମାନଙ୍କୁ ପାନୀୟ ଜଳ ଯୋଗାଇ ଦିଆଯାଉଛି। କେବଳ ମଣିଷମାନଙ୍କ ପାଇଁ ନୁହେଁ, ବୁଲା ପଶୁ ପକ୍ଷୀଙ୍କ ପାଇଁ ମଧ୍ୟ ବିଭିନ୍ନ ସ୍ଥାନରେ ଜଳ ବ୍ୟବସ୍ଥା କରାଯାଇଛି। ବୁଲା ଗାଈଗୋରୁ, କୁକୁର, ବିରାଡି, ମାଙ୍କଡ ଆଦି ପଶୁମାନଙ୍କ ପାଇଁ ବିଭିନ୍ନସ୍ଥାନରେ କୁଣ୍ଡରେ ନିୟମିତ ପାଣି ରଖାଯାଉଥିବା ବେଳେ ଚଢେଇମାନଙ୍କ ପାଇଁ ବିଭିନ୍ନ ଗଛ ଓ ସେମାନଙ୍କର ସମାଗମ ସ୍ଥାନରେ ଜଳ ବ୍ୟବସ୍ଥା କରାଯାଇଛି। ଏପରକି ଚଢେଇମାନଙ୍କ ପାଇଁ ବିଭିନ୍ନ ସ୍ଥାନରେ ବସା ତିଆରି କରି ଗଛଗୁଡିକରେ ରଖାଯାଉଛି। ଫଳରେ ଚଢେଇମାନେ ସେହିସବୁ ବସାରେ ଆଶ୍ରୟ ନେଉଛନ୍ତି। ଏହା ବ୍ୟତୀତ ବିଏମ୍ ସି ପାର୍କଗୁଡିକରେ ମଧ୍ୟ ପଶୁପକ୍ଷୀଙ୍କ ପାଇଁ ଜଳ ବ୍ୟବସ୍ଥା କରାଯାଇଛି। ଏହି ଉଦ୍ଘାଟନରେ ମଧ୍ୟମ ବିଧାୟକ ଅନନ୍ତ ନାରାୟଣ ଜେନା, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଂଜୁଲତା କହଁର, ସ୍ୱାସ୍ଥ୍ୟ ଓ ପରିମଳ ଷ୍ଟାଣ୍ଡିଂ କମିଟି ଅଧକ୍ଷ ବିରଞ୍ଚି ନାରାୟଣ ମହାସୂପକାର, ଅତିରିକ୍ତ କମିଶନର କୈଳାସ ଚନ୍ଦ୍ର ଦାସ, ସ୍ଥାନୀୟ କର୍ପୋରେଟର ରଂଜୁଲତା ରାୟ, ପରିମଳ ଉପାୟୁକ୍ତ ଏନ୍. ଗଣେଶ ବାବୁ ପ୍ରମୁଖ ସାମିଲ ହୋଇ ଲୋକଙ୍କ ପାଇଁ ଏହି ସୁନ୍ଦର ସେବାର ଉଦ୍ଘାଟନ କରିଛନ୍ତି।

# ଜଙ୍ଗଲରୁ ମୃତଦେହ ମିଳିବା ଘଟଣାରୁ ଉଠିଲା ପରଦା : ଦୁର୍ଘଟଣା ଲୁଚାଇବାକୁ ପିତାପଲ୍ଲୀରେ ଫିଙ୍ଗିଥିଲେ, ଚାଳକ ଗିରଫ



**ଭୁବନେଶ୍ୱର ନ୍ୟୁଜ ବ୍ୟୁରୋ**
ରାଜଧାନୀ ଉପକଣ୍ଠ ପିତାପଲ୍ଲୀ ମୋରମ୍ ଖଣି ନିକଟରେ ଥିବା ରତନପୁର କାଜୁ ଜଙ୍ଗଲରେ ଜଣଙ୍କ ମୃତଦେହ ଉଦ୍ଧାର ଘଟଣାରେ ରହସ୍ୟ ଉନ୍ମୋଚନ କରିଛି ପୋଲିସ। ପୋଲିସ ମୃତ ବ୍ୟକ୍ତିଙ୍କ ପରିଚୟ ପାଇଥିବା ବେଳେ ଘଟଣା ପଛର କାରଣ ପଦାକୁ ଆସିଛି। ମୃତକ ହେଲେ ଛତିଶଗଡ ବିଳାସପୁର ଜିଲା ଚମ୍ପା ଥାନା ଅଞ୍ଚଳର ଗୋବର୍ଦ୍ଧନ ଯାଦବ (୪୭)। ସେ ଏୟାରଫିଲ୍ଡ ଥାନା ସୁନ୍ଦରପଦା ଅଞ୍ଚଳରେ ଏକ ଆପାର୍ଟମେଣ୍ଟର କେୟାର ଟେକର ଭାବେ କାମ କରୁଥିଲେ। ତେବେ ଦୁର୍ଘଟଣା ଘଟଣା ଚପାଇବା ପାଇଁ ମୃତଦେହକୁ ଲୁଚାଇ କାଜୁ ଜଙ୍ଗଲରେ ଫିଙ୍ଗିଥିଲେ ଅଭିଯୁକ୍ତ। ତେବେ ଦୁର୍ଘଟଣା ଘଟାଇ ଘଟଣାକୁ ଚପାଇଦେବା ପାଇଁ ଉଦ୍ୟମ କରି ଚାଳକ ରାମଚନ୍ଦ୍ର ଲେଙ୍କା, ହାଇୱା ମାଲିକ ଡମ୍ବୁରଧର ସୁନ୍ଦରାୟଙ୍କ ପୁଅ ସୋନୁ ସୁନ୍ଦରାୟ ଓ ମ୍ୟାନେଜର ରାଜା ସ୍ୱାଇଁ ମୃତଦେହକୁ ସୁନ୍ଦରପଦାରୁ ଆଣି ପିତାପଲ୍ଲି କାଜୁ ଜଙ୍ଗଲରେ ଫିଙ୍ଗିଥିଲେ ବୋଲି ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଇନଫୋଭ୍ୟାଲି ପୋଲିସ ହାଇୱାକୁ ଜବତ କରିବା ସହ ଅଭିଯୁକ୍ତ ଚାଳକକୁ ପୋଲିସ ଗିରଫ କରିଛି। ଗାଡି ଚାଳକ ହେଲା ନୟାଗଡ଼ ଜିଲା ଫତେଗଡ ଥାନା ପାଠାଘାଇର ରାମଚନ୍ଦ୍ର ଲେଙ୍କା। ତେବେ ମାଲିକ, ତାଙ୍କ ପୁଅ ଓ ମ୍ୟାନେଜର ଫେରାର ଅଛନ୍ତି। ଆଜି ଏହି ଘଟଣାରେ ପୋଲିସ କମିଶନର ଏସ ଦେବଦତ୍ତ ସିଂ ସାମ୍ବାଦିକ ସମ୍ମିଳନୀ ଜରିଆରେ ଘଟଣାର ରହସ୍ୟ ଉନ୍ମୋଚନ କରିଥିଲେ। ପୋଲିସ ସୂଚନା ଅନୁଯାୟୀ, ଦିଲ୍ଲୀପ୍ କୁମାର ମହାପାତ୍ର ନାମକ ଜଣେ ବ୍ୟକ୍ତିଙ୍କ ସୁନ୍ଦରପଦା ଠାରେ ନିଜ ଘର ନିର୍ମାଣ ଚାଲିଛି। ନିର୍ମାଣ କାମରେ ଦେଖାଶୁଣା ପାଇଁ ସେ ଗୋବର୍ଦ୍ଧନ ଯାଦବଙ୍କୁ ନିୟୋଜିତ କରିଥିଲେ। ଏହି ନିର୍ମାଣ କାମକୁ ଠିକାଦାର ବଟକୃଷ୍ଣ ଜେନା କରୁଥିଲେ। ଉକ୍ତ ନିର୍ମାଣ କାମରେ ବାଲି ପକାଇବା ପାଇଁ ଆଇଗିଣିଆ ଡମ୍ବୁରଧର ସୁନ୍ଦରାୟଙ୍କ ହାଇୱାକୁ ନିୟୋଜିତ କରିଥିଲେ। ଗତ ସୋମବାର ରାତିରେ ହାଇୱା ଚାଳକ ରାମଚନ୍ଦ୍ର ଲେଙ୍କା ବାଲି ନେଇ ଆସିଥିଲେ। କିନ୍ତୁ ପ୍ରବଳ ଗରମ ଯୋଗୁଁ ଗୋବର୍ଦ୍ଧନ ବାହାରେ ଶୋଇଥିଲେ। ବାଲି ଖାଲି କରିବା ପାଇଁ ହାଇୱା ଚାଳକ ରାମଚନ୍ଦ୍ର ପଛକୁ ଗାଡି ଆଣିଥିଲେ। ବେପରୁଆ ଓ ଦ୍ରୁତ ଗତିରେ ଗାଡି ପଛକୁ ଆଣୁଥିବା ବେଳେ ହାଇୱାଟି ଗୋବର୍ଦ୍ଧନଙ୍କ ଉପରେ ଚଢି ଯାଇଥିଲା। ଫଳରେ ଗୋବର୍ଦ୍ଧନଙ୍କ ମୃତ୍ୟୁ ଘଟିଥିଲା। ଏନେଇ ଚାଳକ ରାମଚନ୍ଦ୍ର ମାଲିକ ଡମ୍ବରୁଧରଙ୍କୁ ଜଣାଇଥିଲେ। ଡମ୍ବରୁଧର ତାଙ୍କ ପୁଅ ସୋନୁ ଓ ମ୍ୟାନେଜର ରାଜାଙ୍କୁ ଘଟଣାସ୍ଥଳକୁ ପଠାଇଥିଲେ। ଘଟଣାକୁ ଚପାଇ ଦେବା ପାଇଁ ଚାଳକ ରାମଚନ୍ଦ୍ର, ସୋନୁ ଓ ମ୍ୟାନେଜର ରାଜା ଯୋଜନା କରିଥିଲେ। ଗୋବର୍ଦ୍ଧନଙ୍କ ମୃତଦେହକୁ ଅଭିଯୁକ୍ତମାନେ ହାଇୱାରେ ସେଠାରୁ ଆଣି ପିତାପଲ୍ଲି କାଜୁ ଜଙ୍ଗଲରେ ଫିଙ୍ଗିଦେଇଥିଲେ ବୋଲି ପୋଲିସ କହିଛି। ପୋଲିସ ପ୍ରଥମେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରିଥିଲା। ଏପରିକି ପୋଷ୍ଟର ମାରିବା ସହ ପୁରସ୍କାର ରାଶି ମଧ୍ୟ ଘୋଷଣା କରିଥିଲା। ସ୍ଥାନୀୟଲୋକଙ୍କୁ ପଚରାଉଚରାରେ ଏକ ହାଇୱା ବୁଲୁଥିବା କହିଥିଲେ। ଗାଡିର ଡାଲାରେ ହିନ୍ଦୀ ଅକ୍ଷରରେ ମା' ଓ ଓଡିଆରେ ଦୁର୍ଗା ଲେଖା ଯାଇଥିଲା। ପୋଲିସ ଏମ୍ସ ନିକଟରେ ସେଭଳି ଏକ ହାଇୱା ଯାଉଥିବା ଖବର ଚଢ଼ାଉ କରି ହାଇୱାକୁ ଜବତ କରିଥିଲା। ଚାଳକକୁ ପଚରାଉଚରା କରିବା ପରେ ସତ ପଦାକୁ ଆସିଥିଲା।

# ପୁରୀକୁ ପ୍ଲାଷ୍ଟିକ ପ୍ରଦୂଷଣ ଚିନ୍ତା: ବିଷାକ୍ତ ହେଉଛି ପରିବେଶ

**ପୁରୀ, ନ୍ୟୁଜ ବ୍ୟୁରୋ**
ପ୍ଲାଷ୍ଟିକ ରାକ୍ଷସ କବଳରେ ଶ୍ରୀକ୍ଷେତ୍ର ପୁରୀ। ଏକକ ପ୍ଲାଷ୍ଟିକ ବ୍ୟବହାର ବୃଦ୍ଧି ଯୋଗୁଁ ବିଷାକ୍ତ ହେଉଛି ପରିବେଶ। ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ପାଇଁ ପୁରୀ ମହାନଗର ନିଗମ ପାଖରେ ନାହିଁ ପର୍ଯ୍ୟାପ୍ତ ବ୍ୟବସ୍ଥା। ପର୍ଯ୍ୟଟନ କ୍ଷେତ୍ର ପୁରୀ ସହରରେ ପ୍ଲାଷ୍ଟିକ ପ୍ରଦୂଷଣ ବୃଦ୍ଧି ପାଇବାରେ ଲାଗିଛି। ଯାହାକି ଏବେ ବେଶ୍ ଚିନ୍ତାର ବିଷୟ ହୋଇଛି। ସହରରେ ଯେଉଁଠି ଦେଖିଲେ କୁଢ଼ କୁଢ଼ ପ୍ଲାଷ୍ଟିକ ଆବର୍ଜନା। ପଲିଥିନ ଠାରୁ ଆରମ୍ଭ କରି ପ୍ଲାଷ୍ଟିକ ପାଣି ବୋତଲ ସବୁଆଡ଼େ ପଡ଼ିରହିଛି। ପ୍ଲାଷ୍ଟିକ ବର୍ଜ୍ୟ ଡ୍ରେନରେ ପଡୁଥିବାରୁ ଡ୍ରେନ୍ ଜାମ ହୋଇ ସହରରେ ଜଳ ବନ୍ଦୀ ପରିସ୍ଥିତି ସୃଷ୍ଟି ହେଉଛି। ତେବେ ପ୍ଲାଷ୍ଟିକ ପ୍ରଦୂଷଣ ରୋକିବା ପାଇଁ ପୁରୀ ଜିଲ୍ଲା ପ୍ରଶାସନ ଓ ପୁରୀ ମହାନଗର ନିଗମ କଡ଼ା ପଦକ୍ଷେପ ନେବାକୁ ପରିବେଶପ୍ରେମୀ ଓ ବୁଦ୍ଧିଜୀବୀ ମତ ଦେଇଥିବା ବେଳେ ଲୋକଙ୍କ ସଚେତନତା ଅଭାବକୁ ଦାୟୀ କରିଛି ପ୍ରଶାସନ। କିଭଳି ପୁରୀ ସହରରେ ପ୍ଲାଷ୍ଟିକ ପ୍ରଦୂଷଣ ଉପରେ ରୋକ୍ ଲାଗିପାରିବ ସେ ନେଇ ପ୍ରଶାସନ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ବୁଦ୍ଧିଜୀବୀ ମତ ଦେଇଛନ୍ତି। ବୁଦ୍ଧିଜୀବୀ ଶରତ ରାୟଗୁରୁ କୁହନ୍ତି,'ପୁରୀରେ ପ୍ଲାଷ୍ଟିକ ପାଣି ବୋତଲ ବିକ୍ରି ହ୍ରାସ ଓ ପ୍ଲାଷ୍ଟିକ ବର୍ଜ୍ୟ ସୃଷ୍ଟି ଉପରେ ରୋକ୍ ଲଗାଇବା ପାଇଁ ପୌର ପ୍ରଶାସନ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ବ୍ୟବସ୍ଥା କଲେ। ପ୍ଲାଷ୍ଟିକ ବୋତଲ ସଂଗ୍ରହ କରି ରିସାଇକେଲ ପାଇଁ ସ୍ୱତନ୍ତ୍ର ମେସିନ୍ ମଧ୍ୟ ବଡଦାଣ୍ଡ ଓ ସମୁଦ୍ର କୂଳରେ କିଛି ସ୍ଥାନରେ ବସାଗଲା। ହେଲେ ଏହା କେବଳ ଧର୍ମକୁ ଆଖିଠାର ସଦୃଶ। ଏହା କିଛି ଦିନ ପରେ ଅଚଳ ହୋଇଗଲା। ତେବେ ପ୍ଲାଷ୍ଟିକ ପ୍ରଦୂଷଣ ଏକ ବଡ଼ ସମସ୍ୟା ସୃଷ୍ଟି ହୋଇଥିବା ବେଳେ ପଲିଥିନ ତିଆରି କରୁଥିବା ବଡ଼ ବଡ଼ କମ୍ପାନୀଙ୍କ ଉପରେ ଚଢ଼ାଉ ହେଉନି। କେବଳ ଛୋଟ ଛୋଟ ବ୍ୟବସାୟ କରୁଥିବା ବ୍ୟବସାୟୀଙ୍କ ଉପରେ ପ୍ରଶାସନ ଚଢ଼ଉ କରି ଜରିମାନା ଆଦାୟ କରୁଛି। ହେଲେ ମୂଳ ସମସ୍ୟାକୁ ସରକାର ଦେଖୁନାହାନ୍ତି। ପଲିଥିନ ଯେଉଁଠି ତିଆରି ହେଉଛି ସେଠାରୁ ଉତ୍ପାଦନ ବନ୍ଦ କରାଗଲେ ବଜାରରେ ପଲିଥିନ ମିଳିବ ନାହିଁ। ଲୋକମାନେ ନିଜର ବିକଳ୍ପ ବ୍ୟବସ୍ଥା କରିବେ। ଯେହେତୁ ପଲିଥିନ ବଜାରରେ ସହଜରେ ମିଳୁଛି, ତେଣୁ ଲୋକମାନେ ବ୍ୟବହାର କରିବା ପରେ ରାସ୍ତା ଘାଟରେ ପକାଇ ଦେଉଛନ୍ତି। ଏହାଦ୍ୱାରା ପରିବେଶ ପ୍ରଦୂଷଣ ବୃଦ୍ଧି ପାଇବାରେ ଲାଗିଛି।' ପୁରୀ ସହରକୁ ବର୍ଷକୁ ୨ କୋଟି ପର୍ଯ୍ୟଟକ ଆସୁଛନ୍ତି। ଏଣୁ ପର୍ଯ୍ୟଟକମାନେ ପ୍ଲାଷ୍ଟିକ ପାଣି ବୋତଲ ନ କିଣିବା ପାଇଁ ବଡ଼ଦାଣ୍ଡ, ସମୁଦ୍ର କୂଳ ସମେତ ପୁରୀ ସହରର ପ୍ରମୁଖ ସ୍ଥାନ ଗୁଡ଼ିକରେ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ବ୍ୟବସ୍ଥା ପ୍ରଶାସନ ପକ୍ଷରୁ କରାଯାଇଛି। ସେହିପରି ପର୍ଯ୍ୟଟକମାନେ ପ୍ଲାଷ୍ଟିକ ପାଣି ବୋତଲ କିଣିବା ପରେ ଏଣେତେଣେ ନ ପକାଇବା ପାଇଁ ଓ ଏହାର ପ୍ରକ୍ରିୟାକରଣ ପାଇଁ ରିଭର୍ସ ଭେଣ୍ଡିଂ ମେସିନ୍ ଲଗାଇଥିଲା ପୁରୀ ପୌର ପ୍ରଶାସନ। ଉଦ୍ଦେଶ୍ୟ ଥିଲା ଏହି ଆରଭିଏମ୍ ମେସିନ୍ ରେ ପ୍ଲାଷ୍ଟିକ ପାଣି ବୋତଲ ପକାଇଲେ ଏହାକୁ ରିସାଇକେଲ କରାଯାଇ ପ୍ଲାଷ୍ଟିକ ପ୍ରଦୂଷଣକୁ ରୋକାଯାଇ ପାରିବ। ହେଲେ ଏହି ଆରଭିଏମ୍ ମେସିନ୍ କୁ ରକ୍ଷଣା ବେକ୍ଷଣ କରାନଯିବାରୁ ଏହି ମେସିନ୍ ଗୁଡ଼ିକ ସମ୍ପୂର୍ଣ୍ଣ ଅକାମୀ ହୋଇଯାଇଛି। ଗତ ୨୦୧୮ ଅକ୍ଟୋବର ୨ ଗାନ୍ଧି ଜୟନ୍ତୀରେ ପୁରୀକୁ ପଲିଥିନ ମୁକ୍ତ ସହର କରିବା ପାଇଁ ଅଭିଯାନ ଆରମ୍ଭ ହୋଇଥିଲା। ତତ୍କାଳୀନ ଜିଲ୍ଲାପାଳ ପୁରୀକୁ ପଲିଥିନ ମୁକ୍ତ କରିବା ପାଇଁ ତୃଣମୂଳ ସ୍ତରରୁ କାର୍ଯ୍ୟାଦେଶ ଦେଇଥିଲେ। ପ୍ରତି ପଞ୍ଚାୟତରେ ପ୍ଲାଷ୍ଟିକ ପଦାର୍ଥ ବ୍ୟବହାର ନ କରିବା ପାଇଁ ସଭା ଓ ବୈଠକ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ହେଲେ ଜିଲାପାଳ ପରିବର୍ତ୍ତନ ହେବା ପରେ ଏହି ଅଭିଯାନ ଠପ୍ ହୋଇଯାଇଛି। ଫଳରେ ବ୍ୟାପକ ପ୍ଲାଷ୍ଟିକ ବର୍ଜ୍ୟ ଯୋଗୁଁ ପୁରୀର ମାଟି, ପାଣି, ପବନକୁ ବିଷାକ୍ତ କରିଦେଲାଣି ଏହି ପ୍ଲାଷ୍ଟିକ ରାକ୍ଷସ। ସାମାଜିକକର୍ମୀ ଦେବାଶିଷ ମିଶ୍ର କୁହନ୍ତି, 'ପ୍ଲାଷ୍ଟିକ ପ୍ରଦୂଷଣ ଏକ ବଡ଼ ସମସ୍ୟା ସୃଷ୍ଟି ହୋଇଛି। ତେବେ ପ୍ଲାଷ୍ଟିକ ପ୍ରଦୂଷଣ ରୋକିବା ପାଇଁ ଅନେକ ଯୋଜନା ହୋଇଛି। ହେଲେ ଏହା କେବଳ କାଗଜ କଲମରେ ସୀମିତ ରହିଛି। ଏବେ ବି ବଡ଼ ବଡ଼ କାର୍ଯ୍ୟକ୍ରମରେ ପ୍ଲାଷ୍ଟିକ ପାଣି ବୋତଲ ବହୁଳ ପରିମାଣରେ ବ୍ୟବହାର ହେଉଛି। ଯାହାକି ରାସ୍ତା ଘାଟରେ ପଡ଼ିରହି ପ୍ଲାଷ୍ଟିକ ପ୍ରଦୂଷଣ ବୃଦ୍ଧି କରୁଛି। ତେବେ ସିଙ୍ଗଲ ୟୁଜ ପ୍ଲାଷ୍ଟିକ ଉତ୍ପାଦନ କରୁଥିବା କାରଖାନା ବନ୍ଦ କରାଯାଉ। ପୁରୀ ସହରରେ ଟନ୍ ଟନ୍ ପ୍ଲାଷ୍ଟିକ ବର୍ଜ୍ୟ ବାହାରୁଥିବା ବେଳେ ପ୍ଲାଷ୍ଟିକ ବୋତଲ ରିସାଇକେଲ ପାଇଁ ମାତ୍ର ଦୁଇଟି ମେସିନ୍ ପ୍ରଶାସନ ଲଗାଇଛି ପୁରୀ ସହରରେ। ତାହା ବି ଏବେ ଅଚଳ ଅବସ୍ଥାରେ। ପୁରୀ ସହର ପ୍ରତ୍ୟେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପ୍ଲାଷ୍ଟିକ ରିସାଇକେଲ ମେସିନ୍ ଲଗାଯାଉ। ପ୍ରତ୍ୟେକ ହୋଟେଲ, ବ୍ୟବସାୟିକ ପ୍ରତିଷ୍ଠାନ, ସରକାରୀ ଅଫିସରେ ପ୍ଲାଷ୍ଟିକ ପାଣି ବୋତଲ ରିସାଇକେଲ ମେସିନ୍ ଲଗାଇବା ବାଧ୍ୟତାମୂଳକ କରାଯାଉ। ସେମାନେ ଏହି ମେସିନ୍ ର ରକ୍ଷଣା ବେକ୍ଷଣ କରନ୍ତୁ। ଏହାଦ୍ୱାରା ମେସିନ୍ କାର୍ଯ୍ୟକ୍ଷମ ରହିବା ସହ ପ୍ଲାଷ୍ଟିକ ପ୍ରଦୂଷଣ ବୃଦ୍ଧିରେ ନିୟନ୍ତ୍ରଣ ଆସିବ। ଏକକ ପ୍ଲାଷ୍ଟିକ ବ୍ୟବହାର ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଲେ ହିଁ ପ୍ଲାଷ୍ଟିକ ପ୍ରଦୂଷଣ ଉପରେ ରୋକ୍ ଲାଗିପାରିବ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ରିପୋର୍ଟ ଅନୁସାରେ, କେବଳ ପୁରୀ ସହରରେ ୨୦୨୩-୨୪ ବର୍ଷରେ ୮୦୬ ଟନ୍ ପ୍ଲାଷ୍ଟିକ ବର୍ଜ୍ୟ ସୃଷ୍ଟି ହୋଇଥିଲା। ସେହିପରି ୨୦୨୨-୨୩ରେ ଏହା ୭୨୦ ଟନ୍ ଥିବା ବେଳେ ଏକ ବର୍ଷ ମଧ୍ୟରେ ୮୬ ଟନ୍ ପ୍ଲାଷ୍ଟିକ ବର୍ଜ୍ୟ ବୃଦ୍ଧି ପାଇଛି। ସେଥି ମଧ୍ୟରୁ କେବଳ ୫୬୦ ଟନ ପ୍ରକ୍ରିୟାକରଣ ହୋଇପାରୁଛି। ଅନ୍ୟ ପ୍ଲାଷ୍ଟିକ ବର୍ଜ୍ୟ ମାଟିରେ ମିଶି, ନାଳ ଜାମ୍ ହୋଇ ପ୍ରତିକୂଳ ପରିସ୍ଥିତି ସୃଷ୍ଟି ହେଉଛି। ରିପୋର୍ଟ ମୁତାବକ ପ୍ଲାଷ୍ଟିକ ବର୍ଜ୍ୟ ସୃଷ୍ଟି କରିବାରେ ପୁରୀ ଜିଲା ୧୩ତମ ସ୍ଥାନରେ ରହିଛି। ପ୍ଲାଷ୍ଟିକ ବୋତଲ ସଂଗ୍ରହ କରି ରିସାଇକେଲ କରିବା ପାଇଁ ସ୍ୱତନ୍ତ୍ର ମେସିନ୍ ମଧ୍ୟ ବଡଦାଣ୍ଡ ଓ ସମୁଦ୍ର କୂଳରେ ଲାଗିଛି ପର୍ଯ୍ୟଟନ ସ୍ଥଳୀ କୋଣାର୍କରେ ମଧ୍ୟ ପ୍ଲାଷ୍ଟିକ ବର୍ଜ୍ୟ ପରିମାଣ ବୃଦ୍ଧି ପାଇବାରେ ଲାଗିଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରିପୋର୍ଟ ମୁତାବକ କୋଣାର୍କରେ ବର୍ଷକରେ ଏହା ୪.୨ ଟନ୍ ରୁ ୪.୫ ଟନ୍ ବୃଦ୍ଧି ପାଇଛି। ସେହିପରି ପିପିଲି, ନିମାପଡ଼ା ଅଞ୍ଚଳରେ ମଧ୍ୟ ପ୍ଲାଷ୍ଟିକ ବର୍ଜ୍ୟ ବୃଦ୍ଧି ପାଇବାରେ ଲାଗିଛି। ହେଲେ ଏହାର ପ୍ରକ୍ରିୟାକରଣ ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ଏକକ ପ୍ଲାଷ୍ଟିକ ବ୍ୟବହାର ଉପରେ ରୋକ୍ ନ ଲାଗିବା, ପ୍ଲାଷ୍ଟିକ ବର୍ଜ୍ୟ ବୃଦ୍ଧି ପାଇବାର ମୁଖ୍ୟ କାରଣ। ୫୦ ମାଇକ୍ରନ ତଳକୁ ପଲିଥିନ ବ୍ୟବହାର ଉପରେ ନିଷିଦ୍ଧ ରହିଛି। ହେଲେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ହୋଟେଲ, ଜଳଖିଆ ଦୋକାନରେ ପଲିଥିନ ବ୍ୟବହାର ହେଉଛି। ପରିବେଶ ବିଜ୍ଞାନୀଙ୍କ କହିବା ଅନୁସାରେ, ପ୍ଲାଷ୍ଟିକ ଡିଗ୍ରେଡେସନ୍ ପାଇଁ ୧୦୦ ବର୍ଷରୁ ଅଧିକ ସମୟ ଲାଗେ। ଭୂତଳ ଜଳ ରିଚାର୍ଜ କରିବାରେ ବାଧା ସୃଷ୍ଟି କରେ। ପ୍ଲାଷ୍ଟିକ ପୋଡ଼ିଲେ ଯେଉଁ ଧୂଆଁ ନିର୍ଗତ ହୁଏ ତାହା ପରିବେଶ ପାଇଁ କ୍ଷତିକାରକ। ଏହି ଧୂଆଁ ମଣିଷ ପାଇଁ ବହୁତ୍ କ୍ଷତିକାରକ। ଏହାକୁ ଦୃଷ୍ଟିରେ ରଖାଯାଇ ପୁରୀରେ ଏକକ ପ୍ଲାଷ୍ଟିକ ବ୍ୟବହାର ଉପରେ କଟକଣା ଲଗାଯାଇଛି। ହେଲେ ଏହି କଟକଣା କେବଳ କାଗଜ କଲମରେ ରହିଯାଇଛି। ତେବେ ପୁରୀକୁ ପ୍ଲାଷ୍ଟିକ ରାକ୍ଷସ କବଳରୁ ରକ୍ଷା କରିବାକୁ ହେଲେ ଲୋକଙ୍କ ମଧ୍ୟରେ ବ୍ୟାପକ ସଚେତନତା ସହ ଏକକ ପ୍ଲାଷ୍ଟିକ ବ୍ୟବହାର କଟକଣାକୁ କଡାକଡି କରାଯିବାର ଆବଶ୍ୟକତା ଥିବା ପରିବେଶପ୍ରେମୀ ଓ ବୁଦ୍ଧିଜୀବୀ ମତ ଦେଇଛନ୍ତି।

# ଇବୋଲା ସତର୍କତା: ଏମ୍ସ ଭୁବନେଶ୍ୱରରେ ସଂରକ୍ଷିତ ରହିବ ୮ଟି ସଙ୍ଗରୋଧ ଶଯ୍ୟା




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ବେଙ୍ଗାଲୁରୁ ଆସିଥିବା ଉଗାଣ୍ଡାର ଜଣେ ମହିଳାଙ୍କଠାରେ କିଛି ଲକ୍ଷଣ ଦେଖାଯିବା ପରେ ତାଙ୍କୁ ସଙ୍ଗରୋଧ କରାଯାଇଛି। ସେ ଇବୋଲାରେ ଆକ୍ରାନ୍ତ କି ନୁହେଁ ଜାଣିବା ପାଇଁ ତାଙ୍କ ନମୁନା ଏନ୍‌ଆଇଭି ପୁନେକୁ ପଠାଯାଇଛି। ଯାହାକୁ ନେଇ ଦେଶରେ ପୁଣିଥରେ କୋଭିଡ୍ ଭଳି ଇବୋଲାକୁ ନେଇ ଭୟ ସଞ୍ଚାର ହୋଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ହୁ) ଇବୋଲାକୁ ଏକ ଜରୁରି ଜନସ୍ୱାସ୍ଥ୍ୟ ସମସ୍ୟା ବୋଲି କହିବା ପରେ ଭାରତ ସମେତ ଓଡ଼ିଶାରେ ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ମିଳିଥିବା ସୂଚନାରେ, ଭୁବନେଶ୍ୱର ବିମାନବନ୍ଦର ଦେଇ ଆସୁଥିବା ଇବୋଲା ସନ୍ଦିଗ୍ଧଙ୍କୁ ସଙ୍ଗରୋଧ କରିବା ଲାଗି ଏମ୍ସ ଭୁବନେଶ୍ୱରରେ ୬-୮ଟି ଶଯ୍ୟା ସଂରକ୍ଷିତ ରହିବ। ଏହାର ବ୍ୟବସ୍ଥା କରିବା ଲାଗି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏମ୍ସ ନିର୍ଦ୍ଦେଶକଙ୍କୁ ପତ୍ର ଜାରି ହୋଇଛି। ବିଭାଗ ପକ୍ଷରୁ କୁହାଯାଇଛି ଇବୋଲାକୁ ନେଇ ବିଶ୍ୱ ସଜାଗ ରହିଛି। ରୋଗର ଆଗୁଆ ଚିହ୍ନଟ, ସଙ୍ଗରୋଧ ଓ ପୃଥକୀକରଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭୁବନେଶ୍ୱର ବିମାନ ବନ୍ଦରରେ ଯେଉଁ ସନ୍ଦିଗ୍ଧ ଚିହ୍ନଟ ହେବେ ଓ ସେମାନଙ୍କୁ ରେଫର କରାଯିବ ସେମାନଙ୍କୁ ଏମ୍ସରେ ସଙ୍ଗରୋଧରେ ରଖିବା ଲାଗି ବ୍ୟବସ୍ଥା କରାଯାଉ। ଯାହାଫଳରେ ଏଭଳି ଜନସ୍ୱାସ୍ଥ୍ୟ ସମସ୍ୟାର ଉପଯୁକ୍ତ ମୁକାବିଲା କରାଯାଇପାରିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଆଗାମୀ ଦିନରେ ଯଦି ରାଜ୍ୟରେ ଯଦି ମାମଲା ସଂଖ୍ୟା ବୃଦ୍ଧି ପାଏ ତାହାଲେ ରାଜ୍ୟର ବିଭିନ୍ନ ମେଡିକାଲ କଲେଜ ଓ ହସ୍ପିଟାଲରେ ଏଥିପାଇଁ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି। ସେହିପରି ଗତ ୩ଦିନ ହେବ ଭୁବନେଶ୍ୱର ବିମାନବନ୍ଦରରେ ଇବୋଲା ନେଇ ସତର୍କତାମୂଳକ ପଦକ୍ଷେପ ଆରମ୍ଭ କରାଯାଇଛି। ଯାତ୍ରୀମାନଙ୍କ ଥର୍ମାଲ ସ୍କ୍ରିନିଂ ସହ ୨୧ଦିନର ଗସ୍ତ ବିବରଣୀ ଯାଞ୍ଚ କରାଯିବ। କୌଣସି ବ୍ୟକ୍ତିଙ୍କୁ ନେଇ ସନ୍ଦେହ ଉପୁଜିବ, ନିର୍ଦ୍ଦେଶାବଳୀ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିମାନବନ୍ଦର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

# ଦଲାଲଙ୍କ ହାବୁଡରେ ପଡି କ୍ଷତିରେ ବିକ୍ରି କରୁଛନ୍ତି କେନ୍ଦୁପତ୍ର ତୋଳାଳୀ

**ରାଇରଙ୍ଗପୁର, ନ୍ୟୁଜ ବ୍ୟୁରୋ**
ମୟୂରଭଞ୍ଜ କେନ୍ଦୁପତ୍ର ଉତ୍ପାଦନକାରୀ ଜିଲ୍ଲା ମଧ୍ୟରୁ ଅନ୍ୟତମ। ଜିଲ୍ଲାର ଲକ୍ଷାଧିକ ଆଦିବାସୀ ତଥା ଅନ୍ୟ ସମ୍ପ୍ରଦାୟର ଲୋକେ ଜଙ୍ଗଲ ଉପରେ ନିର୍ଭରଶୀଳ। ବହୁ ପରିବାର କେନ୍ଦୁପତ୍ର ତୋଳା କାମରେ ମଧ୍ୟ ଜଡ଼ିତ। ଜିଲ୍ଲାରେ ପ୍ରାୟ ୧୦ ହଜାରରୁ ଅଧିକ କେନ୍ଦୁପତ୍ର ତୋଳାଳୀ ଅଛନ୍ତି। ସେଥି ମଧ୍ୟରୁ ଅଧିକାଂଶ ମହିଳା ତୋଳାଳୀ ଅଛନ୍ତି। ବିଶେଷ କରି ଏପ୍ରିଲ ମାସରୁ ଜୁନ୍ ମାସ ପର୍ଯ୍ୟନ୍ତ କେନ୍ଦୁପତ୍ର ତୋଳି ଥାଆନ୍ତି। ପୂର୍ବରୁ ରାଜ୍ୟ ସରକାର ପ୍ରତି କେରି ପାଇଁ ପାଇଁ ୨ ଟଙ୍କା ୫୦ ପଇସା ଦର ଧାର୍ଯ୍ୟ କରିଥିଲେ। କିନ୍ତୁ ଚଳିତ ବର୍ଷ କେରି ପିଛା ୧ ଟଙ୍କା ୬୦ ପଇସା ଧାର୍ଯ୍ୟ କରାଯାଇଥିବା ସୂଚନା ମିଳିଛି। ତେବେ ଜଣେ ତୋଳାଳୀ ଦିନକୁ ହାରାହାରି ୯୦-୧୦୦ କେରି ତୋଳିଥାନ୍ତି। ରାଜ୍ୟ ସରକାର ବିକ୍ରି ଲାଭର ପ୍ରାୟ ୫୦ % ବୋନସ ଭାବେ ତୋଳାଳୀ, ବନ୍ଧେଇ ଓ ସିଜନାଲ କର୍ମଚାରୀଙ୍କୁ ଦେଇଥାନ୍ତି। ଜିଲ୍ଲାର ତୋଳାଳୀମାନେ ପ୍ରତିବର୍ଷ ୫୦୦୦ରୁ ୮୦୦୦ ଟଙ୍କା ବୋନସ ପାଇଥାନ୍ତି। କେନ୍ଦୁ ପତ୍ରରୁ ବିଡ଼ି ବ୍ୟବହାର କମିବାରୁ ଧୀରେ ଧୀରେ ଚାହିଦା କମୁଛି। ଏହା ବ୍ୟତୀତ ବୋନସ ଓ ମଜୁରୀ ମିଳିବାରେ ବିଭିନ୍ନ ସମୟରେ ବିଳମ୍ବ ହୋଇଥାଏ। ପୂର୍ବ ସରକାର ତୋଳାଳୀଙ୍କ ମୃତ୍ୟୁ ହେଲେ ୨ ଲକ୍ଷ ଏବଂ ଆହତ ହେଲେ ୧ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରୁଥିଲେ। ତେବେ ବର୍ତ୍ତମାନ କେବଳ ମୃତ୍ୟୁ ହେଲେ ୨ ଲକ୍ଷ୍ୟ ଟଙ୍କା ପ୍ରଦାନ କରୁଛନ୍ତି। ଏହା ଛଡା ଚପଲ,ଗାମୁଛା,ଛତା ପ୍ରଭୃତି ବଣ୍ଟନ କରିଥାନ୍ତି, ଝିଅ ବାହାଘର ସହାୟତା ପାଇଁ ତୋଳାଳୀ ପରିବାରକୁ ୨୫ ହଜାର ଟଙ୍କା,ଛାତ୍ର ବୃତ୍ତି ପାଇଁ ୨ ରୁ ୨୦ ହଜାର ଟଙ୍କା,ପ୍ରସୂତି ପାଇଁ ୧୦ ହଜାର ଟଙ୍କା ପ୍ରଦାନ କରୁଥିଲେ। ତେବେ ବର୍ତ୍ତମାନ କେବଳ ମୃତ୍ୟୁ ବୀମା ପାଇଁ ୨ ଲକ୍ଷ ଟଙ୍କା ସହାୟତା ରାଶି ଘୋଷଣା କରିଛନ୍ତି।

# ଓଡ଼ିଶାରେ ବଢୁଛି ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁସଂଖ୍ୟା, ୧୦ ବର୍ଷରେ ଯାଇଛି ୨୬ ଜୀବନ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଓଡିଶାରେ ବଢୁଛି ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁସଂଖ୍ୟା। ବିଷାକ୍ତ ଗ୍ୟାସ ଓ ଅସାବଧାନତା ଯୋଗୁଁ ଓଡ଼ିଶାରେ ନିର୍ମାଣାଧୀନ ସେପ୍ଟିକ୍ ଟାଙ୍କିରେ ମୃତ୍ୟୁହାର ବୃଦ୍ଧି ପାଇଛି। କେବଳ ଓଡିଶା ନୁହେଁ ସମଗ୍ର ଦେଶରେ ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଗତ ୨୦୧୪ରୁ ବର୍ତ୍ତମାନ ସୁଦ୍ଧା ଦେଶରେ ସେପ୍ଟିକ ଟ୍ୟାଙ୍କରେ ୮୫୯ ଜଣଙ୍କ ମୃତ୍ୟୁ ଘଟିଛି।
ମଦନପୁର ରାମପୁର ଅଞ୍ଚଳ କର୍ଲାଖୁଣ୍ଟା ଗାଁରେ ଏକ ନିର୍ମାଣାଧୀନ ସେପ୍ଟିକ୍ ଟ୍ୟାଙ୍କରୁ ସେଣ୍ଟ୍ରିଂ ବାହାର କରିବା ସମୟରେ ଶ୍ୱାସରୁଦ୍ଧ ହୋଇ ୬ ଜଣଙ୍କର ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ତିନି ଜଣ ରାଜମିସ୍ତ୍ରୀ, ଜଣେ ଶ୍ରମିକ, ଘର ମାଲିକ ଏବଂ ତାଙ୍କ ପୁଅ ଅଛନ୍ତି। ମହୁଲପାଲି ଥାନା ଅନ୍ତର୍ଗତ କେସାଇବାହାଲ ଗାଁରେ ନିର୍ମାଣଧୀନ ସେପ୍ଟିକ ଟ୍ୟାଙ୍କ ଭିତରେ ଶ୍ୱାସରୁଦ୍ଧ ହୋଇ ଦୁଇ ଜଣ ଶ୍ରମିକ ପ୍ରାଣ ହରାଇଥିବା ବେଳେ ଦୁଇଜଣ ଗୁରୁତର ହୋଇଥିଲେ। ମୃତକଙ୍କ ମଧ୍ୟରେ ଶ୍ରମିକ ସୁଶୀଲ ନାଏକ (୩୦) ଓ ଘର ମାଲିକଙ୍କ ସମ୍ପର୍କୀୟ ଚରଣ ବେହେରା (୫୫) ରହିଥିଲେ।
ନନ୍ଦାହାଣ୍ଡି ବ୍ଲକ ପୋଦଲଗୁଡା ଗାଁରେ ବିଷାକ୍ତ ଗ୍ୟାସ ଯୋଗୁଁ ତିନି ଜଣ ଶ୍ରମିକ ଓ ଜଣେ ଦେଖଣାହାରୀ ପ୍ରାଣ ହରାଇଥିଲେ।
ତ୍ରିଶୁଳିଆର ଏକ ନିର୍ମାଣଧୀନ ଆପାର୍ଟମେଣ୍ଟର ସେପଟିକ୍ ଟ୍ୟାଙ୍କରୁ ସେଣ୍ଟ୍ରିଂ ଜିନିଷପତ୍ର କାଢ଼ିବା ବେଳେ ପଶ୍ଚିମବଙ୍ଗର ତିନି ଜଣ ଶ୍ରମିକ ଶ୍ୱାସରୁଦ୍ଧ ହୋଇ ପ୍ରାଣ ହରାଇଥିଲେ। ଶିଶୁପାଳଗଡରେ ଏକ ସେପଟିକ ଟାଙ୍କି ସଫେଇ ବେଳେ ଦୁଇ ଜଣ ଶ୍ରମିକ ପ୍ରାଣ ହରାଇଥିଲେ। ମୃତକ ମାନେ ପଶ୍ଚିମବଙ୍ଗର ସୁମନ (୨୩) ଓ ସାଫିକ (୨୬) ବୋଲି ଜଣାପଡିଥିଲା।
ବିଷମ କଟକରେ ସେପଟିକ ଟାଙ୍କିରେ ବିଷାକ୍ତ ଗ୍ୟାସ ଯୋଗୁଁ ୫ ଜଣ ଶ୍ରମିକ ଫସି ପ୍ରାଣ ହରାଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଥିଲେ।
ଗୋଟିଏ ପରିବାରର ତିନି ଜଣ ପାଇଖାନା ଟାଙ୍କି ସଫେଇ ବେଳେ ଶ୍ୱାସରୁଦ୍ଧ ହୋଇ ପ୍ରାଣ ହରାଇଥିଲେ। ସାମନ୍ତରାପୁରର ଜୁରି ପ୍ରଧାନଙ୍କ ଦୁଇ ପୁଅ ପ୍ରଶାନ୍ତ ପ୍ରଧାନ (୩୦), ପଦ୍ମଲୋଚନ (୨୮) ପ୍ରାଣ ହରାଇଥିବାବେଳେ ଭାଇ ରାଜୁ ପ୍ରଧାନ (୫୫) ଓ ଜଣେ ଇଞ୍ଜିନିଅରିଂ ଛାତ୍ର ସନ୍ତୋଷ ପ୍ରଧାନ (୧୮)ଙ୍କ ଏହି ଅଘଟଣରେ ମୃତ୍ୟୁ ଘଟିଥିଲା। 'ସଫେଇକର୍ମୀ ଭାବରେ ନିଯୁକ୍ତି ନିଷେଧ ଏବଂ ସେମାନଙ୍କର ପୁନର୍ବାସ ଆଇନ, ୨୦୧୩'ର ବ୍ୟବସ୍ଥା ଅନୁଯାୟୀ, ଦେଶର ସମସ୍ତ ଜିଲ୍ଲାରେ ସଫେଇକର୍ମୀଙ୍କ ଏକ ନୂତନ ସର୍ଭେ କରାଯାଇଛି। ଯେଉଁଥିରେ କୌଣସି ମାନୁଆଲ ସଫେଇକର୍ମୀଙ୍କ ତଥ୍ୟ ମିଳିପାରି ନାହିଁ।
ସମସ୍ତ ଚିହ୍ନଟ ମାନୁଆଲ୍ ସଫେଇକର୍ମୀ ଓ ସେମାନଙ୍କ ସହଯୋଗୀଙ୍କୁ ଜଣକ ପିଛା ୪୦ ହଜାର ଟଙ୍କା ଲେଖାଏଁ ଏକକାଳୀନ ନଗଦ ସହାୟତା ପ୍ରଦାନ କରି ପୁନର୍ବାସ କରାଯାଇଛି। ଏହା ସହ ୨୭ ହଜାର ୯୨୮ ଜଣ ମାନୁଆଲ୍ ସଫେଇକର୍ମୀ ଓ ସହଯୋଗୀଙ୍କୁ ପ୍ରତି ମାସରେ ୩ ହଜାର ଟଙ୍କା ଲେଖାଏଁ ଷ୍ଟାଇପେଣ୍ଡ ସହିତ ଦକ୍ଷତା ବିକାଶ ତାଲିମ ପ୍ରଦାନ କରାଯାଉଛି। ସେହିପରି ୨ ହଜାର ୬୭୯ ଜଣ ମାନୁଆଲ୍ ସଫେଇକର୍ମୀ ଏବଂ ସହଯୋଗୀଙ୍କୁ ବିକଳ୍ପ ଆତ୍ମନିଯୁକ୍ତି ପ୍ରକଳ୍ପ ଗ୍ରହଣ କରିବା ପାଇଁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅଗ୍ରୀମ ସବସିଡି ମଧ୍ୟ ପ୍ରଦାନ କରାଯାଇଛି। ଓଡ଼ିଶାରେ ଚିହ୍ନଟ ମୋଟ ୨୩୦ ଜଣ ମାନୁଆଲ୍ ସଫେଇକର୍ମୀଙ୍କ ମଧ୍ୟରୁ ୬୬ ଜଣଙ୍କୁ ଦକ୍ଷତା ବିକାଶ ତାଲିମ ପ୍ରଦାନ କରାଯାଇଛି।
ଭାରତରେ ସେପ୍ଟିକ ଟାଙ୍କିରେ ମୃତ୍ୟୁ ହୋଇଛି ୨୦୧୪ ବର୍ଷରେ ୫୮, ୨୦୧୫ ବର୍ଷରେ ୭୧, ୨୦୧୬ ବର୍ଷରେ ୬୨, ୨୦୧୭ ବର୍ଷରେ ୧୧୧, ୨୦୧୮ ବର୍ଷରେ ୭୪, ୨୦୧୯ ବର୍ଷରେ ୧୩୧, ୨୦୨୦ ବର୍ଷରେ ୪୦, ୨୦୨୧ ବର୍ଷରେ ୬୨, ୨୦୨୨ ବର୍ଷରେ ୮୮, ୨୦୨୩ ବର୍ଷରେ ୬୫, ୨୦୨୪ ବର୍ଷରେ ୫୪, ୨୦୨୫ ବର୍ଷରେ ୪୩, ସର୍ବମୋଟ ୮୫୯ ହୋଇଥିବା ରିପୋର୍ଟରୁ ପ୍ରକାଶ।

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୩୧ ମଇ ୨୦୨୬ ରବିବାର










**ମେଷ:** ଆପଣଙ୍କର ଏ ଚଳନରେ ବୃହସ୍ପତି ଚତୁର୍ଥ ଭାବର ଫଳ ପ୍ରଦାନ କରିବେ। କର୍ମକ୍ଷେତ୍ରରେ ବାଧାବିଘ୍ନ ସୃଷ୍ଟି । ଦୁଶ୍ଚିନ୍ତା ତଥା ବୃଥା କଳହର ସାମ୍ନା କରିବେ। ଦ୍ରବ୍ୟ ନଷ୍ଟର ଆଶଙ୍କା। ପାରିବାରିକ ବ୍ୟୟ ବଢ଼ିବ। ଆୟ ମଧ୍ୟମ ହେବ। କର୍ମକ୍ଷେତ୍ରରେ ବ୍ୟସ୍ତତା ବୃଦ୍ଧି ପାଇବ।



**ବୃଷ:** ଆପଣଙ୍କର ଏ ଚଳନରେ ବୃହସ୍ପତି ତୃତୀୟ। ତେଣୁ ବନ୍ଧୁ ମତାନ୍ତର ଯୋଗ। ନିଜ ଲୋକ କର୍ମକ୍ଷେତ୍ରରେ କପଟତା ଆଚରଣ କରିବେ। ପାରିବାରିକ ସମସ୍ୟା ଲାଗି ରହିବ। ସାମୟିକ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ଋଣ ବୃଦ୍ଧି ହେବାର ସମ୍ଭାବନା।



**ମିଥୁନ:** ଆପଣଙ୍କର ଏ ଚଳନରେ ବୃହସ୍ପତି ଦ୍ୱିତୀୟ ଭାବରେ ଅବସ୍ଥାନ କରିବେ। ଫଳରେ ପାରିବାରିକ ଶାନ୍ତି ବଜାୟ ରହିବା ସଙ୍ଗେ ସଙ୍ଗେ ରୋଜଗାର ପରିମାଣ ବୃଦ୍ଧି ପାଇବ। ଦୂରଯାତ୍ରା କରି ଆନନ୍ଦ ଅନୁଭବ କରିବେ। ପୁରାତନ ଋଣ ପରିଶୋଧ କରିବେ। କୌଣସି ଶୁଭ କାର୍ଯ୍ୟ କରିବାର ସୁଯୋଗ ଆସିବ। ସନ୍ତାନ ସନ୍ତତିଙ୍କ ପାଇଁ ଗର୍ବିତ ହେବେ ।



**କର୍କଟ:** ଆପଣଙ୍କର ଜନ୍ମ ବୃହସ୍ପତି ଆରମ୍ଭ ହେବ। ଏଣୁ କର୍ମଚ୍ୟୁତି ହେବା ସହିତ ସ୍ଥାନାନ୍ତର ଯୋଗ ରହୁଛି। ପାରିବାରିକ ଅଶାନ୍ତି ସୃଷ୍ଟି ହେବ। ଭ୍ରାତୃ ଦ୍ୱନ୍ଦ୍ୱର ଆଶଙ୍କା। ମନରେ ଅହଙ୍କାର ଜାତ ହେବ। ଧୈର୍ଯ୍ୟ ହୀନ ହୋଇପଡ଼ିବେ।

ଆସନ୍ତା ଜୁନ୍ ଆରମ୍ଭରୁ ବୃହସ୍ପତି ପୁନର୍ବସୁ ନକ୍ଷତ୍ର ମିଥୁନ ରାଶି ପରିତ୍ୟାଗ କରି ପୁନର୍ବସୁ ନକ୍ଷତ୍ର କର୍କଟ ରାଶିରେ ସୂଚାର ବା ସଂଚାର କରିବେ। ଫଳରେ ଦେଶରେ ରାଜନୈତିକ ସଂକଟ ହେବା ସହିତ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦାମ୍ ବୃଦ୍ଧି ପାଇବ। ମନ୍ତ୍ରୀ ମଣ୍ଡଳରେ ଅଦଳ ବଦଳ ହେଲେ ମଧ୍ୟ ଗୋଟିଏ ସୁଶାସନ ପାଇଁ ସରକାରୀ କଳ କାର୍ଯ୍ୟ କରିବ। ଦେଶରେ ଜଳ ସଂକଟ ଦେଖାଦେବ। କେତେକ ସ୍ଥଳରେ ମରୁଡ଼ି ପରି ପରିସ୍ଥିତି ସୃଷ୍ଟି ହେବ।

ଏହି ବୃହସ୍ପତି ତା୨।୬।୨୦୨୬ ପ୍ରାତଃରୁ ଚଳନ ହେଉଥିଲେ ମଧ୍ୟ ଓଡ଼ିଶା ତଥା ଆମ ଦେଶରେ ପ୍ରଚଳିତ ପଞ୍ଜିକା ଗୁଡ଼ିକରେ ଭିନ୍ନ ଭିନ୍ନ ଚଳନ ଦିବସ ଯଥା- ଜୁନ୍ - ତା୧।୨।୩ ରିଖରେ। ଉତ୍କଳୀୟ ପଦ୍ଧତି ଗଣନାନୁସାରେ ଜୁନ୍ ୨ ତାରିଖରୁ କର୍କଟ ରାଶିକୁ ଯାଇ ମାତ୍ର ୫ ମାସ ପରେ ତା୩୧।୧୦।୨୦୨୬ ଠାରୁ ସିଂହ ରାଶିକୁ ଚଳନ କରିବେ। ପୁନଷ୍ଚ ମାତ୍ର ୩ ମାସରୁ କମ୍ ସମୟ ରହି ତା୨୪।୧।୨୦୨୭ରିଖରେ ପୁନଷ୍ଚ କର୍କଟ ରାଶିକୁ ବକ୍ରାତିଚାର କରିବେ। ତା୨୫।୦୬।୨୦୨୭ରିଖରେ ବୃହସ୍ପତି ସିଂହ ରାଶିରେ ଚଳନ କରିବେ। ମୋଟାମୋଟି ଦେଖିବାକୁ ଗଲେ ଏଚଳନରେ ଦେବଗୁରୁ ୧୦ ମାସ ଧରି କର୍କଟ ରାଶିରେ ରହିବେ। ସେହି ଅନୁସାରେ ଜ୍ୟୋତିର୍ଶାସ୍ତ୍ର ପ୍ରମାଣାନୁକ୍ରମେ ଚଳନ ରାଶି ଠାରୁ ଗୋଚରରେ ଦ୍ୱିତୀୟ, ପଞ୍ଚମ, ସପ୍ତମ, ନବମ ଓ ଏକାଦଶ ଭାବ ଶୁଭ ଅଟେ। ସେହିପରି ଜନ୍ମ, ତୃତୀୟ, ଚତୁର୍ଥ, ଷଷ୍ଠ, ଅଷ୍ଟମ, ଦଶମ ଓ ଦ୍ୱାଦଶ ଭାବ ଅଶୁଭ ଅଟେ। ଯଥାର୍ଥରେ-

ଜୀବେ ଦ୍ୱିତୀୟେ ଧନ ଧାନ୍ୟ ଭୋଗୀ
ସୂତାର୍ଥ ଲାଭ ନବ ପଞ୍ଚକେଷ୍ଟୁ,
ଯା' ମିତ୍ର ସଂସ୍ତେ ବିପୁଳାଚ ଲକ୍ଷ୍ମୀ-
ଶ୍ଚୈକାଦଶେସର୍ବ ଶୁଭଂ ଦଦାତି,



ଅଶୁଭ ସ୍ଥାନ ଯଥା-

ଜନ୍ମ ରାଶୌ ଶୁରାଚାର୍ଯ୍ୟ ରାମୋରାଜା ବନଂ ଗତଃ,
ତୃତୀୟେଚ ବଳିର୍ବନ୍ଧୋ ଚତୁର୍ଥେ ବିଂଶ ଲୋଚନଃ,
ଦ୍ୱାଦଶେ ସଗର ରାଜା ଦଶମେ ମଧୁ କୈଟଭୌ
ଅଷ୍ଟମେ କୁରୁରାଜାଚ ଷଷ୍ଟେ କର୍ଣ୍ଣନିପାଡିତଃ॥

ବର୍ଣ୍ଣିତ ନିୟମକୁ ଭିତ୍ତିକରି ଚଳନ ଦିବସର ରାଶି ନକ୍ଷତ୍ରକୁ ଲକ୍ଷ୍ୟ କଲେ ଜଣାଯାଏ ଶୁଭ। ମଧ୍ୟମ ଶୁଭ ତଥା ଅଶୁଭ ଶୁଭ ଫଳ ଦ୍ୱାଦଶ ରାଶିକୁ ଗୋଚର ଅନୁସାରେ ସଂକ୍ଷିପ୍ତ ଭାବେ ନିମ୍ନରେ ଦିଆଗଲା। ଅଶୁଭ ଫଳ ଥିବା ରାଶି ଜାତ ବ୍ୟକ୍ତିମାନେ ଗୁରୁବାରରେ ହଳଦି ମାଳରେ ବୃହସ୍ପତି ମନ୍ତ୍ର ଜପ କଲେ ମନ୍ତ୍ର ପ୍ରଭାବରେ ଅଶୁଭତା ଦୂର ହୁଏ।

କର୍ମାକର୍ମ ଜ୍ଞାନ ରହିବନାହିଁ। ଅଯଥା ଭ୍ରମଣ କରି ମନସ୍ତାପ ସୃଷ୍ଟି ହେବ। ପାରିପାର୍ଶ୍ୱିକ ଅବସ୍ଥା ଭଲ ରହିବନାହିଁ।



**ସିଂହ:** ଆପଣଙ୍କର ଏ ଚଳନରେ ବୃହସ୍ପତି ଦ୍ୱାଦଶ ଭାବରେ ଅବସ୍ଥାନ କରିବେ। ଏଣୁ ନିଜର ଜିଦ୍‌ଖୋର୍‌ପଣ ଓ ଭାଷାର ସଂଯମତା ନରହିବା କାରଣରୁ ଅଯଥା ଯୁକ୍ତିତର୍କର ସମ୍ମୁଖୀନ ହେବେ। ଅର୍ଥହାନି ହେବା ସହିତ ବ୍ୟର୍ଥତା ବୃଦ୍ଧି ପାଇବ। ଶତ୍ରୁମାନେ ବଢ଼ିଚାଲିବେ। ବନ୍ଧୁ ମତାନ୍ତର ରହିଲେ ମଧ୍ୟ ରୋଜଗାର ପୂର୍ବପରି ଅବ୍ୟାହତ ରହିବ ।



**କନ୍ୟା:** ବୃହସ୍ପତି ଚଳନରେ ଆପଣଙ୍କର ସ୍ଥିତି ଏକାଦଶ । ଫଳରେ ବିଭିନ୍ନ ଦିଗରୁ ଲାଭାନ୍ୱିତ ହେବେ। କର୍ମକ୍ଷେତ୍ରରେ ତଥା ପାରିବାରିକ କ୍ଷେତ୍ରରେ ଶୁଭଫଳ ଲାଭ। ନୂତନ ଦ୍ରବ୍ୟ ଲାଭ ଆଶା। ଜମିବାଡ଼ି କ୍ରୟ ବା ନୂତନ ଗୃହ ପ୍ରବେଶର ସୁଯୋଗ ଆସିବ। ଶତ୍ରୁମାନଙ୍କୁ ପରାହତ କରି ସାମାଜିକ କ୍ଷେତ୍ରରେ ପ୍ରଶଂସା ଭାଜନ ହେବେ। ପରିବାରରେ ଉନ୍ନତି ତଥା ଆନନ୍ଦ ଲାଭ।



**ତୁଳା:** ଆପଣଙ୍କର ଏ ଚଳନରେ ବୃହସ୍ପତି ଦଶମ ଭାବରେ ରହିବେ। ଏଣୁ ନିଜର ଔଦ୍ଧତ୍ୟ ବୃଦ୍ଧି ପାଇବ। ହିତାହିତ ଜ୍ଞାନ ରହିବନାହିଁ। ବନ୍ଧୁ ମତାନ୍ତରର ସମ୍ମୁଖୀନ ହେବେ। ମାନସିକ ଅଶାନ୍ତି କ୍ରମେ ବଢ଼ି ଚାଲିବ। କର୍ମକ୍ଷେତ୍ରରେ ଅପମାନିତ ହେବେ। ଭ୍ରାତୃଦ୍ୱନ୍ଦ୍ୱର ଆଶଙ୍କା ରହୁଛି। ଶୁଭ କାର୍ଯ୍ୟରେ ବାଧା ଉପୁଜିବ।



**ବିଛା:** ଆପଣଙ୍କର ଏ ଚଳନରେ ନବମ ବୃହସ୍ପତି ଭୋଗ ହେବେ। ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବା ସହିତ ସନ୍ତାନ ସନ୍ତତିଙ୍କ ପାଇଁ ଗର୍ବ ଅନୁଭବ କରିବେ । କର୍ମକ୍ଷେତ୍ରରେ ନିଜର ଆଧିପତ୍ୟ ବୃଦ୍ଧି ପାଇବ। ନୂତନ ଯାନ ବାହନ ବା ଭୂମି ପ୍ରାପ୍ତ ଯୋଗ ରହୁଛି। ଶୁଭ କର୍ମ କରି ଆନନ୍ଦିତ ହେବେ। ରାଜ ସମ୍ମାନ ପ୍ରାପ୍ତି ହେବ। ଆୟ ବଢ଼ିବ।



**ଧନୁ:** ଆପଣଙ୍କର ଏ ଚଳନରେ ବୃହସ୍ପତି ଗୋଚରରେ ଅଷ୍ଟମ। ଏଣୁ ବହୁ ସମୟରେ ସମସ୍ୟା ଜର୍ଜରିତ ହେବେ। ପାରିବାରିକ ଅଶାନ୍ତି ଦେଖା ଦେବାର ଆଶଙ୍କା। କର୍ମକ୍ଷେତ୍ରରେ ଜଞ୍ଜାଳ ବୃଦ୍ଧି । ହିତରେ ବିପରୀତ ବୁଦ୍ଧି ଜାତ ହେବ। ସାମୟିକ ସ୍ୱାସ୍ଥ୍ୟ ହାନିର ସମ୍ଭାବନା। ଆୟ ବ୍ୟୟ ପ୍ରାୟତଃ ସମାନ ରହିବ। ସାମାଜିକ କ୍ଷେତ୍ରରେ ବ୍ୟସ୍ତତା ବଢ଼ିବ।



**ମକର:** ଆପଣଙ୍କର ବୃହସ୍ପତି ଗୋଚରରେ ସପ୍ତମ- ଏଣୁ କର୍ମକ୍ଷେତ୍ରରେ ଆନନ୍ଦ ଲାଭ, ଅକସ୍ମାତ୍ ଧନ ପ୍ରାପ୍ତ କରି ଖୁସି ହେବେ। ପାରିବାରିକ ସହଯୋଗରୁ ନୂତନ କର୍ମ ପଥରେ ଅଗ୍ରସର ହେବେ। ଶତ୍ରୁମାନଙ୍କୁ ପରାହତ କରିବାରେ ସକ୍ଷମ ହେବେ। ନିଜର ସ୍ୱାସ୍ଥ୍ୟଗତ ତ୍ରୁଟି ଦୂର ହେବାର ଆଶା।



**କୁମ୍ଭ:** ଆପଣଙ୍କର ଏ ଚଳନରେ ଷଷ୍ଠ ବୃହସ୍ପତି ଭୋଗ ହେବ। ଫଳରେ ପରିବାରରେ ଅଶାନ୍ତି ଦେଖାଦେବ। ମାନସିକ ଯନ୍ତ୍ରଣା ବୃଦ୍ଧି ପାଇବ। ହିତେ ବିପରୀତ ଅନୁଭବ କରିବେ। ଆୟ ଓ ବ୍ୟୟ ପ୍ରାୟତଃ ସମାନ ରହିଲେ ମଧ୍ୟ ସ୍ୱାସ୍ଥ୍ୟ ଚିନ୍ତାରେ ପଡ଼ିପାରନ୍ତି।



**ମୀନ:** ଆପଣଙ୍କର ବୃହସ୍ପତି ଗୋଚରରେ ପଞ୍ଚମ ଭାବରେ ରହିବ। ଏଣୁ କର୍ମକ୍ଷେତ୍ରରେ ଉତ୍ସାହିତ ହେବା ସଙ୍ଗେ ସଙ୍ଗେ ଉନ୍ନତିକାରକ ହେବ। ବନ୍ଧୁ ସହଯୋଗ ମିଳିବ। ଆୟ ବୃଦ୍ଧି ହେବ। ଶୁଭ କାର୍ଯ୍ୟରେ ଯୋଗଦାନ କରିବେ। ଆକସ୍ମିକ ଅର୍ଥ ବା ସନ୍ତାନ ପ୍ରାପ୍ତି ଯୋଗ।

ଯାଜପୁର
ମୋ- ୯୪୩୮୮୬୦୪୪୯

# ଗଞ୍ଜାମ ଜିଲ୍ଲାରେ ୧୦ ବର୍ଷରେ ଗଡ଼ିଛି ୯୩୯ ମୁଣ୍ଡ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲାରେ ଇତିହାସ ପୁଣି କଡ଼ ଲେଉଟିଛି। ଅପରାଧ ପାଇଁ ଜିଲ୍ଲା ପୁଣି ଅପଯଶ ମୁଣ୍ଡାଇଛି। ପୋଲିସ ପାରିବାପଣିଆ ଉପରେ ଲାଗିଛି ପ୍ରଶ୍ନବାଚୀ । ସରକାରଙ୍କ ଛବି ବି ମଳିନ ହେଉଛି। ଅବଶ୍ୟ ଏବେ ପୋଲିସ ପୁଣି ଏନ୍‌କାଉଣ୍ଟର ଧାରାକୁ ଫେରି ଅପରାଧିଙ୍କୁ ଡରାଇବା ଆରମ୍ଭ କରିଛି । ଇତିହାସର ପୃଷ୍ଠା ଓଲଟାଇଲେ ଜିଲ୍ଲାରେ ଗତ ୧୦ ବର୍ଷରେ ଅର୍ଥାତ୍ ୨୦୧୬ ରୁ ୨୦୨୫ରେ ୯୩୯ ହତ୍ୟାକାଣ୍ଡ ଘଟିଛି। ଏଥି ସହ ୨୦୨୬ ମସିହାରେ ପାଖାପାଖି ୨୦ ମୁଣ୍ଡ ଗଡ଼ିସାରିଲାଣି। ତଥ୍ୟ ଅନୁସାରେ ବିଜେଡ଼ି ସରକାରଙ୍କ ଶେଷ ୮ ବର୍ଷ ଭିତରେ ଗଞ୍ଜାମ ଜିଲ୍ଲା ୭୫୫ଟି ହତ୍ୟାକାଣ୍ଡ ଦେଖିଛି। ୨୦୧୬ରେ ୭୮ଟି ହତ୍ୟାକାଣ୍ଡ ଘଟିଥିବା ବେଳେ ୨୦୧୭ରେ ୮୭ଟି, ୨୦୧୮ରେ ୯୪ଟି, ୨୦୧୯ରେ ୯୬ଟି, ୨୦୨୦ରେ ୮୯ଟି, ୨୦୨୧ରେ ୧୧୧ଟି, ୨୦୨୨ରେ ୮୨ଟି, ୨୦୨୩ରେ ୧୧୪ଟି ହତ୍ୟାକାଣ୍ଡ ଘଟିଥିଲା । ସେହିପରି ୨୦୨୪ରେ ସରକାର ପରିବର୍ତ୍ତନ ହେଲା । ଲୋକେ ଭାବିଥିଲେ ନୂଆ ସରକାରରେ ଅପରାଧ କମିବ। ହେଲେ ବିଜେପି ସରକାରରେ ମଧ୍ୟ ଅପରାଧ ଗ୍ରାଫ୍ ଉପରମୁହାଁ ହୋଇଛି। ୨୦୨୪ରେ ଗଞ୍ଜାମ ଜିଲ୍ଲାରେ ୯୧ଟି ହତ୍ୟାକାଣ୍ଡ ଘଟିଥିବା ବେଳେ ୨୦୨୫ରେ ୯୭ଟି ହତ୍ୟାକାଣ୍ଡ ଘଟିଛି। ସେଥିରୁ କେବଳ ବ୍ରହ୍ମପୁର ପୋଲିସ ଜିଲ୍ଲାରେ ୨ ବର୍ଷରେ ଯଥାକ୍ରମେ ୩୦ଟି ଓ ୨୮ଟି ମୁଣ୍ଡ ଗଡ଼ିଛି। ଏହାକୁ ବାଦ ହେଲେ ଗୋପାଳପୁର ବେଳାଭୂମି ଗଣଦୁଷ୍କର୍ମ ଓ ବିଜେପି ନେତା ପୀତବାସ ପଣ୍ଡା ହତ୍ୟାକାଣ୍ଡ ବି ନୂଆ ସରକାରରେ ଘଟିଛି । ଗୋଟିଏ ମାସରେ ଗୋପାଳପୁର ଓ ପୋଲସରା ଥାନା ଅଞ୍ଚଳର ୨ ଜଣଙ୍କୁ ଉଠାଇ ନେଇ ହତ୍ୟା ପରେ ଶବ ଫିଙ୍ଗି ଦିଆଗଲା । ବ୍ରହ୍ମପୁର ସହରରେ ରାସ୍ତାରେ ଲୋକଙ୍କ ସାମ୍ନାରେ ଅପରାଧୀମାନେ ଅତି ଅମାନୁଷିକ ଭାବେ ଜଣକୁ ଠେଙ୍ଗାରେ ପିଟିବା ଏବଂ ଆଉ ଜଣଙ୍କୁ ହାଣିବା ଦୃଶ୍ୟ ସମସ୍ତଙ୍କୁ ବିଚଳିତ କରିଛି । ପୋଲିସ ଉପରୁ ଲୋକଙ୍କ ବିଶ୍ୱାସ ଉଠିଯାଇଛି । ପୋଲିସକୁ ପୁରୁଣା ଫର୍ମାଟ୍‌କୁ ଫେରିବାକୁ ପଡ଼ିବ ବୋଲି ଦାବି ଉଠୁଛି। ଅପରାଧିଙ୍କ ଉପରେ ଶୂନ୍ୟ ସହନଶୀଳ ହେବାକୁ ଲୋକେ ଅପିଲ୍ କରୁଛନ୍ତି । ଅବଶ୍ୟ ଗତ ୧୧ ଦିନ ଭିତରେ ବ୍ରହ୍ମପୁର ପୋଲିସ ୫ ଜଣଙ୍କୁ ଏନ୍‌କାଉଣ୍ଟର କରିସାରିଲାଣି । ଯାହା ପୋଲିସର ଛବି ସଜାଡ଼ିବା ସହ ଅପରାଧିଙ୍କ ମନରେ ଭୟ ସୃଷ୍ଟି କରିପାରିବ ବୋଲି ମତପ୍ରକାଶ ପାଉଛି । ହେଲେ ବିଜେଡ଼ି ସରକାର ଅମଳରେ କଥା କଥାକେ ମୁଣ୍ଡ ଗଡୁଥିଲା । ୨୦୨୧ ଓ ୨୦୨୩ରେ ଜିଲ୍ଲାରେ ହତ୍ୟା ସଂଖ୍ୟା ତିନି ଗୁଣ ଟପିଗଲା । ଉପରମୁହାଁ ଗ୍ରାଫ୍ ଦେଖି ପୋଲିସ ଓ ସରକାର ବି ତାଟକା ହେଉଥିଲେ । ଏବେ ନୂଆ ସରକାରରେ ବି ସମାନ ସ୍ଥିତି । ଘରୁ ଟେକିନେଇ ହତ୍ୟା, ଗଣଦୁଷ୍କର୍ମ ଜିଲ୍ଲାର ମୁଣ୍ଡକୁ ତଳକୁ କରିସାରିଛି ।



## ଇମ୍ଫାର ୩୩ଟି ବିକାଶମୂଳକ ପ୍ରକଳ୍ପ ଉଦ୍‌ଘାଟନ କଲେ ଜିଲ୍ଲାପାଳ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଇମ୍ଫା ଶିଳ୍ପ ଗୋଷ୍ଠୀ ଏବଂ ଏହାର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଓ ଇଲାପଣ୍ଡା ଫାଉଣ୍ଡେସନ ପକ୍ଷରୁ ଚୌଦ୍ୱାର ପୌରପାଳିକା ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଅର୍ଥିକ ବର୍ଷ ୨୦୨୫-୨୬ ପାଇଁ ବିଭିନ୍ନ ସି.ଏସ.ଆର ପ୍ରକଳ୍ପର ଉଦ୍‌ଘାଟନ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ମୁଖ୍ୟଅତିଥି ଭାବେ ଯୋଗଦେଇ ସମଗ୍ର ପ୍ରକଳ୍ପ ଗୁଡ଼ିକୁ ସର୍ବସାଧାରଣଙ୍କ ଉଦ୍ଦେଶରେ ଉତ୍ସର୍ଗ କରି ସ୍ଥାନୀୟ ଅଞ୍ଚଳର ବିକାଶ ଦିଗରେ ଇମ୍ଫା ଓ ବିଆଇପିଏଫ୍‌ର ଏଭଳି ସାମାଜିକ ପ୍ରୟାସକୁ ଉଚ୍ଚ ପ୍ରସଂଶା କରିବା ସହ ଏହା ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚିପାରିବ ବୋଲି ଆଶା ପ୍ରକଟ କରିଥିଲେ । ସାମୁହିକ ଗୋଷ୍ଠୀ କେନ୍ଦ୍ର, ପାଠାଗାର ଗୃହ, ପାନୀୟ ଜଳ, ରୋଷେଇ ଶାଳ, ଶୌଚାଳୟ ବ୍ଲକ୍, ସାଇକେଲ ଷ୍ଟାଣ୍ଡ ଓ ଖେଳ ପଡିଆର ବିକାଶ ଆଦି ସମୁଦାୟ ୩୩ଟି ବିକାଶ ମୂଳକ ପ୍ରକଳ୍ପର ଉଦ୍‌ଘାଟନ ହୋଇଯାଇଛି । ଉଦ୍‌ଘାଟନି ସମାରୋହ ମୁଖ୍ୟତ ୨ଟି ସ୍ଥାନରେ ଆୟୋଜିତ ହୋଇଥିଲା । ପ୍ରଥମେ ଚୌଦ୍ୱାର ବିରାଟ ବଜାର ଠାରେ ଥିବା ଯାତ୍ରୀ ବିଶ୍ରାମାଗାର ଲୋକାର୍ପିତ ହୋଇଥିଲା । ପରେ ମଙ୍ଗରାଜପୁର ସ୍ଥିତ ନେକ୍ଟାର ବୃଦ୍ଧାଶ୍ରମ ପରିସରରେ ବରିଷ୍ଠ ନାଗରିକ ମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତାକୁ ଦୃଷ୍ଟିରେ ରଖି ଇମ୍ଫା ଓ ବିଆଇପିଏଫ ଦ୍ୱାରା ନିର୍ମିତ ସ୍ୱତନ୍ତ୍ର ଶୌଚାଳୟର ଉଦ୍‌ଘାଟନ ଜିଲ୍ଲାପାଳ କରିଥିଲେ । ଇମ୍ଫା ଚୌଦ୍ୱାରର ଉପ ସଭାପତି ବିନୟ କୁମାର ଅଗ୍ରୱାଲ,ବିଆଇପିଏଫ୍‌ର ଉପ ସଭାପତି ଧର୍ମେଶ ଗୋହେଲ, ଇମ୍ଫାର କର୍ପୋରେଟ ବ୍ୟାପାର ମୁଖ୍ୟ ଅଶ୍ୱନୀ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଇମ୍ଫା ଓ ବିଆଇପିଏଫର ଅଧିକାରୀଗଣ, ବିରାଟ ବଜାର କମିଟି ପକ୍ଷରୁ ପ୍ରଶାନ୍ତ ବରାଳ, ନେକ୍ଟାରର ପ୍ରତିଷ୍ଠାତା ଡ. ଲକ୍ଷ୍ମୀଧର ପଣ୍ଡା ପ୍ରମୁଖଙ୍କ ଉପସ୍ଥିତିରେ ଇମ୍ଫାର ଲୋକସମ୍ପର୍କ ଅଧିକାରୀ ମାନସ କୁମାର ବସନ୍ତିଆ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

## ଜଳିଗଲେ ବାଇକ୍ ଆରୋହୀ

**ଅନୁଗୁଳ, ନ୍ୟୁଜ୍ ବ୍ୟୁରୋ**

ଅନୁଗୁଳ ଜିଲ୍ଲା ସମଲ ଥାନା ଅନ୍ତର୍ଗତ ସମାକୋଇ ବ୍ରିଜ୍ ଉପରେ ଘଟିଛି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ଦୁର୍ଘଟଣାରେ ବାଇକ୍ ଆରୋହୀ ଜୀବନ୍ତ ଦଗ୍ଧ ହୋଇଯାଇଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି । ମୃତକ ହେଲେ ତୁରଙ୍ଗ ଅଞ୍ଚଳର ଦୀପକ ପ୍ରଧାନ (୨୭)। ସୂଚନା ଅନୁଯାୟୀ, ବିଳମ୍ବିତ ରାତିରେ ଦୀପକ ଓ ତାଙ୍କ ସାଙ୍ଗ ରଞ୍ଜନ କୌଣସି କାମରେ ବାଇକ୍ ଯୋଗେ ପାଲଲହଡ଼ା ଯାଉଥିବାବେଳେ କୌଣସି ଅଜଣା ଗାଡ଼ି ଧକ୍କା ଦେଇ ୨୦୦ ମିଟର ଘୋଷାଡ଼ି ନେଇଥିଲା। ବାଇକ୍‌ଟିରେ ନିଆଁ ଲାଗିଯିବା ସହିତ ଏହା ଜଳିଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ଦୀପକଙ୍କର ମୃତ୍ୟୁ ଘଟିଥିବା ବେଳେ ରଞ୍ଜନ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ ଅବସ୍ଥା ଗୁରୁତର ହେବାରୁ ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଆହତ ଯୁବକଙ୍କ ପରିଚୟ ମିଳିପାରିନାହିଁ। ଖବରପାଇ ସମଲ ପୋଲିସ ପହଞ୍ଚି ମୃତକଙ୍କ ଶବ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି । ଘଟଣାର ତଦନ୍ତ କରୁଛି ପୋଲିସ ।

## ଟାଙ୍ଗିଆ ଆକ୍ରମଣରେ ବାପା ସହ ଯୁବକ ଗୁରୁତର:ପୁଅ ଗିରଫ

**ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ**

ଝାରସୁଗୁଡ଼ା ଜିଲ୍ଲା ରେଙ୍ଗାଲି ଥାନା ଅନ୍ତର୍ଗତ କୁଡ଼ାବଗା ଗାଁରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହକୁ କେନ୍ଦ୍ର କରି ଜଣେ ପୁଅ ନିଜ ବାପାଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିବା ବେଳେ, ତାଙ୍କୁ ବଞ୍ଚାଇବାକୁ ଆସିଥିବା ଅନ୍ୟ ଜଣେ ଯୁବକ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, କୁଡ଼ାବଗା ଗ୍ରାମର ଛନ୍ଦାଚରଣ ମଲ୍ଲିକ କୌଣସି କାରଣରୁ ଉତ୍ତେଜିତ ହୋଇ ଏକ ଧାରୁଆ ଟାଙ୍ଗିଆରେ ନିଜ ବାପା ଥଣ୍ଡାରାମ ମଲ୍ଲିକଙ୍କ ବେକକୁ ଆକ୍ରମଣ କରିଥିଲେ। ଏହି ସମୟରେ ଗ୍ରାମର ଯୁବକ ନିରଞ୍ଜନ ବଗାର ତାଙ୍କୁ ଉଦ୍ଧାର କରିବାକୁଯାଇଥିବା ବେଳେ ଅଭିଯୁକ୍ତ ତାଙ୍କୁ ମଧ୍ୟ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ଫଳରେ ଉଭୟ ଥଣ୍ଡାରାମ ଓ ନିରଞ୍ଜନ ଗୁରୁତର ଭାବେ ଆହତ ହୋଇ ରକ୍ତାକ୍ତ ଅବସ୍ଥାରେ ପଡ଼ିରହିଥିଲେ। ଘଟଣାପରେ ସ୍ଥାନୀୟ ଲୋକେ ତୁରନ୍ତ ଉଭୟ ଆହତଙ୍କୁ ଉଦ୍ଧାର କରି ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେଠାରେ ଦୁଇ ଜଣଙ୍କ ଚିକିତ୍ସା ଜାରି ରହିଛି। ଖବରପାଇ ରେଙ୍ଗାଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପରେ ଅଭିଯୁକ୍ତ ଛନ୍ଦାଚରଣ ମଲ୍ଲିକଙ୍କୁ ରେଙ୍ଗାଲି ଥାନା କେସ୍ ନମ୍ବର ୧୫୮/୨୦୨୬ ଅନୁସାରେ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଘଟଣାଟି ପାରିବାରିକ ଶତ୍ରୁତା ନା ଅନ୍ୟ କୌଣସି କାରଣରୁ ଘଟିଛି, ସେନେଇ ପୋଲିସ ବିଭିନ୍ନ ଦିଗରୁ ତଦନ୍ତ ଚଳାଇଛି।



## ଶ୍ରମିକମାନଙ୍କ ସୁରକ୍ଷା ଓ ଅଧିକାର ସୁନିଶ୍ଚିତ କରିବାକୁ ଗୁରୁତ୍ୱ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ପଦ୍ମପୁର ଉପଖଣ୍ଡରେ ବନ୍ଧୁଆ ଶ୍ରମିକ ଓ ମାନବ ଚାଲାଣ ସମ୍ବନ୍ଧୀୟ ସମସ୍ୟା ଏବଂ ଏହାର ସମାଧାନ ଦିଗରେ ଆଲୋଚନା କରିବା ପାଇଁ ଏକ ସ୍ୱତନ୍ତ୍ର ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ପଦ୍ମପୁର ଉପଜିଲ୍ଲାପାଳ ହେମସାଗର ଭୋଇ ଅଧ୍ୟକ୍ଷତା କରିଥିଲେ। ପଦ୍ମପୁର ଅତିରିକ୍ତ ଜିଲ୍ଲାପାଳ ସରୋଜିନୀ ପ୍ରସନ୍ନ କୁଲ୍ଲୁ ସଭାପତି ରୂପେ ଯୋଗଦେଇ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ବିକଳ୍ପ ଏନ୍‌ଜିଓ ଦ୍ୱାରା ଆୟୋଜିତ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ବନ୍ଧୁଆ ଶ୍ରମିକ ସମସ୍ୟା ଓ ପ୍ରବାସୀ ଶ୍ରମିକଙ୍କ ସୁରକ୍ଷା ନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ବୈଠକରେ ବିଶେଷ ଭାବେ ଉଦ୍ଧାର ପ୍ରକ୍ରିୟା, ଉଦ୍ଧାରକାରୀ ଦଳର ଗଠନ ଏବଂ ଉଦ୍ଧାର ହୋଇଥିବା ବ୍ୟକ୍ତିବିଶେଷଙ୍କ ପୁନର୍ବାସ ବ୍ୟବସ୍ଥା ନେଇ ଆଲୋଚନା କରାଯାଇଥିଲା। ଏହି ଅବସରରେ ପାଟଣାଗଡ଼ର ଜଣେ ଉଦ୍ଧାର ହୋଇଥିବା ଶ୍ରମିକ କନ୍ୟା ନିଜର ସଂଘର୍ଷର କାହାଣୀ ସମସ୍ତଙ୍କ ସମ୍ମୁଖରେ ବର୍ଣ୍ଣନା କରିଥିଲେ, ଯାହା ବୈଠକକୁ ବେଶ୍ ଭାବବିହ୍ୱଳ କରିଥିଲା। ପ୍ରଶାସନ ଓ ସଂପୃକ୍ତ ଅନୁଷ୍ଠାନମାନଙ୍କର ଏହି ମିଳିତ ପ୍ରୟାସ ପଦ୍ମପୁର ଉପଖଣ୍ଡରେ ଶ୍ରମିକଙ୍କ ସୁରକ୍ଷା ଓ ଅଧିକାରକୁ ସୁନିଶ୍ଚିତ କରିବ ବୋଲି ଆଶା କରାଯାଉଛି। ଏହି ବୈଠକରେ ପଦ୍ମପୁର, ସୋହେଲା, ଝାରବନ୍ଧ ଓ ଗାଇସିଲେଟର ତହସିଲଦାର ବୃନ୍ଦ, ଉପଖଣ୍ଡ ଆରକ୍ଷୀ ଅଧିକାରୀ (SDPO), କଲ୍ୟାଣ ବିଭାଗର ବିଭିନ୍ନ ଅଧିକାରୀ ମାନେ ଯୋଗଦେଇଥିଲେ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୩୧।୦୫।୨୦୨୬, ଜ୍ୟୈଷ୍ଠ (ମଳ) ଦି୧୭ନ, ରବିବାର**

**ସୂର୍ଯ୍ୟୋଦୟ- ଘ ୫।୦୨।୪୩ ଚନ୍ଦ୍ରୋଦୟ- ସଂଘ ୬।୩୪।୩୬**

**ପୂର୍ଣ୍ଣିମା** ଦିଘ ୨।୧୭ ପର୍ଯ୍ୟନ୍ତ। ଅନୁରାଧା ନକ୍ଷତ୍ର ଦିଘ ୪।୧୫ ପର୍ଯ୍ୟନ୍ତ । **ବିଛା ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ, ମୀନ ରାଶିର। **ଘାତଚନ୍ଦ୍ର-** ନାହିଁ। **ଶ୍ରାଦ୍ଧନିର୍ଣ୍ଣୟ-** ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଆମିଷ ଦିଘ ୨।୧୭ ଗତେ ପାଣିକଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୫୬ ଗତେ ଦିଘ ୯।୩୫ ମଧ୍ୟେ। ଦିଘ ୧।୨୩ ଗତେ ଦିଘ ୨।୪୯ ମଧ୍ୟେ। **ପର୍ବୋତ୍ସବ-** ମଳ ପୂର୍ଣ୍ଣିମା, ଶ୍ରୀମନ୍ଦିରରେ ଜଳକ୍ରୀଡ଼ା।



**ମେଷ:** କାର୍ଯ୍ୟକ୍ଷେତ୍ରରେ ସମସ୍ୟା ଦେଖାଦେବ। ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ। ଘରେ କଳହ ଓ ଅଶାନ୍ତି ଦେଖାଦେବ। ସାମାଜିକ କ୍ଷେତ୍ରରେ ସମ୍ମାନ ହାନୀ ହୋଇପାରେ।



**ବୃଷ:** ଶତ୍ରୁଙ୍କ ପରିମାଣ ବଢ଼ିବ। ବ୍ୟବସାୟରେ ମଧ୍ୟମ ଧରଣର ଫଳ ପାଇବେ। ଖର୍ଚ୍ଚର ମାତ୍ରା ବଢ଼ିବ। ଘରେ ପିଲାଙ୍କ ପାଇଁ ଚିନ୍ତିତ ହେବେ। ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ।



**ମିଥୁନ:** ଚାକିରୀ କ୍ଷେତ୍ରରେ ସଫଳତା ଦେଖାଦେବ। ଆର୍ଥିକ ସ୍ଥିତିରେ ଉନ୍ନତି ଦେଖାଦେବ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ଘରେ ଆନନ୍ଦ ଦେଖାଦେବ। ଶରୀର ସୁସ୍ଥ ରହିବ।



**କର୍କଟ:** ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ। ଆୟ ଓ ବ୍ୟୟ ସମାନ ରହିବ। ଗରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ। କଚେରୀ ମାମଲାରେ ଶୁଣାଣି ସାପେକ୍ଷ ଜନିତ ହେବାର ସୂଚନା ।



**ସିଂହ:** କାର୍ଯ୍ୟକ୍ଷେତ୍ରରେ ଅସହଯୋଗ ଦେଖାଦେବ। ଅର୍ଥ ହାନୀ ଘଟିପାରେ। ଠକାମିର ଶିକାର ହୋଇପାରନ୍ତି। ଘରେ କଳହ ଦେଖାଦେଇପାରେ। ମାନସିକ ଦୁଶ୍ଚିନ୍ତା ମନକୁ ଭାରାକ୍ରାନ୍ତ କରିବ ।



**କନ୍ୟା:** କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ପାଇ ଉପକୃତ ହେବେ। ରୋଜଗାର ମଧ୍ୟମ ଧରଣର ହେବ। ପାରିବାରିକ ଅଶାନ୍ତି ଦେଖାଦେବ। ମହିଳାମାନେ ସୁଖୀ ହେବାର ସୂଚନା ।



**ତୁଳା:** କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଶତ୍ରୁ ଉପରେ ବିଜୟ ହାସଲ କରିବେ। ଆୟର ପରିମାଣ ବଢ଼ିବ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ। ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ।



**ବିଛା:** ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ। ବନ୍ଧୁ ଦର୍ଶନ ସହିତ ଆମୋଦ ପ୍ରମୋଦର ସୁଅ ଛୁଟିବ। ଘରେ ସୁଖ ଶାନ୍ତି ରହିବ। ଆୟର ପରିମାଣ ବଢ଼ିବ। ପରୋକାରୀ ହେବେ ।



**ଧନୁ:** ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ। ଦେହ ଭଲ ରହିବ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ରୋଜଗାର ମଧ୍ୟମ ଧରଣର ହେବ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ ।



**ମକର:** ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ। ବନ୍ଧୁଙ୍କ ସହ ମତାନ୍ତର ଦେଖାଦେଇପାରେ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ। ଘରେ କଳହ ଓ ଅଶାନ୍ତି ଦେଖାଦେବ । ମନ ଅସ୍ଥିର ରହିବ ।



**କୁମ୍ଭ:** କାର୍ଯ୍ୟକ୍ଷେତ୍ରରେ ସହକର୍ମୀଙ୍କ ସାନ୍ନିଧ୍ୟ ଲାଭ କରି ଉପକୃତ ହେବେ। ଶରୀର ସୁସ୍ଥ ରହିବ। ଶତ୍ରୁ ନାଶ ହେବେ। ମାଙ୍ଗଳିକ କାର୍ଯ୍ୟରେ ଯୋଗଦେଇପାରନ୍ତି। ରୋଜଗାର ଭଲ ହେବ ।



**ମୀନ:** ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ। ସାମାଜିକ ସ୍ତରରେ ଲକ୍ଷ୍ୟ ହାସଲ କରିବେ। ଲୋକ ସମ୍ପର୍କ ବଢ଼ିବ। ରୋଜଗାର ମଧ୍ୟମ ଧରଣର ହେବ। ଘରେ ସୁଖ ଶାନ୍ତି ଲାଭ ହେବ ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୧।୦୬।୨୦୨୬, ଜ୍ୟୈଷ୍ଠ (ମଳ) ଦି୧୮ନ, ସୋମବାର**

**ସୂର୍ଯ୍ୟୋଦୟ- ଘ ୫।୦୮।୩୭ ଚନ୍ଦ୍ରୋଦୟ- ସଂଘ ୭।୨୨।୪୩**

**ପ୍ରତିପଦ** ଦିଘ ୪।୩୮ ପର୍ଯ୍ୟନ୍ତ। ଜ୍ୟେଷ୍ଠା ନକ୍ଷତ୍ର ସଂଘ ୭।୧୧ ପର୍ଯ୍ୟନ୍ତ । **ବିଛା ଚନ୍ଦ୍ର-** ସଂଘ ୭।୧୧ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ବିଛା, ଧନୁ, ମକର, କୁମ୍ଭ ରାଶିର। ସଂଘ ୭।୧୧ ଗତେ ମିଥୁନ, କର୍କଟ, କନ୍ୟା, ଧନୁ, ମକର, ମୀନ ରାଶିର। **ଘାତଚନ୍ଦ୍ର-** ସଂଘ ୭।୧୧ ଗତେ ତୁଳା ଓ କୁମ୍ଭ ରାଶିର। **ଶ୍ରାଦ୍ଧନିର୍ଣ୍ଣୟ-** ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପାଣିକଖାରୁ ଦିଘ ୪।୩୮ ଗତେ ବୋଇତାଳୁ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୮।୪୨ ଗତେ ଦିଘ ୧୦।୨୭ ମଧ୍ୟେ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଆର୍ଥିକ ସଙ୍କଟରେ ଇରାନ

ଆମେରିକା ଏବଂ ଇରାନ ମଧ୍ୟରେ ଜାରି ରହିଥିବା ଭୂ-ରାଜନୈତିକ ତିକ୍ତତା ମଧ୍ୟରେ ୱାଶିଂଟନ ପକ୍ଷରୁ ତେହେରାନକୁ ଏକ ଶକ୍ତ ଆର୍ଥିକ ଧକ୍କା ମିଳିଛି । ଇରାନର ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗିବା ପାଇଁ ଆମେରିକା ଏକ ବଡ଼ ସଫଳତା ହାସଲ କରିଥିବା ଦାବି କରିଛି । ଆମେରିକାର ଟ୍ରେଜେରୀ ସେକ୍ରେଟେରୀ ସ୍କଟ୍ ବେସେଣ୍ଟ ସୂଚନା ଦେଇଛନ୍ତି ଯେ, ଆମେରିକା ପ୍ରଶାସନ ଇରାନ ସହ ଜଡ଼ିତ ପ୍ରାୟ ୧ ଅରବ ଆମେରିକୀୟ ଡଲାରର କ୍ରିପ୍ଟୋକରେନ୍ସି ପାଣ୍ଠିକୁ ଜବତ କରିନେଇଛି । ଆମେରିକା ଦ୍ୱାରା ଆରମ୍ଭ କରାଯାଇଥିବା ସ୍ୱତନ୍ତ୍ର ଅଭିଯାନ 'ଅପରେସନ ଇକୋନୋମିକ ଫ୍ୟୁରି' ଅଧୀନରେ ଏହି ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି ଇରାନର ଗୁପ୍ତ ଆର୍ଥିକ ନେଟୱର୍କକୁ ସଂପୂର୍ଣ୍ଣ ଭାବେ ନିଷ୍କ୍ରିୟ କରିବା ଏବଂ ତାର ଆର୍ଥିକ ଶକ୍ତିକୁ ଦୁର୍ବଳ କରିବା । ପ୍ରସିଦ୍ଧ ଗଣମାଧ୍ୟମ 'ଫକ୍ସ ବିଜନେସ'ର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଆଲୋଚନା ବେଳେ ଟ୍ରେଜେରୀ ସେକ୍ରେଟେରୀ ସ୍କଟ୍ ବେସେଣ୍ଟ ଏହି ରଣନୀତିକ ସଫଳତା ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି । ସେ କହିଛନ୍ତି: 'ଆମେ ଇରାନର ପ୍ରାୟ ଏକ ବିଲିୟନ ଡଲାରର କ୍ରିପ୍ଟୋ ପାଣ୍ଠିକୁ ସଫଳତାର ସହ ଜବତ କରିଛୁ । ଆମର ସାଇବର ଏବଂ ଆର୍ଥିକ ବିଶେଷଜ୍ଞମାନେ ସିଧାସଳଖ ସେମାନଙ୍କର ଡିଜିଟାଲ ୱାଲେଟଗୁଡ଼ିକୁ ନିଜ ନିୟନ୍ତ୍ରଣକୁ ନେଇଛନ୍ତି ।' ବେସେଣ୍ଟଙ୍କ ଦାବି ଅନୁଯାୟୀ, ଗତ ୫ ରୁ ୬ ସପ୍ତାହ ମଧ୍ୟରେ ଇରାନ ବିରୋଧରେ କରାଯାଇଥିବା କ୍ରମାଗତ ସାମରିକ କାର୍ଯ୍ୟାନୁଷ୍ଠାନ ଏବଂ କଠୋର ଆର୍ଥିକ ପ୍ରତିବନ୍ଧକ ଯୋଗୁଁ ଇରାନ ବର୍ତ୍ତମାନ ଏକ ଗଭୀର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଛି । ଏହି ଦ୍ୱିମୁଖୀ ଚାପ ଯୋଗୁଁ ଇରାନର ଅର୍ଥନୀତି ସମ୍ପୂର୍ଣ୍ଣ ଭାବେ ଭାଙ୍ଗିପଡ଼ିଛି ।

ଆମେରିକାର ଆର୍ଥିକ ପ୍ରହାର ଯୋଗୁଁ ଇରାନ ଭିତରେ ସ୍ଥିତି ଅତ୍ୟନ୍ତ ସଂଗୀନ ହେବାରେ ଲାଗିଛି । ସରକାରୀ ସ୍ତରରେ ଆର୍ଥିକ ଅନାଟନ ଏପରି ସ୍ତରରେ ପହଞ୍ଚିଛି ଯେ ଦେଶର ସୁରକ୍ଷା ଦାୟିତ୍ୱରେ ଥିବା ଅନେକ ସୁରକ୍ଷାକର୍ମୀ ଓ ସୈନ୍ୟମାନଙ୍କୁ ସମୟ ଅନୁସାରେ ମାସିକ ଦରମା ମଧ୍ୟ ମିଳିପାରୁ ନାହିଁ । ଏହା ସହିତ ଦେଶରେ ମୁଦ୍ରାସ୍ଫୀତି ବା ମହଙ୍ଗା ମାଡ଼ ଆକାଶଛୁଆଁ ହୋଇଛି, ଯାହା ସାଧାରଣ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି । ସ୍ଥିତିକୁ ନିୟନ୍ତ୍ରଣ କରିବା ଏବଂ ଗରିବ ଲୋକଙ୍କୁ ଭୋକରୁ ରକ୍ଷା କରିବା ପାଇଁ ଇରାନ ସରକାରଙ୍କୁ ବାଧ୍ୟ ହୋଇ ଜନସାଧାରଣଙ୍କ ପାଇଁ 'ଫୁଡ୍ ଭାଉଚର' ଭଳି ଜରୁରୀକାଳୀନ ଯୋଜନା ଚଳାଇବାକୁ ପଡୁଛି । ଆମେରିକୀୟ ଅର୍ଥ ସଚିବଙ୍କ ସୂଚନା ଅନୁଯାୟୀ, ମାର୍ଚ୍ଚ ୨୦୨୫ରେ ଆରମ୍ଭ ହୋଇଥିବା 'ଅପରେସନ ଇକୋନୋମିକ ଫ୍ୟୁରି' ଅଧୀନରେ କେବଳ କ୍ରିପ୍ଟୋ ନୁହେଁ, ବରଂ ଇରାନର ବିଶ୍ୱବ୍ୟାପୀ ବ୍ୟାଙ୍କ ଆକାଉଣ୍ଟ, ବିଦେଶୀ ସମ୍ପତ୍ତି ଏବଂ ସମଗ୍ର ଆର୍ଥିକ ନେଟୱର୍କକୁ ଟାର୍ଗେଟ କରାଯାଇଛି । ସହଯୋଗୀ ଦେଶଙ୍କ ସହ ମିଳିତ କାର୍ଯ୍ୟାନୁଷ୍ଠାନ: ଆମେରିକା ନିଜର ୟୁରୋପୀୟ ସହଯୋଗୀ ଦେଶଗୁଡ଼ିକ ସହ ମିଶି ବିଦେଶୀ ମାଟିରେ ଥିବା ଇରାନର ଆଲିସାନ ବଙ୍ଗଳା, ଭିଲା ଏବଂ ଅନ୍ୟାନ୍ୟ ସ୍ଥାବର ସମ୍ପତ୍ତିକୁ ଜବତ କରୁଛି । ଅବୈଧ ଆୟ ଉପରେ ରୋକ୍: ଆମେରିକା ଆରୋପ ଲଗାଇଛି ଯେ, ଇରାନର ଶୀର୍ଷ ନେତୃତ୍ୱ ବିଭିନ୍ନ ଗୁପ୍ତ ମାଧ୍ୟମରେ ପ୍ରତି ମାସରେ ୪୦ ରୁ ୫୦ କୋଟି ଡଲାର ହାସଲ କରୁଥିଲେ । ଏହି ଅର୍ଥ ପ୍ରକୃତରେ ଇରାନର ସାଧାରଣ ଜନତାଙ୍କର ଥିଲା, ଯାହାକୁ ଶାସକ ଗୋଷ୍ଠୀ ନିଜ ସ୍ୱାର୍ଥ ଓ ସାମରିକ କାର୍ଯ୍ୟକଳାପ ପାଇଁ ବ୍ୟବହାର କରୁଥିଲେ । ଆମେରିକାର କାର୍ଯ୍ୟାନୁଷ୍ଠାନ ପରେ ଏହି ସମସ୍ତ ଆୟର ଉତ୍ସ ବନ୍ଦ ହୋଇଯାଇଛି । ଇରାନର ସାମ୍ପ୍ରତିକ ସ୍ଥିତି ଏବଂ କୂଟନୈତିକ ଆଲୋଚନା ଉପରେ ବେସେଣ୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଖୁଲାସା କରିଛନ୍ତି । ସେ କହିଛନ୍ତି ଯେ, କ୍ରମାଗତ ସାମରିକ ଓ ଆର୍ଥିକ ଚାପ ଯୋଗୁଁ ଇରାନର ପୁରୁଣା ଶୀର୍ଷ ନେତୃତ୍ୱ ବର୍ତ୍ତମାନ ଦୃଶ୍ୟପଟ୍ଟରୁ ହଟିଯାଇଛନ୍ତି । ଫଳରେ ଆମେରିକାକୁ ବର୍ତ୍ତମାନ ଇରାନର ତୃତୀୟ ସ୍ତରର ନେତୃତ୍ୱ ସହିତ ଆଲୋଚନା କରିବାକୁ ପଡୁଛି । ପାରସ୍ୟ ଉପସାଗର ଅଞ୍ଚଳରେ ଇରାନ ଯେଉଁ ଆକ୍ରାମକ ସାମରିକ ଆଭିମୁଖ୍ୟ ଆପଣାଇଥିଲା, ତାହା ଏବେ ତାର ନିଜ ପାଇଁ 'ବୁମେରାଂ' ବା ଓଲଟା ସାବ୍ୟସ୍ତ ହୋଇଛି । ଇରାନର ଏହି ଆଚରଣରେ ଅତିଷ୍ଠ ହୋଇ ମଧ୍ୟପ୍ରାଚ୍ୟର ଅନ୍ୟ ଉପସାଗରୀୟ ଦେଶଗୁଡ଼ିକ ଏବେ ଆମେରିକାକୁ ସହଯୋଗ କରିବା ଆରମ୍ଭ କରିଛନ୍ତି । ଏହି ଦେଶଗୁଡ଼ିକ ଇରାନର ସମସ୍ତ ଗୁପ୍ତ ତେଲ କାରବାର ଏବଂ ବ୍ୟାଙ୍କିଙ୍ଗ ନେଟୱର୍କ ଉପରେ ନଜର ରଖିବା ପାଇଁ ଆମେରିକା ସହ ଗୁପ୍ତଚର ଓ ଆର୍ଥିକ ସୂଚନା ସେୟାର କରୁଛନ୍ତି । ଆମେରିକା ବିଶ୍ୱାସ କରେ ଯେ, ତାର ଏହି ପ୍ରବଳ ଆର୍ଥିକ ଚାପ ଏବଂ ପ୍ରତିବନ୍ଧକ ରଣନୀତି ଏବେ ସଫଳ ହେଉଛି ଏବଂ ଏହା ଇରାନକୁ ଆଲୋଚନା ଓ ସମର୍ପଣର ମେଜକୁ ଆସିବା ପାଇଁ ବାଧ୍ୟ କରୁଛି ।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

**ଜଗତ ମୋର ପ୍ରଭୁ ମୁଁ ହେଉଛି ସେବକ**

ଶ୍ରଦ୍ଧେୟ ଭକ୍ତବୃନ୍ଦ ଏ ଜଗତ ହେଉଛି ମୋର ପ୍ରାଣ । ଏ ଜଗତ ମୋର ଜୀବନ । ଏ ଜଗତ ହିଁ ମୋର ପ୍ରଭୁ । ମୁଁ ତାଙ୍କର ସେବକ । ମୁଁ ନୁହେଁ ଠାକୁର ମୁଁ ନୁହେଁ ଈଶ୍ୱର,ମୁଁ ହେଲି ପ୍ରଭୁର ଶ୍ରୀ ପଦ୍ମ କିଙ୍କର । ତେଣୁ ଜଗତକୁ ଯିଏ ଭଲପାଏ ମୁଁ ତାକୁ ଭଲପାଏ । ଜଗତକୁ ଯିଏ ପ୍ରେମ କରେ ମୁଁ ତାକୁ ପ୍ରେମ କରେ,ଜଗତହିଁ ଜଗନ୍ନାଥ,ଜଗତରୁ ମିଳିଛି ଗୀତା,ଭାଗବତ,ରାମାୟଣ,ପୁରାଣ,ବେଦ,ଶାସ୍ତ୍ର,ସଂହିତା,ମାତା,ପିତା,ଗୁରୁ,ତେଣୁ ଜଗତରୁ ମୁଁ ଭିନ୍ନ ନୁହେଁ । ତେଣୁ ଅଭିନ୍ନତା ହିଁ ଗତି ମୁକ୍ତିର ପଥ । ଯେ ଜଗତକୁ ମୋତେ ଭିନ୍ନତା ଦେଖେ ସେ ହିଁ ପାପୀ,ସେହିଁ ମୂର୍ଖ,ତେଣୁ କଥାରେ ଅଛି-

ମୂର୍ଖକୁ ଦେଲେ ଉପଦେଶ
ଲାଗିବ ବ୍ରହ୍ମ ହତ୍ୟା ଦୋଷ ।

ତେଣୁ ସବୁବେଳେ କୁହେ ତୁମେ ଭକ୍ତ ଯଦି ଭକ୍ତି ମାର୍ଗରେ ଶରଣରେ ରୁହ,ତୁମେ ଯଦି ଶିଷ୍ୟ ହେଉଛ ହୁଅ ମନାନାହିଁ ତେଣୁ ଶ୍ରୀଗୁରୁ ପଦ୍ମପାଦରେ ଲୟ ରଖିବା ଶ୍ରୀଗୁରୁ ଙ୍କୁ ଅନୁସରଣ କରିବା ଶିଷ୍ୟର ଧର୍ମ । ବ୍ରହ୍ମର ପ୍ରତ୍ୟେକ ବାକ୍ୟକୁ ପାଳନ କରିବା ହିଁ ଜୀବର ଧର୍ମ । ତେଣୁ ମୁଁ ପାଳନ କରୁଛି ପ୍ରଭୁର କର୍ମକୁ କଥାରେ ଅଛି ଜିବ ବ୍ରହ୍ମୈବ କେବଳଂ ,ଅନ୍ୟଥା ମାୟା,ଭାବ ପ୍ରେମର ବସୁନ୍ଧରାକୁ କଦର୍ଯ୍ୟ କରନାହିଁ । କାରଣ ବ୍ରହ୍ମକୁ ବାଧା ହେବ । ତେଣୁ ମୋତେ ପ୍ରଭୁ କହିବା ପୂର୍ବରୁ ମୋତେ ଠିକରେ ବୁଝିଛତ ?ଯଦି ଛଳନା କରୁଥାଅ ପଶ୍ଚାତାପ ନିଶ୍ଚୟ ହେବ । ତେଣୁ ବୁଝି ବିଚାରି କର୍ମ କଲେ ପ୍ରମାଦ ନ ପଡଇ ଭଲେ । ହରି ଓଁ ।

(କ୍ରମଶଃ ...)

◆◆

# ଅଖଣ୍ଡ ଭାରତର ଅନ୍ତର୍ନିହିତ ଇତିହାସ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

ଆୟତନ ଓ ଜନସଂଖ୍ୟା ଦୃଷ୍ଟିରୁ ଭାରତକୁ ସାଧାରଣତଃ ଏକ ଉପମହାଦେଶ ବୋଲି କୁହାଯାଏ । ପୃଥିବୀର ବୃହତ୍ତମ ମହାଦେଶ ଏସିଆର ଦକ୍ଷିଣାଂଶର କେନ୍ଦ୍ରସ୍ଥଳୀରେ ଭାରତବର୍ଷ ଅବସ୍ଥିତ । ଭାରତର ଉତ୍ତରରେ ସୁଦୀର୍ଘ ହିମାଳୟ ପର୍ବତଶ୍ରେଣୀ ଦୁର୍ଭେଦ୍ୟ ପ୍ରଚୀର ସଦୃଶ ଦଣ୍ଡାୟମାନ । ତାହା ଭାରତବର୍ଷଙ୍କୁ ଏସିଆ ମହାଦେଶର ଅନ୍ୟ ଅନ୍ୟ ଅଞ୍ଚଳମାନଙ୍କରୁ ପ୍ରାୟ ବିଚ୍ଛିନ୍ନ କରି ରଖିଛି । ଉତ୍ତର-ପଶ୍ଚିମରେ ସୁଲେମାନ ଓ ହିନ୍ଦୁକୁସ ପର୍ବତମାଳା ଅବସ୍ଥିତ । ଏହା ଭାରତ ଉପଦେଶକୁ ଋଷିଆ, ଆଫଗାନିସ୍ଥାନ ଓ ଇରାନଠାରୁ ପୃଥକ୍ କରିଅଛି । ଇତିହାସ ସହିତ ଭୂଗୋଳ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଭୌଗଳିକ ଅବସ୍ଥିତି ଓ ପ୍ରାକୃତିକ ଗଠନ ଭାରତର ଇତିହାସର ଗତି ନିର୍ଦ୍ଧାରଣ କରିଅଛି । ହିମାଳୟ ପର୍ବତ ଏକ ପ୍ରାଚୀର ସଦୃଶ । ଏହାର ଦୁର୍ଗମ ଗିରିପଥ ଅତିକ୍ରମ କରିବା କଷ୍ଟସାଧ୍ୟ । ଗିରିପଥଗୁଡ଼ିକ ବର୍ଷର ଅଧିକାଂଶ ସମୟ ତୁଷାରାଚ୍ଛନ୍ନ ରହେ । ତେଣୁ ହିମାଳୟ ପର୍ବତ ଅତିକ୍ରମ କରି ଅତୀତରେ ବୈଦେଶିକ ଶତ୍ରୁମାନେ ଭାରତ ଆକ୍ରମଣ କରିବା ଦୁଃସାଧ୍ୟ ଥିଲା । ଭାରତର ସୈନ୍ଧବ-ଗାଙ୍ଗେୟ ସମତଳ ଭୂମି ସିନ୍ଧୁ, ଗଙ୍ଗା, ବ୍ରହ୍ମପୁତ୍ର ଏବଂ ସେମାନଙ୍କର ଉପନଦୀଗୁଡିକର ଅବବାହିକାଦ୍ୱାରା ଗଠିତ । ଏହି ଅଞ୍ଚଳର ଜଳବାୟୁ ସ୍ୱାସ୍ଥ୍ୟକର ଏବଂ, ମୃତ୍ତିକା ଉର୍ବର ଓ କୃଷୀ ଉପଯୋଗୀ । ତେଣୁ ଏଠାରେ ପ୍ରଥମେ ଦ୍ରାବିଡ଼ ଓ ଆର୍ଯ୍ୟ ସଭ୍ୟତାର ଅଭ୍ୟୁଦୟ ହୋଇଥିଲା । ପରବର୍ତ୍ତୀ କାଳରେ ଏହି ଅଞ୍ଚଳରେ ନନ୍ଦ, ମୌର୍ଯ୍ୟ, କୁଶାଣ ଗୁପ୍ତ, ଆଫଗାନ୍ ଓ ମୋଗଲ୍ ସାମ୍ରାଜ୍ୟ ବିସ୍ତାର ଲାଭ କରିଥିଲା । ଉତ୍ତର-ପଶ୍ଚିମରେ ଖାଇବର ଓ ବୋଲାନ୍ ଗିରିପଥ ଅତିକ୍ରମକରି ପ୍ରଥମେ ଦ୍ରାବିଡ଼ ଓ ଆର୍ଯ୍ୟମାନେ ଭାରତରେ ପ୍ରବେଶ କରିଥିଲେ । ବଙ୍ଗୋପ ସାଗର, ଆରବ ସାଗର ଏବଂ ଭାରତ ମହାସାଗରରେ ନୌଯାତ୍ରା କରି ଭାରତୀୟମାନେ ଚୀନ, ଜାପାନ ସମେତ ଦକ୍ଷିଣ-ପୂର୍ବ ଏସିଆ ଏବଂ ପଶ୍ଚିମ ଏସିଆ ଅନ୍ତର୍ଗତ ବିଭିନ୍ନ ଦେଶ ଏବଂ ଇଉରୋପର ବିଭିନ୍ନ ଅଞ୍ଚଳ ସହିତ ବାଣିଜ୍ୟ ବେବସାୟ କରିବାକୁ ସମର୍ଥ ହୋଇଥିଲେ । ବିଶେଷତଃ କଳିଙ୍ଗର ଅଧିବାସୀମାନେ ଜାଭା, ସୁମାତ୍ରା, ବାଲି, ବୋର୍ଣ୍ଣିଓ ଆଦି ପୂର୍ବ ଭାରତୀୟ ଦୀପପୁଞ୍ଜ ଓ ମାଳୟ ଉପଦ୍ୱୀପରେ ବାଣିଜ୍ୟକେନ୍ଦ୍ର ଓ ବସତିସ୍ଥାପନ କରିଥିଲେ । ସେମାନଙ୍କଦ୍ୱାରା ହିନ୍ଦୁ, ବୌଦ୍ଧ ଧର୍ମ ଆଦି ଧର୍ମ ସଂସ୍କୃତି ସେହି ଦେଶ ଗୁଡିକରେ ପ୍ରସାର ଲାଭ କରିଥିଲା । ସେହିପରି ଭାରତର ଉପକୂଳବର୍ତ୍ତୀ ଅଞ୍ଚଳମାନଙ୍କରେ ୧୪୯୮ ଖ୍ରୀଷ୍ଟାବ୍ଦରୁ ୧୬୯୨ ଖ୍ରୀଷ୍ଟାବ୍ଦ ମଧ୍ୟରେ ପର୍ତ୍ତୁଗୀଜ, ଓଲନ୍ଦାଜ, ଇଂରେଜ ଓ ଫରାସୀ ପ୍ରଭୃତି ଇଉରୋପୀୟମାନେ ବାଣିଜ୍ୟକୋଠି ତଥା ଉପନିବେଶମାନ ସ୍ଥାପନ କରିଥିଲେ । ଅମର ଏହି ଭାରତକୁ ଭାରତମାତାର ନାମ କରଣ ତଥା ମାନବୀକରଣ ମା' ଠାକୁରାଣୀ ଆଖ୍ୟା ଦିଆଯାଇଥିବା ଏକ ପବିତ୍ର ନାମକୁ ବୁଝାଯାଏ ଯାହା ହିନ୍ଦୁତ୍ୱର ଏକ ଦୃଢ ପରିଚୟ ନାମ । ସାଧାରଣତଃ ଭାରତ ନାମ ରୂପୀ ମାଆ ସ୍ୱରୁପକୁ ଏକ ମହିଳା ଭାବରେ ଗେରୁଆ ରଙ୍ଗର ଶାଢ଼ୀ ପିନ୍ଧେଇ ଭାରତର ଜାତୀୟ ପତାକା ଧରିଥିବା ଦେବୀ ସ୍ୱରୁପକୁ ପ୍ରଦର୍ଶନ କରାଯାଏ ଓ ସାଥିରେ ଏକ ସିଂହ ବାହାନ ମଧ୍ୟ ଥାଏ ଯାହା ଖୁବ୍ ସୁନ୍ଦର ଓ ଭକ୍ତିର ପ୍ରତୀକ ଅଟେ । ଊନବିଂଶ ଶତାବ୍ଦୀର ଶେଷ ଭାଗରେ ବ୍ରିଟିଶ ଶାସନ ବିରୁଦ୍ଧରେ ହୋଇଥିବା ସିପାହୀ ବିଦ୍ରୋହ ପରିପ୍ରକ୍ଷୀରେ ଭାରତ ଉପମହାଦେଶକୁ ମାନବୀକରଣ କରାଯାଇଥିଲା । ସନ ୧୮୮୨ ରେ ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ଲିଖିତ ଆନନ୍ଦ ମଠ ପୁସ୍ତକରେ ଭାରତର ପ୍ରତୀକ ଭାବରେ ଭାରତମାତାଙ୍କର ବର୍ଣ୍ଣନା କରାଯାଇଥିଲା । ହିନ୍ଦୁ ମତ ବା କଳ୍ପନାରେ ଜନ୍ମଭୂମିକୁ ସର୍ବଦା ମାତା କୁହାଯାଏ । ରାମାୟଣ ଓ ମହାଭାରତରେ ମଧ୍ୟ ଜନ୍ମଭୂମିକୁ ମାତା ଭାବରେ ସମ୍ବୋଧନ କରାଯାଇଛି । ଲକ୍ଷଣଙ୍କୁ ରାମ କହିଛନ୍ତି, 'ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପୀ ଗରୀୟସୀ' । ଏହି ଚିନ୍ତନକୁ ବଙ୍କିମଚନ୍ଦ୍ର ଅଧିକ ସାକାର କରି ସରଳ କରିଦେଇଛନ୍ତି । ଏହି ଚିନ୍ତନରେ ସମଗ୍ର ଭାରତ ଭୂଖଣ୍ଡରେ ବାସ କରୁଥିବା ହିନ୍ଦୁ, ମୁସଲମାନ, ଶିଖ, ଖ୍ରୀଷ୍ଟିଆନ , ଜୈନ, ବୁଦ୍ଧ ଧର୍ମାବଲମ୍ବୀ, ପାର୍ଶୀ ଓ ଅନ୍ୟାନ୍ୟ ଲଘୁ ସମ୍ପ୍ରଦାୟଙ୍କୁ ଏକାଠି କରି ବ୍ରିଟିଶ ଶାସନ ବିରୁଦ୍ଧରେ ଲଢ଼ିବା ଉଦ୍ଦେଶ୍ୟରେ ଏହା ଲେଖା ଥିଲା ଯାହାକୁ ପରବର୍ତ୍ତୀ ବଦଳେଇ ଏକ ହିନ୍ଦୁ ଠାକୁରାଣୀର ମାନ୍ୟତା ଦିଆ ଯାଇଥିଲା । ଅନ୍ୟ ଜାତି ଓ ଧର୍ମର ଲୋକମାନେ ଏହାକୁ ଏକ ଧର୍ମର ଠାକୁରାଣୀ ଭାବେ ଚିନ୍ତନ କରି ପ୍ରତ୍ୟାଖ୍ୟାନ କରିଥିଲେ । ଭାରତ ମାତାଙ୍କୁ ହିନ୍ଦୁ ଦେବାଦେବୀ ଭାବରେ ଚିତ୍ରଣ କରିବା ଏକ ଦୀର୍ଘକାଳୀନ ଦ୍ୱନ୍ଦ୍ୱାତ୍ମକ ବିଷୟ । ଭାରତୀୟ ରାଜନୀତିରେ ଏହାର ପ୍ରବେଶକୁ ରବୀନ୍ଦ୍ରନାଥ ଠାକୁର ଓ ବି.ଆର. ଆମ୍ବେଦକର ଏହାକୁ କ୍ଷତିକାରକ କହି ବିରୋଧ କରିଥିଲେ ଓ ଅନେକ ସ୍ଥାନରେ ଏହାକୁ କାଢ଼ି ଦିଆଯାଇଥିଲା । କିନ୍ତୁ ସେତେବେଳକୁ ଏହା ଏତେ ଆଦୃତ ହୋଇଥିଲା ଯେ ଏହା ଲୋକଙ୍କ ମନର ବହୁତ ଗଭୀରକୁ ଚାଲିଯାଇଥିଲା ଓ ଏହା ଦେଶ ଭକ୍ତିର ପ୍ରତୀକ ହୋଇସାରିଥିଲା । ବିଂଶ ଶତାବ୍ଦୀ ଶେଷ ଆଡ଼କୁ ଏହା ହିନ୍ଦୁ ରାଷ୍ଟ୍ର ଓ ଅଖଣ୍ଡ ଭାରତର ଧାରଣ ସାଥିରେ ଓତଃପ୍ରୋତ ଭାବରେ ଜଡ଼ିତ ହୋଇଗଲା; ସେତେବେଳ ଅଖଣ୍ଡ ଭାରତରେ ଏବେକାର ପାକିସ୍ଥାନ, ବାଙ୍ଗଲାଦେଶ, ନେପାଳ, ଶ୍ରୀଲଙ୍କା ଓ ଆଫଗାନିସ୍ଥାନର କିଛି ଅଂଶ ସାମିଲ ଥିଲେ । ଭାରତର ସଂବିଧାନରେ ଭାରତ ଏକ ଧର୍ମ ବିରପେକ୍ଷ ଦେଶ ଭାବରେ ଗ୍ରହଣ କରାଯାଇଥିବାରୁ ଏହାକୁ କୌଣସି ମତେ ଗ୍ରହଣ କରାଯାଇପାରୁନି ଯଦିଓ ଏହା ଆରଏସଏସ ସଂସ୍ଥାର ବିଶେଷ ଅଙ୍ଗ ଭାବରେ ବିଶ୍ୱାସ କରାଯାଉଛି । ହିନ୍ଦୁ ଧର୍ମ ହଜାର ହଜାର ବର୍ଷରୁ ଆରମ୍ଭ ହୋଇଥିବା ବେଳେ ଭାରତ ମାତାର ଚିତ୍ରଣ, ଧରିତ୍ରୀ ମାତା ବା ବସୁମାତା ଭଳି ଲୋକଙ୍କ ମନରେ ବସା ବାନ୍ଧି ଯାଇଛି ଯାହା ଆଜି ବି ଅଛି ଓ ଆଗକୁ ପିଢି ପରେ ପିଢି ରହି ଚାଲିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ସମସ୍ତ କଥା ସହିତ ଗୋଟିଏ କଥା ସତ ଯେ ସବୁଠୁ ସୁନ୍ଦର୍ ଏଇ ଆମ ଏହି ପବିତ୍ର ଭାରତ ଭୂଇଁ । ମାତୃଭୂମି, ପୁଣ୍ୟ ଭୂମି, ଦେବ ଭୂମି, କର୍ମ ଭୂମି ସବୁଠୁ ପବିତ୍ର ଏହି ଭାରତ ଭୂଇଁ । ଏହାରି କୋଳରେ କେତେ ମହାତ୍ମା ଜନମ ନେଇଛନ୍ତି । ଏହି ଭୂମିକୁ କାହିଁ କେଜାଣି ବାହ୍ୟଶତ୍ରୁ ଆକ୍ରମଣ କରିଛନ୍ତି । ତଥାପି ସେମିତି ମୁଣ୍ଡ ଟେକି ଠିଆ ହୋଇଛି ଏହି ମାଟି । କେତେ ଶତ୍ରୁ ଆସି ଏହାର ସୋନ୍ଦର୍ଯ୍ୟକୁ ନଷ୍ଟ କରିବାକୁ ଚାହିଁଛନ୍ତି ହେଲେ ଏହାର ବୀର ସନ୍ତାନ ମାନେ ସେମିତି ଲଢେଇ କରି ଆସିଛନ୍ତି । ଏହି ଭାରତ ଉପରେ ଆଲେକଜାଣ୍ଡାର, ଶକ, ହୁଣ, କୁଶାଣ ପରି ଅନେକ ବାହ୍ୟଶତ୍ରୁ ଆକ୍ରମଣ କରିଛନ୍ତି । ମାତ୍ର ପରବର୍ତ୍ତୀ ସମୟରେ ସମସ୍ତେ ଭାରତୀୟ ସଂସ୍କୃତିରେ ମିଶି ଯାଇଛନ୍ତି । ସେମାନଙ୍କର ଚିହ୍ନ ବର୍ଣ୍ଣ ମଧ୍ୟ ଦେଖିବାକୁ ମିଳି ନାହିଁ । ବଙ୍କିମଚନ୍ଦ୍ରଙ୍କ ଦୃଷ୍ଟିରେ ଏହାର ତିନୋଟି ସ୍ୱରୂପ ଥିଲା, ମା ସରସ୍ୱତୀ, ଲକ୍ଷ୍ମୀ ଓ ମା ଦୁର୍ଗାଙ୍କର । ସ୍ୱାମୀ ବିବେକାନନ୍ଦଙ୍କ ଦୃଷ୍ଟିରେ ସେ ୩୩ କୋଟି ଦେବୀ ଦେବତାଙ୍କ ମା ଥିଲେ । ପରବର୍ତ୍ତୀ ସମୟରେ ମୋଗଲ ଆକ୍ରମଣର ଭାରତର ବୀରପୁତ୍ର ମାନେ ଉପଯୁକ୍ତ ଜବାବ ଦେଇଥିଲେ । ଏହା ପରେ ଇଂରେଜ ମାନଙ୍କର ଶାସନ ଆସିଲା । ମୁସଲମାନ ମାନଙ୍କ ନାମରେ ଭାରତ ମାତାର ବିଭାଜନ ପାଇଁ ଦାବି ହେଲା । ପ୍ରଥମେ ଏହି ଦାବିକୁ ସମସ୍ତେ ଅଗ୍ରାହ୍ୟ କଲେ । ହେଲେ ଶେଷରେ ଏହା ଭାଗ ଭାଗ ହୋଇଗଲା । ୧୯୪୭ ମସିହା ଅଗଷ୍ଟ ୧୪ ତାରିଖ ଥିଲା ସେହି କଳାଦିନ ଯେଉଁ ଦିନ ଭାରତ ମାତାର ଶରୀରକୁ କାଟି ପାକିସ୍ତାନ ତିଆରି କରାଯାଇଥିଲା । ମାତୃଭୂମିର ବିଭାଜନର ହୋଇଥିଲା । ୧୯୪୭ ଜୁନ ମାସ ଦୁଇ ତାରିଖ ଥିଲା ସେହି କଳା ଦିନ ଯେଉଁ ଦିନ ଦିଲ୍ଲୀରେ ଏକ ବୈଠକରେ ବସି ନିର୍ଦ୍ଧାରଣ ହେଉଥିଲା ଭାରତର ଭବିଷ୍ୟତ ଓ ଦୁଇଖଣ୍ଡ ହୋଇଥିଲା ଅଖଣ୍ଡ ଭାରତ । ଏହି ବୈଠକରୁ ହୋଇଯାଇଥିଲା ସ୍ୱତନ୍ତ୍ର ପାକିସ୍ତାନ ଦେଶ । ଭାରତ ମାତାର ଶରୀରକୁ କାଟି ପାକିସ୍ତାନ ତିଆରି କରାଯାଇଥିଲା । ସିନ୍ଧୁ ନଦୀ ତାର ସନ୍ତାନଙ୍କ ପାଇଁ ପର ହୋଇଗଲା । ଯେଉଁଠାରେ ମୁନି ଋଷି ମାନେ ବସି ବେଦ ରଚନା କରିଥିଲେ, ସେହି ସ୍ଥାନ ଭାରତ ଠାରୁ ଅଲଗା ହୋଇଗଲା । ଆଜି ଖାଲି ଅଖଣ୍ଡ ଭାରତ ବୋଲି ଶୁଣୁଛୁ କିନ୍ତୁ ପ୍ରକୃତରେ ଆମ ଏ ପବିତ୍ର ଭାରତ ବର୍ଷ ଖଣ୍ଡ ଖଣ୍ଡ ଓ ଆମ ଭାରତ ମାତା ଆଖିରେ ବହୁଛି ଲୋତକର ସୁଅ ।

# ସଫଳ ସାହିତ୍ୟ ସ୍ରଷ୍ଟା ଓ ସମାଜ



ଡ଼ ଚନ୍ଦ୍ରକଳା ନାୟକ
ଅଧ୍ୟାପିକା, ମହାପୁରୁଷ
ହାଡିଦାସ ମହାବିଦ୍ୟାଳୟ
ଛତିଆ,
ସା/ପୋ- ଛତିଆ, ଯାଜପୁର,
ମୋ-୯୪୩୭୯୫୭୬୧୭

ସତ୍ୟର ଜିଜ୍ଞାସୁ ହିଁ ସତ୍ୟବାଦୀ । ଜୀବନକୁ ଅନାବୃତ୍ତ କରି ଦେଖିବାର ସାହସ ନଥିଲେ ମଣିଷ କେବେ ବି ସତ୍ୟବାଦୀ ହୋଇ ପାରିବ ନାହିଁ । ଯାହା ଅଛି, ଯେତିକି ଅଛି ଓ ଯେଉଁଭଳି ରହିଛି, ସେତିକିକୁ ଦେଖିବା କଦାପି ସତ୍ୟକୁ ଦେଖିବାର ସମତୁଲ ହୋଇ ପାରିବ ନାହିଁ । ତଥାପି ଏକଥା ସତ୍ୟ ସେତିକି ଦେଖିବାକୁ ମଧ୍ୟ ଅନେକ ଲୋକ ସାହସ କରିପାରନ୍ତି ନାହିଁ । ଏ ସୃଷ୍ଟିରେ ସାରସତ୍ତ୍ୱ ସାଧକଟିଏ ସାହସର ସହ ସମାଜର ବାସ୍ତବ ଚିତ୍ରକୁ ତା ସୃଷ୍ଟିରେ ପ୍ରକାଶ କରିଥାଏ । ସାହିତ୍ୟରେ ଅଙ୍ଗିକାରବଦ୍ଧତା ରହିଲେ, ତାହା ଯାବତୀୟ ସଂଶୟ ଏବଂ ଯାବତୀୟ ବାଡ ଠାରୁ ଅଧିକ ବୃହତ କୌଣସି ଅମୂଲ୍ୟ ସମ୍ପଦ ସମାଜକୁ ଭେଟି ଦେଇ ପାରିବ । ଅଙ୍ଗିକାରବଦ୍ଧ ମଣିଷ ହିଁ, ଜଣେ ସଫଳ ସ୍ରଷ୍ଟା । ସୃଷ୍ଟି ପାଇଁ ଆନନ୍ଦ ଦାୟକ ଏହି ଯେ, ଆଜି ସାରସତ୍ତ୍ୱ ସ୍ରଷ୍ଟାଙ୍କ ସଂଖ୍ୟା ଯଥେଷ୍ଟ ବୃଦ୍ଧି ଘଟିଛି । ଆମ ସମାଜ ତଥା ଭାଷା ସାହିତ୍ୟ ପାଇଁ ଏହା ଅତ୍ୟନ୍ତ ସୁଖ ଦାୟକ ବିଷୟ ଅଟେ । ତେବେ କାଳଜୟୀ ସୃଷ୍ଟି କେତେ, ତାହା କେବଳ ସମୟ ହିଁ ସ୍ଥିର କରିପାରିବ । ଅନେକ ଦିନ ଏହି ବ୍ୟବସ୍ଥାର ଗତିଶୀଳତା ଯେମିତି ଦିଗହରା ପରି ମନେ ହେଉଛି । ପୁରାତନ ସମୟର ଲେଖକ ଓ ଆଜିର ଲେଖକଙ୍କ ମଧ୍ୟରେ ଆକାଶ ପାତାଳ ପ୍ରଭେଦ ରହିଛି । ଆଜିକାର ଲେଖକ ମାନଙ୍କ ପାଇଁ ସବୁ ସୁବିଧା ଉପଲବ୍ଧ । ଲିଖନ ସାମଗ୍ରୀ ଠାରୁ ଆରମ୍ଭ କରି ସୂଚନା ପାଇବାର ସୁଯୋଗ ପର୍ଯ୍ୟନ୍ତ । ଆଶ୍ଚର୍ଯ୍ୟର ବିଷୟ ହେଉଛି, ପର୍ଯ୍ୟାପ୍ତ କାଗଜ, କଲମ, ବୈଦ୍ୟୁତିକ ଯନ୍ତ୍ର ଉପଲବ୍ଧ ରହିଥିଲେ ବି, ଆମ୍ଭେମାନେ ମାତ୍ର କେତେ ପୃଷ୍ଠା ଲେଖିବାରେ କ୍ଳାନ୍ତ ହୋଇ ପଡୁଛେ । ଆମର ପୂର୍ବ ସୂରୀମାନେ ତାଳପତ୍ର, ଭୂଜପତ୍ର ଓ ଧାତୁପତ୍ରର ଲେଖନୀ ସାହାଯ୍ୟରେ ଦିନରାତି ଅବିରତ ବସିରହି କେତେ କଷ୍ଟରେ ଲେଖାମାନ ପ୍ରସ୍ତୁତ କରୁଥିଲେ । ଜଣେ ସାରସ୍ୱତ ସ୍ରଷ୍ଟାକୁ ସମାଜ କାହିଁକି ଏତେ ସମ୍ମାନ ଅଜାଡି ଦିଏ ? ସତ୍ୟ ତ ଏଇଆ ନା - ତାଙ୍କ ସାଧନା ଓ ସୃଷ୍ଟିରେ ସମାଜ ଗଠନ, ନିୟନ୍ତ୍ରଣ, ସମାଜ ପରିବର୍ତ୍ତନ ଓ କୁସଂସ୍କାର ବିରୋଧୀ ତଥା ସଂସ୍କାରର ବାର୍ତ୍ତା ଦିଆଯାଇ ଥାଏ । ସେହି ସାଧକ ମାନେ, କିଏ ଶୁଣିଲା ନ ଶୁଣିଲା , କିଏ ନିନ୍ଦା କଲା କିଏ ପ୍ରଶଂସା କଲା, କିମ୍ବା ବାହା ବାହା ନେବାକୁ ଆଦୌ ଅପେକ୍ଷା କରୁ ନଥିଲେ । ଏସବୁ ଦିଗ ପ୍ରତି ସେମାନଙ୍କ ନିଘା ହିଁ ନଥିଲା । ନିରନ୍ତର ଲେଖି ଚାଲିବା ହିଁ ସେମାନଙ୍କର ଲକ୍ଷ୍ୟ ଥିଲା । ପାଠକ ଜଣେ ହେଉ ବା ଲକ୍ଷେ, ସବୁ ଋତୁରେ ନିରନ୍ତର ଭାବେ ସେମାନଙ୍କ ଲେଖନୀ ଅବିଚଳିତ ନହୋଇ ଦୃଢ ହେଉଥିଲା । ଆଜି ଏକବିଂଶ ଶତାବ୍ଦୀରେ ଏପରି ମନୋଭାବର ଦ୍ରୁତ ପରିବର୍ତ୍ତନ ଘଟିଛି । ସାଧକଟିଏ ତାର ଲକ୍ଷ୍ୟ ପଥରୁ ବିଚ୍ୟୁତ ହୋଇଛି । ସାହିତ୍ୟ ସାଧକ ଯଦି ତାର ଲକ୍ଷ୍ୟ ଭୁଲିଯାଏ , ତେବେ ଜୀବନ ନିରର୍ଥକ ହୋଇ ଉଠେ । ଏହି ତତ୍ତ୍ୱଟିକୁ ଗ୍ରହଣ କରିବା ଆଜିର ସ୍ରଷ୍ଟା ମାନଙ୍କ ପାଇଁ କାଠିକର ପାଠ । ଧନ, ଜନ, ଯୌବନ, କ୍ଷମତା ଓ ପ୍ରତିପତ୍ତିକୁ ନେଇ ମଣିଷ ଗର୍ବରେ ଫାଟି ପଡୁଛି । ଆମର ପୂର୍ବ ସୂରୀମାନେ ଯେଉଁ କାବ୍ୟ, କବିତା, ଗଳ୍ପ ଓ ନାଟକ ଆଦି ଭେଟି ଦେଇଛନ୍ତି, ଯାହା କାଳଜୟୀ ହୋଇ ପାରିଛି । ଅଳ୍ପ ଶିକ୍ଷିତ ତଥା ଆଦୌ ପାଠ ପଢି ନଥିବା ଭୀମଭୋଇଙ୍କ ଠାରୁ ଗଙ୍ଗାଧରଙ୍କ ପର୍ଯ୍ୟନ୍ତ, ଇତିହାସ ପୃଷ୍ଠାରେ ଆଜି ବି ଅମର ହୋଇ ରହିଛନ୍ତି । ବିକାଶର ଶୀର୍ଷକୁ ଛୁଇଁ ଆମେ ଅହଂକାରର ବଶବର୍ତ୍ତି ହୋଇଥିବା ବେଳେ , ଆଜି ଆମର ଗତି କେଉଁ ଦିଗକୁ ? ଶସ୍ତା ଲେଖା ହିଁ ଆଜି ସମାଜକୁ ପୁସ୍ତକ ବିମୁଖ କରାଇଛି । ସାହିତ୍ୟରେ ଶସ୍ତା ଲେଖା ଗୁଡିକ ସମୟ ଗର୍ଭରେ ଦିନେ ବିଲୀନ ହେବ । କେବେ ବି ତାହା କାଳଜୟୀ ହୋଇ ପାରିବ ନାହିଁ । ବ୍ୟାସକବି ଫକୀର ମୋହନ ମାତ୍ର କୋଡିଏଟି ଗଳ୍ପରେ ସାରା ଉତ୍କଳ ଭୂଖଣ୍ଡରେ ସାହିତ୍ୟ ଜଗତକୁ ଚକିତ କରିଥିଲେ । ବିଗତ କିଛି ବର୍ଷ ହେଲା ହଜାର ହଜାର ଲେଖକ ଲେଖୁଛନ୍ତି ସତ୍ୟ, ହେଲେ ସେଥିରେ ସେହି ଭାବ ଓ ସମାଜ ପରିବର୍ତ୍ତନର ଅଙ୍ଗୀକାରବଦ୍ଧତା ରହୁନାହିଁ । ସ୍ୱଳ୍ପ କେତୋଟି ହାତଗଣତି ପୁସ୍ତକକୁ ବାଦଦେଲେ, ପ୍ରାୟ ଶସ୍ତା ଲେଖା ଗୁଡିକ ଲୋକଲୋଚନରୁ ଦୂରେଇ ଯାଉଛି । ଲେଖକଟିଏ କେବଳ ନିଜର ନାମକୁ ପ୍ରତିଷ୍ଠିତ କରିବାର ପ୍ରୟାସରେ ସର୍ବଦା ବ୍ୟସ୍ତ ରହୁଛି । ସାହିତ୍ୟରେ ଏବେ ଚାଟୁକାରିତା ଅଧିକ ବଢି ଚାଲିଛି । କଳୁଷିତ ରାଜନୈତିକ ବ୍ୟବସ୍ଥା ପରି ସାହିତ୍ୟରେ ମଧ୍ୟ ଖୋସାମଦିଆଙ୍କ ସଂଖ୍ୟା ବୃଦ୍ଧି ହୋଇଛି । ଯେଉଁଠି ଗୋପୀନାଥ ମହାନ୍ତିଙ୍କ ପରି ଲେଖକ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଥିଲେ, ସେଠାରେ ବିଗତ ଦିନ ମାନଙ୍କରେ ଅତ୍ୟନ୍ତ ଦୟନୀୟ ଭାବେ ରାଜନୈତିକ ଚାପରେ ଏହି ପୁରସ୍କାରକୁ ହାତେଇବାରେ କେତେକ ସଫଳ ହୋଇଛନ୍ତି । ଗୋଟିଏ ବି କାଳଜୟୀ ପୁସ୍ତକ ଲେଖି ନଥିବା ବ୍ୟକ୍ତି ସାହିତ୍ୟରେ ବିଭିନ୍ନ ବିଭାଗର ସର୍ବୋଚ୍ଚ ଶିଖରରେ ପଦ ମଣ୍ଡନ କରିଛନ୍ତି । ସେଥିପାଇଁ ସାହିତ୍ୟରେ ପ୍ରକୃତି ସ୍ରଷ୍ଟା ମାନେ ସମ୍ମାନୀତ ନହେବା, ନିକୃଷ୍ଟ ସାହିତ୍ୟ ସୃଷ୍ଟି ହେବା ଭଳି ଅଘଟଣ ଘଟି ଚାଲିଛି । ସବୁଠାରୁ ଆଶ୍ଚର୍ଯ୍ୟ ଜନକ ବିଷୟ ହେଉଛି, ସାହିତ୍ୟର ଏହି ଧାରାରେ କେତେକ ଗୋଷ୍ଠୀ ମଧ୍ୟ ସୃଷ୍ଟି ହୋଇଛନ୍ତି । ସାହିତ୍ୟ ଭଳି ଗୋଟିଏ ସରଳ ବିଷୟକୁ ଗୋଷ୍ଠୀବଦ୍ଧ କରିବା କେତେ ଯୁକ୍ତିଯୁକ୍ତ ତାହା ଆପଣ ମାନେ ବିଚାର କରିବେ । ସେଥିପାଇଁ ସାହିତ୍ୟିକ ବର୍ଣ୍ଣନା କରିଛନ୍ତି - 'କବି ଯା କରେ ମୂର୍ଖଙ୍କୁ ସ୍ତୁତି, ତହିଁରୁ ବଡ ନାହିଁ ବିପତ୍ତି, ଏଥିକି ପ୍ରତି ଛାତିରେ କାତି, ମାରିବା ଭଲ ଯେ ।' ଶସ୍ତା ଲୋକପ୍ରିୟତା, ଚାଟୁକରିତା, ଖୋସାମତି, ଗୋଷ୍ଠୀ ଗଠନ ଏସବୁ ଜଣେ ସାରସତ୍ୱ ସାଧକ ନିକଟରେ ଆଦୌ ଗ୍ରହଣୀୟ ନୁହେଁ । ଆମ ସାହିତ୍ୟିକ ମାନଙ୍କ ମଧ୍ୟରୁ ଯେଉଁମାନେ ଗହଣା ଉପରେ ଗହଣା ଲଦି ଦେଇ ସାହିତ୍ୟର ଅସଲ ଆତ୍ମା ଓ ସ୍ପନ୍ଦନକୁ ପୋତି ପକାଇବାକୁ ଚେଷ୍ଟା କରୁଛନ୍ତି, ସେମାନେ ସାହିତ୍ୟର ଅସଲ ତତ୍ତ୍ୱକୁ ବୁଝି ନିଜକୁ ସଜାଡି ନେବା ଆବଶ୍ୟକ । ବିଗତ ଦିନର କରୋନା ମହାମାରୀ ଯେଉଁ ଅଭାବନୀୟ ଦୃଶ୍ୟ ସାରା ବିଶ୍ୱକୁ ଦେଖାଇଲା, ସେଥିରୁ ମାନବ ସମାଜ କିଛି ବି ଶିଖିଲା ନାହିଁ । କିନ୍ତୁ ସ୍ରଷ୍ଟାଟିଏ ତାର ଜୀବନ କାଳ ଭିତରେ ଏପରି କାମ କରିବା ଉଚିତ, ଯାହା ତାର ନିଜ ଅନ୍ତଚେତନାକୁ ଉଜ୍ଜୀବିତ କରିବା ଆବଶ୍ୟକ । କେବଳ କର୍ମ ହିଁ ସ୍ରଷ୍ଟାର ଯଥେଷ୍ଟ ପରିଚୟ । ଏ ଜଗତର ମଙ୍ଗଳ କାମନା ପାଇଁ ସାହିତ୍ୟିକର ସୃଷ୍ଟି । ସମାଜକୁ ପରିବର୍ତ୍ତନ କରି ମାନବିକତାର ରଜ୍ଜୁରେ ସମସ୍ତ ଜଗତକୁ ବାନ୍ଧି ରଖିବା ହିଁ ଏକମାତ୍ର ଲକ୍ଷ୍ୟ ।

ସାରସତ୍ତ୍ୱ ସାଧକଟିଏ ତାର ଚାରିକାନ୍ଥ ଭିତରୁ ଦେଖେ ଅସରନ୍ତି ଜୀବନର ବୈଚିତ୍ର୍ୟ । ତା ପାଇଁ ସାହିତ୍ୟ ଓ ସଂସାର ଛଡା କୌଣସି ଆକର୍ଷଣ ନଥାଏ । ସାହିତ୍ୟିକ ଯଦି ଯଥେଚ୍ଛାଚାର କରନ୍ତି, ତେବେ ତାର ଅଧିକାର ଭଙ୍ଗ ହୁଏ । ଲେଖକଟିଏ ଭାବିବା ଉଚିତ, ତାର ଲେଖାର ମୂଲ୍ୟ ଅଛି ଏବଂ ସମାଜର ପାଖରେ ତାର ଦାୟବଦ୍ଧତା ରହିଛି । ସାହିତ୍ୟିକର କାମ ହେଉଛି, ଉତ୍ତରଣର ବାଟ ଦେଖାଇବା । ଅସଲରେ ସାହିତ୍ୟିକର କାମ ହେଉଛି, ନିଜକୁ ପ୍ରକାଶ କରିବା । ପ୍ରତିକାରର ଚିନ୍ତା ସାହିତ୍ୟିକର ଆଦୌ ନଥାଏ । ସେ କାମ କେବଳ ସମାଜ ସଂସ୍କାରକ ମାନଙ୍କର । ସାହିତ୍ୟିକ ନିଜକୁ ଠିକ ଭାବେ ପ୍ରକାଶ ନକଲେ, ବାସ୍ତବରେ ସେ ଯନ୍ତ୍ରଣା ପାଏ । ସୃଷ୍ଟି ପାଇଁ ନିଜ ପାଖରେ ସେ ନିଜକୁ ଜବାବ ଦେବାକୁ ପଡେ । ସମୟର ଧାରାରେ ଅନେକ ପରିବର୍ତ୍ତନ ହୋଇଛି । ସାହିତ୍ୟିକ ସ୍ରଷ୍ଟାଟିଏ କିନ୍ତୁ ସମାଜ ପାଇଁ ନିଜର ନିରନ୍ତର ଅଙ୍ଗୀକାରବଦ୍ଧତା ରଖିବା ଏକାନ୍ତ ଆବଶ୍ୟକ । ଶହେଟି ପୁସ୍ତକ ଲେଖିବା ଅପେକ୍ଷା ଖଣ୍ଡିଏ କାଳଜୟୀ ସୃଷ୍ଟି ହେଉଛି ଶ୍ରେୟସ୍କର । ଔପନ୍ୟାସିକ ଉପେନ୍ଦ୍ର କିଶୋର ଦାସଙ୍କ ଏକମାତ୍ର ଉପନ୍ୟାସ 'ମଲାଜହ୍ନ' ଆଜି ବି ଚିର ଉଜ୍ଜ୍ୱଳମୟ ହୋଇ ସାହିତ୍ୟ ଆକାଶରେ ବିରାଜମାନ କରିଛି । ସେହିପରି ଗୋବିନ୍ଦ ଦାସଙ୍କ 'ଅମାବାସ୍ୟାରେ ଚନ୍ଦ୍ର' ପୁସ୍ତକ ଆଜି ପାଠକଙ୍କ ପ୍ରିୟ ହୋଇ ରହିଛି । ଏପରି ଅନେକ ଉଦାହରଣ ଓଡିଆ ସାହିତ୍ୟରେ ରହିଅଛି । ଜୀବନର ପ୍ରକୃତ ଉଦ୍ଦେଶ୍ୟ ସେତେବେଳେ ପୂରଣ ହେବ, ଯେତେବେଳେ ସାହିତ୍ୟିକଟିଏ ଶସ୍ତା ଲୋକପ୍ରିୟତା ଠାରୁ ନିଜକୁ ଦୂରେଇ ରଖିବ । ଖୋସାମତିକୁ ପରିହାର କରି ଜୀବନର ପ୍ରକୃତ ଉଦ୍ଦେଶ୍ୟକୁ ବୁଝିଲେ, ସମାଜରେ ଉପଯୁକ୍ତ ସମ୍ମାନ ଲାଭ କରିପାରିବ । ସାହିତ୍ୟକୁ ସବୁରି ଊର୍ଦ୍ଧ୍ୱରେ ରଖି ସ୍ରଷ୍ଟାଟିଏ ନିଜକୁ ସମର୍ପଣ କଲେ ତାହା ତାକୁ ସଦାସର୍ବଦା ଅମର କରି ରଖିବ । ଅଯଥା ସମ୍ବର୍ଦ୍ଧନା, ମାନପତ୍ର ପଛରେ ନଦଉଡି ନିଜର ନିରବଚ୍ଛିନ୍ନ ସାହିତ୍ୟ ସର୍ଜନାରେ ମନୋନିବେଶ କଲେ ନିଶ୍ଚୟ ଆତ୍ମତୃପ୍ତି ଲାଭ ହେବ । ନାଟକ, ପ୍ରବନ୍ଧ, କବିତା, ଗଳ୍ପ ପରି ମାଧ୍ୟମରେ ସାହିତ୍ୟିକଟିଏ ଉଭୟ ବ୍ୟକ୍ତି ଓ ସମାଜ ଉପରେ ସକାରାତ୍ମକ ପ୍ରଭାବ ପକାଇବାର ସଫଳ ପ୍ରୟାସ କରିଥାଏ । ଏହି ସକାରାତ୍ମକ ପ୍ରଭାବ କେବଳ ଶାନ୍ତି, ମୈତ୍ରୀ, ପ୍ରେମ, ପାରସ୍ପରିକ ସଦଭାବ, ଭାଇଚାରା ପରି ମାନବିକତାର ମନ୍ତ୍ରର ପ୍ରସାର କରିଥାଏ । ଯୁଗେ ଯୁଗେ ସମାଜ ପାଇଁ ସଫଳ ସାହିତ୍ୟ ସ୍ରଷ୍ଟା ଅତ୍ୟାବଶ୍ୟକ । ସଫଳ ସାହିତ୍ୟ ସୃଷ୍ଟିଟିଏ ସ୍ରଷ୍ଟାକୁ ଯୁଗ ଯୁଗ ଧରି ସ୍ମରଣୀୟ ଓ ଗୌରବାନ୍ୱିତ କରି ରଖିବ ।

# ଶିକ୍ଷା ଅଧିକାର ବନାମ ଶିକ୍ଷାର ବ୍ୟବସାୟୀକରଣ



ସୀତାରାମ ପାତ୍ର
ମୋ-୯୪୩୭୩୪୦୮୫୦

ଗୋଟିଏ ରାଷ୍ଟ୍ର ତାର ନାଗରୀକମାନଙ୍କୁ ଦେଇଥିବା ସାମ୍ବିଧାନିକ ଅଧିକାର ଗୁଡ଼ିକ ମଧ୍ୟରୁ 'ଶିକ୍ଷା' ଅନ୍ୟତମ । କାରଣ- ଶିକ୍ଷା ରାଷ୍ଟ୍ର ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଯେଉଁ ରାଷ୍ଟ୍ରରେ ଶିକ୍ଷିତଙ୍କ ହାର ଯେତେ ଅଧିକ, ସେହି ରାଷ୍ଟ୍ର ସେହି ଅନୁପାତରେ ଅଧିକ ଉନ୍ନତ । ଏଣୁ ଶିକ୍ଷା କ୍ଷେତ୍ରରେ ରାଷ୍ଟ୍ର ତଥା ଦେଶର ସରକାର ଅଧିକ ଯତ୍ନବାନ ହେବାର ଆବଶ୍ୟକତା ଥିବା ବେଳେ ଆମ ଦେଶରେ ତାହାର ବ୍ୟତିକ୍ରମ ଦେଖିବାକୁ ମିଳେ । ଭାରତ ସରକାର କରିଥିବା ଶିକ୍ଷା ଅଧିକାର ଆଇନ୍ ଅନୁସାରେ ଦେଶର ପ୍ରତ୍ୟେକ ନାଗରୀକ/ପିଲା ଶିକ୍ଷା ପାଇବା ପାଇଁ ହକ୍‌ଦାର । କିନ୍ତୁ ବ ର୍ତ୍ତମାନର ଶିକ୍ଷା ବ୍ୟବସ୍ଥା ଯାହା, ସେଥିରେ ଏହି ଆଇନର ଉଲ୍ଲଙ୍ଘନ ହେଉଛି । ଦେଖିବାକୁ ଗଲେ ସରକାର ଗୋଟିଏ ଦେଶ ପାଇଁ ଗୋଟିଏ ଆଇନ୍ ବୋଲି ଘୋଷଣା କରୁଥିବା ବେଳେ ଶିକ୍ଷାକୁ ଦେଖିଲେ ଭାରତରେ ଶିକ୍ଷା ପଦ୍ଧତି ବହୁ ଭାଗରେ ବିଭକ୍ତ । ଯେପରି CBSE, HSCE, ଇଂରାଜୀ ମିଡିୟମ, ଓଡ଼ିଆ ମିଡିୟମ ଭଳି ବିଭିନ୍ନ ଶିକ୍ଷା ପଦ୍ଧତି ଦେଖିବାକୁ ମିଳେ । କିନ୍ତୁ ସମଗ୍ର ଦେଶରେ ଗୋଟିଏ ଶିକ୍ଷା ପଦ୍ଧତି ରହିବା ଉଚିତ ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା, ଶିକ୍ଷାର ବ୍ୟବସାୟୀ କରଣ । ବର୍ତ୍ତମାନ ସରକାରୀ ସ୍କୁଲ ଅପେକ୍ଷା ବେସରକାରୀ ସ୍କୁଲ, କଲେଜ ବିଶ୍ୱ ବିଦ୍ୟାଳୟର ସଂଖ୍ୟା ଅଧିକ । ବିଭିନ୍ନ ପରୀକ୍ଷାର ପାସ୍ ହାରକୁ ଦେଖିବାକୁ ଗଲେ ସରକାରୀ ସ୍କୁଲ, କଲେଜ ଅପେକ୍ଷା ଏହି ବେସରକାରୀ ସ୍କୁଲ, କଲେଜ ଗୁଡ଼ିକର କେବଳ ପାସ୍ ହାର ଅଧିକ ନୁହେଁ ବରଂ ସଫଳତାର ଶୀର୍ଷରେ ବେସରକାରୀ ସ୍କୁଲ, କଲେଜ ରହିଛି । ଫଳରେ ଛାତ୍ର/ଛାତ୍ରୀ ତଥା ସେମାନଙ୍କର ଅଭିଭାବକମାନେ ବେସରକାରୀ ସ୍କୁଲ, କଲେଜ ପ୍ରତି ଅଧିକ ଆକର୍ଷିତ ହେଉଛନ୍ତି । ଏହି ସୁଯୋଗର ସଦ୍‌ବ୍ୟବହାର କରୁଛନ୍ତି ବେସରକାରୀ ସ୍କୁଲ, କଲେଜର ମାଲିକମାନେ । ପିଲାଙ୍କ ଠାରୁ ମୋଟା ଅଙ୍କର ଅର୍ଥ ନେଇ ଏମାନେ ମାଲେମାଲ । ଅପରପକ୍ଷରେ ସରକାରୀ ସ୍କୁଲ, କଲେଜର ବିଫଳତା ଛାତ୍ର/ଛାତ୍ରୀମାନଙ୍କୁ ବେସରକାରୀ ସ୍କୁଲ, କଲେଜ ମୁହାଁ କରୁଥିବା ବେଳେ ସରକାରୀ ସ୍କୁଲ, କଲେଜରେ ପିଲା ସଂଖ୍ୟା ହ୍ରାସ ଘଟୁଛି । କହିବାକୁ ଗଲେ ସେହି ପିଲାମାନେ ସରକାରୀ ସ୍କୁଲ, କଲେଜକୁ ଯାଉଛନ୍ତି, ଯେଉଁ ପିଲାମାନଙ୍କର ବାପ/ମା ବେସରକାରୀ ସ୍କୁଲ, କଲେଜର ପାଉଣା ଦେବାକୁ ସକ୍ଷମ ନୁହଁନ୍ତି । ଅର୍ଥାତ୍ ଯେଉଁମାନେ ଗରୀବ, ସେହି ପିଲାମାନେ କେବଳ ସରକାରୀ ସ୍କୁଲ, କଲେଜକୁ ପଢ଼ିବାକୁ ଯାଉଛନ୍ତି । କିନ୍ତୁ ସରକାରୀ ସ୍କୁଲ, କଲେଜ ସମସ୍ୟାରେ ଭରପୁର । କେଉଁଠି ଶିକ୍ଷକ/ଅଧ୍ୟାପକ ନାହାନ୍ତି, ତ' କେଉଁଠି ଥାଇ ଠିକ୍ ଭାବରେ କ୍ଲାସ ହେଉନାହିଁ । ପିଲାମାନେ ପାଠ ବୁଝିବା ପାଇଁ ସେହି ବେସରକାରୀ ସଂସ୍ଥାକୁ ଯିବାକୁ ବାଧ୍ୟ । ଅର୍ଥାତ୍ ସରକାରୀ ସ୍କୁଲ, କଲେଜରେ ପାଠ ପଢୁଥିବା ପିଲାମାନେ ସିନା ବେସରକାରୀ ସ୍କୁଲ, କଲେଜକୁ ପଢ଼ିବାକୁ ଯିବେ ନାହିଁ, କିନ୍ତୁ ଟିଉସନ, କୋଚିଂସେଣ୍ଟର ଭଳି ବେସରକାରୀ ପାଠଶାଳାକୁ ଯିବାକୁ ବାଧ୍ୟ, ଯେଉଁଠି ସରକାରୀ ଶିକ୍ଷକ/ଅଧ୍ୟାପକମାନେ ଟିଉସନ କରନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା, ସ୍କୁଲ, କଲେଜରେ ପାଠପଢ଼ାଇବାକୁ କୁନ୍ଥୁ କୁନ୍ଥୁ ହେଉଥିବା ଶିକ୍ଷକ/ଅଧ୍ୟାପକମାନେ ଟିଉସନ/କୋଚିଂ ସେଣ୍ଟରରେ ଗଦ୍ ଗଦ୍ ହୋଇ ପାଠ ପଢ଼ାଇବାରେ ବ୍ୟସ୍ତ । ଆମର ସରକାର/ନେତାମାନେ ଟିଉସନ ବନ୍ଦ କରିବାର ନାଟକ କରି, ସରକାରୀ ଅଧ୍ୟାପକମାନେ ଟିଉସନ କରିବେ ନାହିଁ ବୋଲି ଅଣ୍ଡରଟେକିଂ ଦେବାର ନିୟମ କରିଛନ୍ତି, ଯାହା 'ଧର୍ମକୁ ଆଖି ଠାର' ସଦୃଶ । କାରଣ ବହୁ ଅଧ୍ୟାପକ ଅଣ୍ଡରଟେକିଂ ଦେଉ ନଥିବା ବେଳେ, ଯେଉଁମାନେ ଅଣ୍ଡରଟେକିଂ ଦେଲେ ସେମାନେ କିନ୍ତୁ ଟିଉସନ/କୋଚିଂ ସେଣ୍ଟରରେ ପାଠ ପଢ଼ାଇବାରେ ବ୍ୟସ୍ତ । ଏମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନାହିଁ । ପରିଣାମ ସ୍ୱରୁପ କେବଳ ପଇସା ଥିବା ବାଲାଙ୍କ ପିଲାମାନେ ହିଁ କେବଳ ପାଠ ପଢିପାରିବେ । ଗରିବ ପିଲାମାନେ ପାଠପଢ଼ିବାରୁ ବଞ୍ଚିତ ହେବେ, ଏଥିରେ କୌଣସି ସନ୍ଦେହ ନାହିଁ । ଏହା କଣ ପ୍ରମାଣିତ କରୁଛି ? ଶିକ୍ଷା ଅଧିକାର ଆଇନ୍ ସଫଳ ତ ? ଏହାଦ୍ୱାରା ଭାରତୀୟ ନାଗରିକଙ୍କର ସାମ୍ବିଧାନିକ ଅଧିକାର କ୍ଷୁର୍ଣ୍ଣ ହେଉନାହିଁ କି ?

ଇନ୍ଦିରା କଂଗ୍ରେସର ଲିଡର ରାହୁଲ ଗାନ୍ଧୀ 'ସମ୍ବିଧାନ ବଂଚାଅ, ସମ୍ବିଧାନ ବଂଚାଅ' ବୋଲି ସବୁବେଳେ ଚିତ୍କାର କରୁଥିବା ବେଳେ ଶିକ୍ଷା କ୍ଷେତ୍ରରେ ଲୋକମାନଙ୍କର ସାମ୍ବିଧାନିକ ଅଧିକାର କ୍ଷୁର୍ଣ୍ଣ ହେଉଥିବା ବେଳେ କାହିଁ ଦିନେ ତ, ଏ ପ୍ରସଙ୍ଗରେ ମୁହଁ ଖୋଲି ନାହାନ୍ତି । ଭାରତରେ ଗୋଟିଏ ଶିକ୍ଷା ବ୍ୟବସ୍ଥା ପ୍ରଚଳନ କରିବା ସହିତ ଶିକ୍ଷାର ବ୍ୟବସାୟୀ କରଣ ବନ୍ଦ କରି, ସବୁ ପିଲାଙ୍କୁ ଶିକ୍ଷା ପ୍ରଦାନ କରିବାକୁ ସରକାରଙ୍କ ଉପରେ ଚାପ ପ୍ରୟୋଗ କରିବାର କେବେ ତ' ଦେଖିବାକୁ ମିଳିନାହିଁ । କେବଳ ରାହୁଲ ଗାନ୍ଧୀ ନୁହଁନ୍ତି, ଦେଶରେ ଯେଉଁମାନେ ବୁଦ୍ଧିଜୀବୀ ରହିଛନ୍ତି, ସମାଜ ବଡ଼ ପଣ୍ଡାମାନେ ରହିଛନ୍ତି, ସେମାନେ ଏକ୍ଷେତ୍ରରେ ଚୁପ୍ କାହିଁକି ? କାହିଁକି ଶିକ୍ଷାର ବ୍ୟବସାୟୀ କରଣକୁ ବନ୍ଦ କରିବା ପାଇଁ ସରକାରଙ୍କ ଉପରେ ଚାପ ପ୍ରୟୋଗ କରିବାକୁ ଆଗେଇ ଆସୁ ନାହାନ୍ତି ?

ଶିକ୍ଷାର ବ୍ୟବସାୟୀକରଣ ଫଳରେ ଗରିବ ପିଲାମାନେ ଶିକ୍ଷାରୁ ବଂଚିତ ହେବାତ ନିଶ୍ଚିତ । ଫଳରେ ଦେଶର ଶିକ୍ଷା ହାର କମିବ, ଯାହା ଦେଶ ପ୍ରତି ଶୁଭ ସଂକେତ ନୁହେଁ । ନେଡ଼ ଗୁଡ଼ କହୁଣୀକୁ ବହିଯିବା ଆଗରୁ ସରକାର, ବୁଦ୍ଧିଜୀବୀମାନେ ଶିକ୍ଷାର ବ୍ୟବସାୟୀକରଣକୁ ରୋକିବା ପାଇଁ ଆଗେଇ ଆସିବାର ସମୟ ଆସିଯାଇଛି । ''ଜୟହିନ୍ଦ୍''

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ





## ତିର୍ତ୍ତୋଲରେ ବିଜେଡିର ବିଶାଳ ମହିଳା ସମାବେଶ
# ୩୩% ସଂରକ୍ଷଣ ସମେତ ବିଭିନ୍ନ ଦାବିନେଇ ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର ପ୍ରଦାନ



**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ତିର୍ତ୍ତୋଲରେ ବିଜେଡି ମହିଳାଙ୍କ ବିଶାଳ ଶୋଭାଯାତ୍ରା ସହିତ ବିଜେପି ସରକାର ଉପରେ ବାର୍ଷିବାର ଦେଖିବାକୁ ମିଳିଛି । ଜିଲ୍ଲା ବିଜେଡି ମହିଳା ସଭାନେତ୍ରୀ ଲୋରା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏହି ଶୋଭାଯାତ୍ରାରେ ୨୯ଟି ପଞ୍ଚାୟତରୁ ଏକ ହଜାରରୁ ଉର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ । ସାରଳାରୋଡ଼ ଠାରେ ଏକ ସଭା ଅନୁଷ୍ଠିତ କରାଯାଇଥିଲା । ଏଥିରେ ଜିଲ୍ଲା ବିଜେଡି ମହିଳା ସଭାନେତ୍ରୀ ଲୋରା ମହାପାତ୍ର, ପୂର୍ବତନ ମହିଳା କମିଶନ ଅଧ୍ୟକ୍ଷା ମିନତୀ ବେହେରା, ଜିଲ୍ଲାପରିଷଦ ଉପାଧ୍ୟକ୍ଷା ସୁଜାତା ମହାନ୍ତି, ଜିଲ୍ଲାପରିଷଦ ରଞ୍ଜିତା ସିଂହ, ତିର୍ତ୍ତୋଲ ସରପଞ୍ଚ ପ୍ରିୟମ୍ବଦା ମହାପାତ୍ର, ରୋଜାଲିନ ଦାସ ପ୍ରମୁଖ ଯୋଗଦେଇ ମହିଳା ବିରୋଧୀ ବିଜେପି ସରକାର ଉପରେ ବର୍ଷିଥିଲେ। ରାଜ୍ୟରେ ମହିଳା ନିର୍ଯାତନା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । କଟକ – ପାରାଦ୍ୱୀପ ରାସ୍ତା ସାରଳା ରୋଡ଼ ଠାରୁ ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ବିଶାଳ ଶୋଭାଯାତ୍ରାରେ ଯାଇ ୩୩% ମହିଳା ସଂରକ୍ଷଣ ଦାବି ସହିତ ବିଭିନ୍ନ ଦାବି ନେଇ ରାଷ୍ଟ୍ରପତିଙ୍କ ଉଦେଶ୍ୟରେ ତିର୍ତ୍ତୋଲ ବିଡିଓଙ୍କ ଅନୁପସ୍ଥିତରେ ଏବିଡିଓ ସତ୍ୟଜିତ ସ୍ୱାଇଁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା, ରଘୁନାଥପୁର ବ୍ଲକ ବିଜେଡି ଉପାଧ୍ୟକ୍ଷା ଦେବାଶିଷ ତ୍ରିପାଠୀ, ଜିଲ୍ଲା ବିଜେଡି ବରିଷ୍ଠ ଉପସଭାପତି ଅଶ୍ୱିନୀ ଦାସ, ବସନ୍ତ କୁମାର ମହାପାତ୍ର, ସୁବ୍ରତ ଦାଶ, ଚିତ୍ତରଞ୍ଜନ ରଥ, ଦେବୀପ୍ରସାଦ ମହାପାତ୍ରଙ୍କ ସମେତ ବହୁ କର୍ମୀ ପରିଚାଳନା କରିଥିଲେ।

## କଣ୍ଟାବାଞ୍ଜି ତହସିଲ କାର୍ଯ୍ୟାଳୟର ବିଳମ୍ବିତ ସେବାକୁ ନେଇ ଓକିଲ ସଂଘର ଅସନ୍ତୋଷ:୧୧ ଜୁନ୍‌ରୁ ଧାରଣା

**କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ**

କଣ୍ଟାବାଞ୍ଜି ଓକିଲ ସଂଘ ପକ୍ଷରୁ ଗତ ୨୨ ଏପ୍ରିଲ ୨୦୨୬ ତାରିଖରେ ତହସିଲଦାରଙ୍କ ନିକଟରେ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଦାବିପତ୍ରରେ ରାଜସ୍ୱ ନିରୀକ୍ଷକ (ଆର.ଆଇ.)ଙ୍କ ରିପୋର୍ଟ ଦାଖଲ ହୋଇଥିଲେ ମଧ ଅନେକ ନାମଜାରି (ମ୍ୟୁଟେସନ) ମାମଲା ଦୀର୍ଘଦିନ ଧରି ଅମିମାଂସିତ ରହିଥିବା ନେଇ ଅଭିଯୋଗ କରାଯାଇଥିଲା। ସେହିପରି ଆରଓଆରର ସାର୍ଟିଫାଏଡ୍ କପି ପ୍ରଦାନରେ ବିଳମ୍ବ, ଆୟ, ଜାତି, ବାସିନ୍ଦା ଏବଂ ଲିଗାଲ ହେୟାର ସାର୍ଟିଫିକେଟ୍ ଜାରିରେ ଅନାବଶ୍ୟକ ବିଳମ୍ବ ହେଉଥିବାରୁ ସାଧାରଣ ଲୋକ ଓ ଛାତ୍ରଛାତ୍ରୀମାନେ ବାରମ୍ବାର ତହସିଲ କାର୍ଯ୍ୟାଳୟକୁ ଦୌଡ଼ିବାକୁ ବାଧ ହେଉଥିବା ବାର୍ ଆସୋସିଏସନ୍ ପକ୍ଷରୁ ଉଲ୍ଲେଖ କରାଯାଇଥିଲା । ଓକିଲ ସଂଘ ପକ୍ଷରୁ ଉକ୍ତ ସମସ୍ୟାଗୁଡ଼ିକର ୧୫ ଦିନ ମଧ୍ୟରେ ସମାଧାନ କରିବାକୁ ଦାବି କରାଯାଇଥିଲା ଏବଂ ନଚେତ୍ କଠୋର ପଦକ୍ଷେପ ଗ୍ରହଣ କରାଯିବ ବୋଲି ତହସିଲଦାରଙ୍କୁ ଅବଗତ କରାଯାଇଥିଲା । କିନ୍ତୁ ଦାବିପତ୍ର ପ୍ରଦାନର ୧୫ ଦିନରୁ ଅଧିକ ସମୟ ବିତିଯାଇଥିଲେ ମଧ ସମସ୍ୟା ସମାଧାନ ଦିଗରେ କୌଣସି ଠୋସ୍ ପଦକ୍ଷେପ ଗ୍ରହଣ କରାଯାଇନଥିବା ବୋଲି ଓକିଲ ସଂଘ ସଭାପତି ପ୍ରଫୁଲ୍ଲ ନାୟକ ସୂଚନା ଦେଇଛନ୍ତି । ଶ୍ରୀ ନାୟକଙ୍କ କହିବା ଅନୁସାରେ, ଆସନ୍ତା ୧୦-୦୬-୨୦୨୬ ସୁଦ୍ଧା ଯଦି ଜନସାଧାରଣଙ୍କ ସମସ୍ୟାର ସମାଧାନ କରାନଯାଏ, ତେବେ କଣ୍ଟାବାଞ୍ଜି ଓକିଲ ସଂଘ ପକ୍ଷରୁ ୧୧-୦୬-୨୦୨୬ ତାରିଖରୁ କଣ୍ଟାବାଞ୍ଜି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଆରମ୍ଭ କରାଯିବ। ଏହି ଘୋଷଣା ପରେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି ।

## ବୌଦ୍ଧ ଜିଲ୍ଲାର ବିକାଶ ନେଇ ଗୃହ ନିର୍ମାଣ ମନ୍ତ୍ରୀଙ୍କ ସମୀକ୍ଷା

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**




ବୌଦ୍ଧ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହ ଠାରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀକୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ସର୍ବାଙ୍ଗୀନ ବିକାଶ, ଚାଲୁଥିବା ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଅଗ୍ରଗତି ଓ ଆଗାମୀ ଦିନର କାର୍ଯ୍ୟଯୋଜନାକୁ ନେଇ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା । ବୈଠକରେ ମନ୍ତ୍ରୀ ଶ୍ରୀ ମହାପାତ୍ର ଜିଲ୍ଲାରେ ଚାଲିଥିବା ସରକାରୀ ଯୋଜନାଗୁଡ଼ିକର ସଠିକ୍ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ବିଶେଷକରି ପାନୀୟ ଜଳ, ରାସ୍ତା ଓ ସହରୀ ଉନ୍ନୟନ, ଆବାସ ଯୋଜନା, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଗ୍ରାମୀଣ ଭିତ୍ତିଭୂମିର ବିକାଶ କ୍ଷେତ୍ରରେ କାମକୁ ତ୍ୱରାନ୍ୱିତ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ସେ ପରାମର୍ଶ ଦେଇଥିଲେ । ଜନସାଧାରଣଙ୍କ ସମସ୍ୟାର ଶୀଘ୍ର ସମାଧାନ ସହ ସରକାରୀ ଯୋଜନାର ଲାଭ ଉଠାଇବାକୁ ସଚେତନତାର ସହ କାମ କରିବାକୁ ସେ ଆହ୍ୱାନ କରିଥିଲେ । ଜିଲ୍ଲାର ବିଭିନ୍ନ ଅଞ୍ଚଳରେ କେତେକ ବିଦ୍ୟାଳୟ ଓ ଅଙ୍ଗନବାଡି ଗୃହ ବିପଦ ସଂକୁଳ ହୋଇପଡିଥିବାରୁ ତାକୁ ତୁରନ୍ତ ଭାଙ୍ଗି ଦେବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଏହାଛଡା ଜିଲ୍ଲାର ବିଭିନ୍ନ ଡାକ୍ତରଖାନାରେ ସ୍ୱାସ୍ଥ୍ୟ ସେବାରେ ବ୍ୟାପକ ତ୍ରୁଟି ରହିଥିବାରୁ ନଗର ଉନ୍ନୟନ ମନ୍ତ୍ରୀ ଅସନ୍ତୋଷ ପ୍ରକାଶ କରିଥିଲେ । ଏହି ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କନ୍ଧମାଳ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ କହ୍ନାଇ ଚରଣ ଡାଙ୍ଗ, ଜିଲ୍ଲାପାଳ ବିଭୂତି ଭୂଷଣ ନାଏକ, ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଯୁଗଳ କିଶୋର ସାମଲ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା ଓ ଉପଜିଲ୍ଲାପାଳ ବିନୟ କୁମାର ଭୋଇ ଉପସ୍ଥିତ ଥିଲେ। ଏଥିସହ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀମାନେ ବୈଠକରେ ଯୋଗଦେଇ ନିଜ ନିଜ ବିଭାଗର କାର୍ଯ୍ୟଧାରା, ଚାଲୁଥିବା ପ୍ରକଳ୍ପ ଓ ବିଭିନ୍ନ ଯୋଜନାର ପ୍ରଗତି ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ।

## ଡକାୟତି ଯୋଜନା ପଣ୍ଡ, ପୋଲିସ ହାତେର ଧରାପଡିଲ ୪ ଯୁବକ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଅଧୀନ ଦୋଲସାହି ଗୋରୁହାଟ ନିକଟେର ଚାଲିଥିବା ଡକାୟତି ଯୋଜନା ପଣ୍ଡ ହୋଇଛି । ତିହିଡି ଥାନା ଆଇଆଇସି ଲୋପାମୁଦ୍ରା ନାୟକଙ୍କ ଇଣ୍ଟେଲିଜେନ୍ସ ଡକାୟତ ମାନଙ୍କ ଯୋଜନାକୁ ସମ୍ପୂର୍ଣ୍ଣ ପଣ୍ଡ କରିଦେଇଛି । ଯେଉଁଥିପାଇଁ କିଛି ଲୋକଙ୍କର ଧନ ଜୀବନ ରକ୍ଷା ହୋଇଯାଇଛି । ଡକାୟତି ଯୋଜନା କରୁଥିବା ବେଳେ ୪ଜଣ ଯୁବକ ତିହିଡ଼ି ପୋଲିସ ହାତେର ଧରାପଡିଛନ୍ତି । ସେମାନେ ହେଉଛନ୍ତି ତିହିଡ଼ି ଥାନା ଅଧିନ ତାଳପଦା ଗ୍ରାମର ଚନ୍ଦନ ବେହେରା, ବୈକୁଣ୍ଠସାହି ଗ୍ରାମର ଦୀପକ ନାୟକ, ଦୋଲସାହି ଗ୍ରାମର ଅଜୟ ଦାସ ଏବଂ କଷିଆ ମେରାଇନ ଥାନା ଅଧିନ ବିଦେଇପୁର ଗ୍ରାମର ସତ୍ୟଜିତ ମଲିକ ପୋଲିସ ଏହି ୪ ଜଣ ଅଭିଯୁକ୍ତଙ୍କ ନାଁରେ ଏକ ମକଦ୍ଦମା (ନଂ ୨୧୩/୨୬) ରୁଜୁ କରି ବୁଧବାର କୋର୍ଟ ଚାଲାଣ କରିଛି । ପୋଲିସ ସୂତ୍ରରୁ ଜଣାଯାଇଛି ଯେ ତିହିଡ଼ି ଥାନା ଏସଆଇ ରୋଜନ କୁମାର ମୁର୍ମୁ ଏବଂ କେତେଜଣ କନେଷ୍ଟବଳ ରାତି ପାଟ୍ରୋଲିଙ୍ଗ କରୁଥିବା ବେଳେ ସେହି ୪ଜଣ ଯୁବକଙ୍କୁ ସନ୍ଦେହଜନକ ଅବସ୍ଥାରେ ଦେଖିବାକୁ ପାଇଥିଲେ । ଏସଆଇ ମୁର୍ମୁ ଏ ସମ୍ପର୍କରେ ଆଇଆଇସି ଲୋପାମୁଦ୍ରା ନାୟକଙ୍କୁ ଜଣାଇବା ପରେ ସେହି ସ୍ଥାନ ଉପରେ ପୋଲିସ ଚଢ଼ଉ କରି ଡକାୟତ ଯୋଜନା କରୁଥିବା ୪ ଜଣଙ୍କୁ ଧରିବାରେ ସକ୍ଷମ ହୋଇଥିଲା ବେଳେ ଜଣେ ଯୁବକ ସେଠାରୁ ଖସି ପଳାଇଥିବା ଜଣାଯାଇଛି । ପୋଲିସର ତଦନ୍ତ ସମୟରେ ସେମାନେ ମାରଣାସ୍ତ୍ର ରଖି ଡକାୟତି ଯୋଜନା କରୁଥିବା ଜଣାଯାଇଥିଲା । ଅଭିଯୁକ୍ତ ଦୀପକ ନାଁରେ ୨୦୧୪ ଠାରୁ ତିହିଡ଼ି ଥାନାରେ ୧୦ଟି ମକଦ୍ଦମା ହୋଇଥିବା ଜଣାଯାଇଛି । ସେହିପରି ସତ୍ୟଜିତଙ୍କ ନାଁରେ ବାସୁଦେବପୁର, ନାୟକାଣୀଡ଼ିହି ଏବଂ କଷିଆ ମେରାଇନ ଥାନାରେ ୮ଟି ମକଦ୍ଦମା ଥିବାବେଳେ ଅନ୍ୟ ୨ ଅଭିଯୁକ୍ତ ମଧ ବିଭିନ୍ନ ମକଦ୍ଦମାରେ ସମ୍ପୃକ୍ତଥିବା ଜଣାଯାଇଛି ।

## ସୋହଡ଼ାରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ
# ୯ଟି ଗାଁରେ ହେବ ୭୮ଟି ବିକାଶମୂଳକ କାର୍ଯ୍ୟ



**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଧାମନଗର ନିର୍ବାଚନମଣ୍ଡଳୀର ବିକାଶ ଧାରାକୁ ଆହୁରି ଗତିଶୀଳ କରିବା ପାଇଁ ଆଜି ବଡ଼ ପଦକ୍ଷେପ ନିଆଯାଇଛି । ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୋହଡ଼ା ପଞ୍ଚାୟତର ବିଭିନ୍ନ ଗ୍ରାମ ପାଇଁ ପ୍ରାୟ ୨ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଅନେକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ କେତେକ ସମ୍ପୂର୍ଣ୍ଣ ପ୍ରକଳ୍ପର ଲୋକାର୍ପଣ କରିଛନ୍ତି । ଏହି ମେଗା କାର୍ଯ୍ୟକ୍ରମରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ମଧ ମନ୍ତ୍ରୀଙ୍କ ସହ ସାମିଲ ହୋଇଥିଲେ । ମିଳିଥିବା ସୂଚନା ଅନୁଯାୟୀ, ସୋହଡ଼ା ପଞ୍ଚାୟତର ପ୍ରମୁଖ ୯ଟି ଗାଁ ଯଥା- ପିତେଇପୁର, ଡାଙ୍ଗୁଆପାଟଣା, ଗୌରାଙ୍ଗପୁର-ଦୁଲାରପୁର-ପାଟୁଲି, କଣ୍ଟାପାରି, ବେଦପୁର, କ୍ଷେତ୍ରପୁର, ମିଶ୍ରପୁର, ସୋହଡ଼ା ଓ ବାଲିପଡ଼ାର ସର୍ବାଙ୍ଗୀନ ବିକାଶ ପାଇଁ ମୋଟ ୨,୦୧,୪୬,୪୩୪ ଟଙ୍କା ବ୍ୟୟ ଅଟକଳରେ ସର୍ବମୋଟ ୭୮ଟି ପ୍ରକଳ୍ପ ହାତକୁ ନିଆଯାଇଛି । ଏହି ଅନୁଦାନ ମଧ୍ୟରୁ ବେଦପୁର ଗ୍ରାମକୁ ସର୍ବାଧିକ ୩୩,୪୯,୧୫୧ ଟଙ୍କା ପ୍ରଦାନ କରାଯାଇଥିବା ବେଳେ କ୍ଷେତ୍ରପୁର ଗ୍ରାମରେ ସର୍ବାଧିକ ୧୧ଟି ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଯାଉଛି । ଗ୍ରାମୀଣ ଭିତ୍ତିଭୂମିର ସୁଦୃଢ଼ୀକରଣ ପାଇଁ ରାସ୍ତା ନିର୍ମାଣ କାର୍ଯ୍ୟକୁ ସର୍ବାଧିକ ପ୍ରାଥମିକତା ଦିଆଯାଇ ୨୫ଟି ପ୍ରକଳ୍ପ ଚିହ୍ନଟ କରାଯାଇଛି । ସେହିପରି ଶିକ୍ଷା ଓ ଶିଶୁ ବିକାଶ କ୍ଷେତ୍ରରେ ୧୬ଟି ସ୍କୁଲର ମରାମତି ଓ ୧୨ଟି ଅଙ୍ଗନୱାଡ଼ି କେନ୍ଦ୍ରର ନିର୍ମାଣ ଓ ପୁନରୁଦ୍ଧାର ହେବ । ସାମାଜିକ କାର୍ଯ୍ୟ ପାଇଁ ୧୧ଟି ଗୋଷ୍ଠୀ କେନ୍ଦ୍ର, ଆଧ୍ୟାତ୍ମିକ ଭାବନା ରକ୍ଷା ପାଇଁ ୭ଟି ମନ୍ଦିର/ଭୋଗମଣ୍ଡପ, ବାଲିପଡ଼ାଠାରେ ନୂତନ ମାର୍କେଟ୍ କମ୍ପ୍ଲେକ୍ସ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମରାମତି, ବେଦପୁରରେ ଜଗନ୍ନାଥ ଦାସ ସ୍ମାରକୀ ଗ୍ରନ୍ଥାଗାର ଓ ବୈକୁଣ୍ଠି ଆଦର୍ଶ ପୁଷ୍କରିଣୀ ସଂରକ୍ଷଣ, ପିତେଇପୁରରେ ପାଲା ମଣ୍ଡପ ଏବଂ କ୍ଷେତ୍ରପୁର ଠାରେ ଏକ ଛୋଟ ପୋଲ ନିର୍ମାଣ ଏହି ଯୋଜନାର ଅନ୍ତର୍ଭୁକ୍ତ । ଏହି ଗସ୍ତକାଳରେ ପିତେଇପୁର ଠାରେ ପବିତ୍ର ବୈତରଣୀ ନଦୀରେ ନିର୍ମିତ ନୂତନ ସୁଦୃଶ୍ୟ ସ୍ନାନଘାଟ ତଥା ସୌନ୍ଦର୍ଯ୍ୟକରଣ ପ୍ରକଳ୍ପର ଲୋକାର୍ପଣ ହୋଇଯାଇଛି । ଏହା ସ୍ଥାନୀୟ ଜନସାଧାରଣଙ୍କର ଏକ ଦୀର୍ଘଦିନର ଦାବି ଥିଲା । ଏହି ଘାଟ ନିର୍ମାଣ ଫଳରେ ଏବେ ଲୋକମାନେ ସୁବିଧାରେ ସ୍ନାନ କରିପାରିବେ । ବିଶେଷକରି ଆଗାମୀ ଦିନରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଶ୍ରଦ୍ଧାଳୁମାନଙ୍କ ପାଇଁ ପୁଣ୍ୟତୋୟା ବୈତରଣୀରେ ବୁଡ଼ ପକାଇବା ଅଧିକ ସହଜ ଏବଂ ସୁରକ୍ଷିତ ହେବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି । ଏହି ସମସ୍ତ ପ୍ରକଳ୍ପ ଧାମନଗର ଅଞ୍ଚଳର ଚେହେରା ବଦଳାଇବା ସହ ସ୍ଥାନୀୟ ଜନସାଧାରଣଙ୍କ ସାମାଜିକ ଓ ଅର୍ଥନୈତିକ ଜୀବନଧାରଣର ମାନରେ ବ୍ୟାପକ ଉନ୍ନତି ଆଣିବ ବୋଲି ମନ୍ତ୍ରୀ ଦୃଢ଼ ଆଶାବ୍ୟକ୍ତ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଜଳସମ୍ପଦ ଅଧିକାରୀ ସଞ୍ଜୀବ ସାମଲ, ସମ୍ଭୁପ୍ରକାଶ ମଲ୍ଲିକ, ସ୍ୱାଗତ ଦାସ ଓ ବହୁ ସଂଖ୍ୟାରେ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ବୌଦ୍ଧ ଜିଲ୍ଲା ସଡ଼କ ସୁରକ୍ଷା କମିଟିର ସମୀକ୍ଷା
# ଜନତାଙ୍କ ଧନ ଜୀବନ ସୁରକ୍ଷାକୁ ପ୍ରାଥମିକତା ଦିଆଯାଉ:ଜିଲ୍ଲାପାଳ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**



ବୌଦ୍ଧ ଜିଲ୍ଲା ସଡ଼କ ସୁରକ୍ଷା କମିଟି ସମୀକ୍ଷା ବୈଠକ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମୋଟର ଭେଇକିଲ୍ ଆଇନ୍ ଅନୁଯାୟୀ ଜରିମାନା ସଂଗ୍ରହ, ଜିଲ୍ଲାରେ ଘଟୁଥିବା ସଡ଼କ ଦୁର୍ଘଟଣା ଓ ମୃତ୍ୟୁହାର ସମ୍ପର୍କିତ ସମୀକ୍ଷା, ପୂର୍ବତନ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକର କାର୍ଯ୍ୟବିବରଣୀ ଏବଂ ସଡ଼କ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା । ଆଞ୍ଚଳିକ ପରିବହନ ଅଧିକାରୀ ସୁଷମା ସାହୁ ସମସ୍ତଙ୍କୁ ସ୍ୱାଗତ କରି ପାଓ୍ୱାର ପଏଣ୍ଟ ମାଧ୍ୟମରେ ବିଭାଗର କାର୍ଯ୍ୟାବଳୀ ପ୍ରଦର୍ଶନ କରିଥିଲେ । ଜିଲ୍ଲାପାଳ କହିଲେ ଯେ, ବୌଦ୍ଧ ଜିଲ୍ଲାବାସୀଙ୍କ ଧନ ଜୀବନ କିଭଳି ସୁରକ୍ଷିତ ରହିବ ଏହା ଆମର ପ୍ରାଥମିକତା ହେବା ଉଚିତ । ସମସ୍ତ ୨ ଚକିଆ ଯାନ ଚାଳକ ନିଶ୍ଚିତ ଭାବରେ ହେଲମେଟ୍ ପରିଧାନ କରିବେ, ମଦ୍ୟପ ଡ୍ରାଇଭର ମାନଙ୍କୁ ନିୟମିତ ଯାଞ୍ଚ କରି ଜରିମାନା ଆଦାୟ କରାଯିବ, ରାସ୍ତାରେ କେହି ବାଲି, ମେଟାଲ ଜମା କରିବେନାହିଁ, ରାସ୍ତା ଉପରେ ଭରିଯାନ ପାର୍କିଂ ହେବନାହିଁ । ଏଥିପାଇଁ ପରିବହନ, ପୋଲିସ, ଅବକାରୀ ବିଭାଗ ଓ ତହସିଲଦାର ମିଳିତ ପଦକ୍ଷେପ ଗ୍ରହଣ କରିବେ । ସମୀକ୍ଷାରୁ ଜଣାଗଲା ଯେ, ଚଳିତ ୨୦୨୬ ମସିହାର ପ୍ରଥମ ଚାରି ମାସ ମଧ୍ୟରେ ଜିଲ୍ଲାରେ ମୋଟ୍ ୩,୪୮୦ଟି ଚାଲାଣ କଟାଯାଇଥିବା ବେଳେ ୧ କୋଟି ୨୭ ଲକ୍ଷ ୯୯ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । ଆର୍‌ଟିଓଙ୍କ ପକ୍ଷରୁ ସିଟ୍ ବେଲ୍ଟ ନପିନ୍ଧିବା ପାଇଁ ୩୯ଟି, ହେଲମେଟ୍ ନପିନ୍ଧିବା ପାଇଁ ୧,୪୭୩ଟି, ଅତ୍ୟଧିକ ବେଗରେ ଗାଡ଼ି ଚଳାଇବା ପାଇଁ ୧,୦୭୭ଟି ଏବଂ ମଦ୍ୟପାନ କରି ଗାଡ଼ି ଚଳାଇବା ପାଇଁ ୧୧୧ଟି ମାମଲା ରୁଜୁ ହେବା ସହ ୮୨୫ଟି ଡ୍ରାଇଭିଂ ଲାଇସେନ୍ସ ସସ୍‌ପେଣ୍ଡ କରାଯାଇଥିଲା । ସେହିପରି ପୋଲିସ ପକ୍ଷରୁ ଇ-ଚାଲାଣ ମାଧ୍ୟମରେ ହେଲମେଟ୍ ନ ପିନ୍ଧିବା ପାଇଁ ୫୮୭ଟି ଓ ସିଟ୍ ବେଲ୍ଟ ନପିନ୍ଧିବା ପାଇଁ ୧୫୨ଟି ଚାଲାଣ କଟାଯାଇଥିବା ସୂଚନା ଦିଆଯାଇଥିଲା । ଚଳିତ ବର୍ଷର ପ୍ରଥମ ଚାରି ମାସ ମଧ୍ୟରେ ସଡ଼କ ଦୁର୍ଘଟଣାରେ ୩୧ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୨୦ ଜଣ ଗୁରୁତର ଆହତ ହୋଇଛନ୍ତି । ବୈଠକରେ ପିଏମ୍‌ରାହତ ଯୋଜନା ସମ୍ବନ୍ଧରେ ବିଶଦ ଆଲୋଚନା ହୋଇଥିଲା । ସଡ଼କ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ୨୪ ଘଣ୍ଟା ମଧ୍ୟରେ ଆୟୁଷ୍ମାନ ଭାରତ ଯୋଜନାରେ ଅନୁବନ୍ଧିତ ଘରୋଇ ଡାକ୍ତରଖାନାରେ ନିଶ୍ଚିତ ଭାବରେ ଭର୍ତ୍ତି କରାଇବା ଆବଶ୍ୟକ । ଏଥିପାଇଁ ଚିକିତ୍ସାରେ ଅର୍ଥ କେବେବି ବାଧକ ନହେବା ଏବଂ ଦୁର୍ଘଟଣାଗ୍ରସ୍ତଙ୍କୁ ତୁରନ୍ତ ଚିକିତ୍ସା ସୁବିଧା ଯୋଗାଇବାକୁ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି । ସରକାରୀ ଡାକ୍ତରଖାନାରେ ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କ ଚିକିତ୍ସା ସମ୍ପୂର୍ଣ୍ଣ ନିଶୁଳ୍କ ଭାବେ କରାଯିବା ସହ ପ୍ରଥମ ପର୍ଯ୍ୟାୟରେ ଦେଢ଼ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ଯୋଗାଇବାକୁ ସରକାରଙ୍କ ବ୍ୟବସ୍ଥା ଥିବା ସୂଚନା ଦିଆଯାଇଥିଲା । ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଏସ୍‌ପି ଆନନ୍ଦ କୁମାର ଡୁଙ୍ଗଡୁଙ୍ଗ, ଆର୍ ଆଣ୍ଡ ବି ଅଧିକ୍ଷଣ ଯନ୍ତ୍ରି ସନ୍ଦୀପ କୁମାର ଛୁଆଲସିଂ, ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହେନ୍ଦ୍ର କୁମାର ସାହୁ, ଏମ୍‌ଭିଆଇ ସଞ୍ଜୟ କୁମାର ବେହେରା, ଟ୍ରାଫିକ୍ ଇନ୍‌ସ୍ପେକ୍ଟର ଦେବାଶିଷ ନାୟକ, ଏସ୍‌ଡିଓଏନ୍‌ଏଚ୍ ପ୍ରଶାନ୍ତ କୁମାର ସାହୁ, ଇଡିଏଆର୍‌ଏମ୍ ନିତ୍ୟବ୍ରତଗର୍ଗିଆ, ପ୍ରାଇଭେଟ୍ ବସ୍ ଆସୋସିଏସନ୍‌ର ସଭାପତି ଓ ସମ୍ପାଦକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡାଙ୍କ ସମେତ ସମ୍ପୃକ୍ତ ବିଭିନ୍ନ ବିଭାଗର ଅଧିକାରୀ ଏବଂ ସଦସ୍ୟମାନେ ଉପସ୍ଥିତ ଥିଲେ ।

# ଡାଟା ଏଣ୍ଟ୍ରି ଅପରେଟରମାନଙ୍କ କାର୍ଯ୍ୟ ବନ୍ଦ ଯୋଗୁ ନିର୍ମାଣ ଶ୍ରିକଙ୍କ ହଟହଟା

**ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ**



ବ୍ୟାସନଗର ସ୍ଥିତ ଲକ୍ଷ୍ମୀନଗର କମ୍ୟୁନିଟି ସେଣ୍ଟର ଠାରେ ଯାଜପୁର ଜିଲ୍ଲା ମିଳିତ ଶ୍ରମିକ ମଞ୍ଚ ପକ୍ଷରୁ ଏକ ଜରୁରୀ କାର୍ଯ୍ୟକାରୀ କମିଟି ବୈଠକ ମିଳିତ ମଞ୍ଚର ଉପସଭାପତି ରବୀନ୍ଦ୍ର ମଣ୍ଡଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଯାଜପୁର ଜିଲ୍ଲା ମିଳିତ ଶ୍ରମିକ ମଞ୍ଚର ସାଧାରଣ ସମ୍ପାଦକ ଶ୍ରମିକ ନେତା ପରମାନନ୍ଦ ସେଠୀ ସଭାରେ ଯୋଗଦେଇଥିବା ବିଭିନ୍ନ ଶ୍ରମିକ ସଂଘର ସଭାପତି /ସମ୍ପାଦକଙ୍କ ପରିଚୟ ପ୍ରଦାନ କରିବା ସହ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ କୋଠା ବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ମାଧ୍ୟମରେ ଦୀର୍ଘ ୧୮ବର୍ଷରୁ ଉର୍ଦ୍ଧ୍ୱ ଦିନ ଧରି ଠିକା କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ଡାଟାଏଣ୍ଟ୍ରି ଅପରେଟର ମାନଙ୍କୁ ସାରା ରାଜ୍ୟରେ ୧ ଏପ୍ରିଲ ଠାରୁ କାର୍ଯ୍ୟ ବନ୍ଦ କରିଦେବାରୁ ଶ୍ରମ କାର୍ଯ୍ୟାଳୟରେ ସାଧାରଣ ନିର୍ମାଣ ଶ୍ରମିକ ମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ରାଜ୍ୟ ସରକାରଙ୍କ ଅନ୍ୟାୟ ଶ୍ରମିକ ଛଟେଇକୁ ମିଳିତ ମଞ୍ଚ ପକ୍ଷରୁ ନିନ୍ଦା କରାଯାଇଛି, ସେଥିପାଇଁ ଯାଜପୁର ଜିଲ୍ଲାରେ ନିର୍ମାଣ ଶ୍ରମିକମାନଙ୍କ ନିମନ୍ତେ ଶିକ୍ଷା, ପ୍ରସୂତି କାଳୀନ, ବିବାହ ଓ ମୃତ୍ୟୁକାଳୀନ, ଶବ ସତ୍କାର ସହାୟତା ରାଶି ମିଳିବାରେ ଶିଥିଳତା ଅବଲମ୍ବନ କରାଯାଉଛି, ଯେଉଁଥିପାଇଁ ନିର୍ମାଣ ଶ୍ରମିକମାନେ ବିଭିନ୍ନ ବ୍ଲକ, ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ଆସି କୌଣସି ଠାରେ ନିଜର ସହାୟତା ରାଶି ପାଇବା ପାଇଁ ଉପଯୁକ୍ତ କର୍ମଚାରୀଙ୍କୁ ପାଇପାରୁନାହାନ୍ତି ଯାହାଫଳରେ ସହାୟତା ରାଶି ପାଇବାରୁ ବଞ୍ଚିତ ହେଉଛନ୍ତି । ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ଅଫିସର ମାଳ ମାଳ କର୍ମଚାରୀ ନାହାଁନ୍ତି, ସମସ୍ତ କାର୍ଯ୍ୟ କରିବାରେ ଅସୁବିଧା ହେଉଛି, ଏହି ସଭାରେ ଯୋଗଦେଇଥିବା ଯାଜପୁର ଜିଲ୍ଲାରେ କାର୍ଯ୍ୟରତ ବିଭିନ୍ନ ଶ୍ରମିକ ସଂଗଠନ ମାନଙ୍କ ମଧ୍ୟରେ କଳିଙ୍ଗ ବିକାଶ ନିର୍ମାଣ ଶ୍ରମିକ ସଂଘ ସଭାପତି ଦୁଷ୍ମନ୍ତ କୁମାର ରାଉତ, ଶ୍ରୀକ୍ଷେତ୍ର ନିର୍ମାଣ ଶ୍ରମିକ ସଂଘର ସଭାପତି ରଜନୀକାନ୍ତ ଦାସ, ସମ୍ପାଦକ ମନୋରଞ୍ଜନ ସାହୁ, ମା ଅମରେଶ୍ୱରୀ ଶ୍ରମିକ ସଂଘର ସଭାପତି ଲୋକନାଥ ପଲେଇ, ମହାତ୍ମାଗାନ୍ଧୀ ଗ୍ରାମୀଣ କର୍ମଜୀବୀ ନିର୍ମାଣ ଶ୍ରମିକ ସଂଘର ସାଧାରଣ ସମ୍ପାଦକ ପାକିଜା ବେଗମ, ବାବା ଲକ୍ଷ୍ମଣ ଗ୍ରାମୀଣ ମଜଦୁର ସଂଘ ସମ୍ପାଦକ ଶରତ ଚନ୍ଦ୍ର ରାଉତ, ସୁବାଷ ବୋଷ ଶ୍ରମିକ ସଂଘ ସମ୍ପାଦକ କୃଷ୍ଣଚନ୍ଦ୍ର ବେହେରା, ପତିତପାବନ ନିର୍ମାଣ ଶ୍ରମିକ ସଂଘ ସମ୍ପାଦିକା ରୁନୁ ଲାଲା, ପ୍ରମୋଦ ସାମଲ, ଅରୁଣ କୁମାର ଦାସ, ଅଭିମନ୍ୟୁ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଶ୍ରମ କାର୍ଯ୍ୟାଳୟରେ କାର୍ଯ୍ୟରେ ଶିଥିଳତା ନିମନ୍ତେ ବୈଠକରେ ଆଲୋଚନା କରାଯାଇଥିଲା ଏବଂ ଏହାର ସ୍ଥାୟୀ ସମାଧାନ ନକଲେ ଆଗାମୀ ଦିନରେ ଆମ୍ଭେ ବାଧ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବାକୁ ବକ୍ତାମାନେ ନିଜ ବକ୍ତବ୍ୟରେ କହିଥିଲେ । ଶେଷରେ ଯୁଗ୍ମ ଶ୍ରମ ଆୟୁକ୍ତ ଶିବଶଙ୍କର ମିଶ୍ରଙ୍କୁ ଏକ ପ୍ରତିନିଧି ଦଳ ସାକ୍ଷାତ କରି ଏହି ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ପଦକ୍ଷେପ ନେବାକୁ ପ୍ରସ୍ତାବ ଦେଇଥିଲେ ଏବଂ ଏହାର ଅବହେଳା କଲେ ଆମ୍ଭେ ମିଳିତ ମଞ୍ଚ ପକ୍ଷରୁ ଶ୍ରମ କାର୍ଯ୍ୟାଳୟରେ ଆନ୍ଦୋଳନ କରିବାକୁ ବାଧ ହେବୁ ସେଥିପାଇଁ ଆପଣ ଦାୟି ରହିବେ ବୋଲି ଚେତାବନୀ ଦେଇଛନ୍ତି ।

## ଓର୍‌ମାସ୍ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ 'ମ୍ୟାଙ୍ଗୋ ଅନ୍ ହ୍ୱିଲ୍' ଶୁଭାରମ୍ଭ



**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**

ଗତ୨୮ ତାରିଖରେ ଓର୍‌ମାସ୍ ସୁନ୍ଦରଗଡ଼ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ "୧୦କେ ଏଫପିଓ" କାର୍ଯ୍ୟକ୍ରମ ଅଧୀନରେ କୃଷକମାନଙ୍କ ଜୀବିକା ସୁଦୃଢ଼ କରିବା ଏବଂ କୃଷିଜାତ ଉତ୍ପାଦର ବଜାର ସଂଯୋଗ ସୁନିଶ୍ଚିତ କରିବାକୁ ଏକ ବିଶେଷ ପଦକ୍ଷେପ ଗ୍ରହଣ କରାଯାଇଛି । ଏହି ପରିପ୍ରେକ୍ଷୀରେ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ, ପାନୀୟ ଜଳ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ମନ୍ତ୍ରୀ ରବି ନାରାୟଣ ନାଏକ "ମ୍ୟାଙ୍ଗୋ ଅନ୍ ହ୍ୱିଲ୍ସ" ରଥକୁ ସବୁଜ ପତାକା ଦେଖାଇବା ସହ ମଦର ଡେରୀ, ଦିଲ୍ଲୀକୁ ଆମ୍ବ ରପ୍ତାନୀର ଶୁଭାରମ୍ଭ କରିଥିଲେ । ସ୍ଥାନୀୟ ସାର୍କିଟ୍ ହାଉସ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସୁରଞ୍ଜନ କୁମାର ସାହୁ, ପୂର୍ବତନ ବିଧାୟକ ଶଙ୍କର ଓରାମ, ଓର୍‌ମାସ୍ ଡେପୁଟି ସିଇଓ କେଶବ ଝା , ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ଓ ବିଡିଓ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଏହି ୧୦କେ ଏଫପିଓ ପଦକ୍ଷେପ ଅନୁସାରେ ଲେଫ୍ରିପଡା, ବଣାଇଁ, ନୂଆଗାଁ, ସବଡେଗା ଓ ଲହୁଣୀପଡାର କୃଷକ ଉତ୍ପାଦକ ସଂଗଠନ (ଏଫପିଓ)ମାନେ ପ୍ରାକୃତିକ ଭାବେ ପାଚିଥିବା ଆମ୍ବ, ଲିଚୁ ଓ ତରଭୁଜ ସଂଗ୍ରହ କରି "ଗାଁ ଆମ୍ବ ପସରା" ଏବଂ ସୁନ୍ଦରଗଡ଼ ସ୍ଥିତ ଓର୍‌ମାସ୍ ଆଉଟ୍‌ଲେଟ୍ ମାଧ୍ୟମରେ ବିକ୍ରୟ କରୁଛନ୍ତି । ଏଫପିଓ କୃଷକମାନଙ୍କୁ ସିଧାସଳଖ ପ୍ରତିଷ୍ଠାନଗତ କ୍ରେତାଙ୍କ ସହ ଯୋଡ଼ାଯାଇପାରୁଛି ଏବଂ ମଧ୍ୟସ୍ଥିଙ୍କ ଭୂମିକା ହ୍ରାସ କରାଯାଉଛି । ଫଳସ୍ୱରୂପ କୃଷକମାନେ ପ୍ରାକୃତିକ ଭାବେ ପାଚିଥିବା ଫଳ ପାଇଁ ଉଚିତ୍ ମୂଲ୍ୟ ପାଇବାର ସୁଯୋଗ ଲାଭ କରିଛନ୍ତି ।

## ଜାରକାରୁ ଜବରଦଖଲ ଉଚ୍ଛେଦରେ ବିଳମ୍ବ ନେଇ ଅସନ୍ତୋଷ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ତହସିଲର ଜାରକା ସହରାଞ୍ଚଳର ବହୁ ଅନାବାଦୀ ଓ ଜଙ୍ଗଲ କିସମ ଜମି ଜବରଦଖଲ ରହିଛି । ରାଜ୍ୟ ସାରା ଜବରଦଖଲ ଉଚ୍ଛେଦ ହେଉଥିବା ବେଳେ ଜାରକାରେ କଣପାଇଁ ଉଚ୍ଛେଦ ହେଉନାହିଁ । ରାଜ୍ୟ ସରକାରଙ୍କ ନିଷ୍ପତ୍ତି ପରେ ରାଜସ୍ୱମନ୍ତ୍ରୀ ସୁରେଶ କୁମାର ପୁଝାରୀଙ୍କ ଘୋଷଣାପରେ ସାଧାରଣଲୋକ ଭାବିଥିଲେ ସରକାର ଜମି ମାଫିଆଙ୍କ କବଳରୁ ଫେରିଆସିବ । ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବକୁମାର ବଳବନ୍ତରାୟ ଓ ବିଧାୟକ ହିମାଂଶୁଶେଖର ସାହୁ ସାମ୍ବାଦିକ ସମ୍ମିଳନୀ ଡାକି ଦାବି କରିଥିଲେ । ସରକାରୀ ଜମି ଜବରଦଖଲ ମୁକ୍ତ କରିବା ପାଇଁ । ହେଲେ ସ୍ଥାନୀୟ ଧର୍ମଶାଳା ତହସିଲ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ଅସନ୍ତୋଷ ପ୍ରକାଶପାଉଛି । ପ୍ରସ୍ତାବିତ ଜାରକା ଏନ୍‌ଏସି ମଧ୍ୟରେ ଯାଉଥିବା ମୌଜା ଜାରକା, କୁମାରୀ, ଦେଉଳି ଜାମୁବଣିଆ, ଜାଳସୁଖା, ନୂଆଗାଁ, ପଲାର ମୌଜାରେ ଶହ ଶହ ଏକର ସରକାରୀ ଜମି ଏବେ ଜବରଦଖଲରେ ରହିଛି । ସରକାରୀ ଜମିରୁ ତୁରନ୍ତ ଉଚ୍ଛେଦ କରିବା ପାଇଁ ସାଧାରଣରେ ଦାବି ହେଉଛି ।

# ଯୋଗ୍ୟ ବ୍ୟକ୍ତିଙ୍କ ନାମ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା 'ଏସ୍‌ଆଇଆର୍'ର ମୁଖ୍ୟ ଉଦ୍ଦେଶ୍ୟ:ଜିଲ୍ଲାପାଳ

**କେନ୍ଦୁଝର, ନ୍ୟୁଜ୍**



ଭାରତୀୟ ନିର୍ବାଚନ କମିଶନଙ୍କ ବିଜ୍ଞପ୍ତି ଅନୁଯାୟୀ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (SIR)- ୨୦୨୬ ସମ୍ପର୍କରେ ଶୁକ୍ରବାର ଦିନ ଦରବାର ହଲ୍ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ କେନ୍ଦୁଝର ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ବିଶାଲ ସିଂହ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଜିଲ୍ଲାସ୍ତରର ପ୍ରସ୍ତୁତି ବାବଦରେ ବିସ୍ତୃତ ସୂଚନା ଦେଇଛନ୍ତି । ଗଣମାଧ୍ୟମକୁ ସମ୍ବୋଧିତ କରି ଜିଲ୍ଲାପାଳ କହିଛନ୍ତି ଯେ, ଏହି ସ୍ୱତନ୍ତ୍ର ସଘନ ସଂଶୋଧନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସମସ୍ତ ଯୋଗ୍ୟ ଭୋଟରଙ୍କ ନାମ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ଏବଂ ଅଯୋଗ୍ୟ ଭୋଟରଙ୍କ ନାମ ବାଦ୍ ଦେବା । ଏହି କାର୍ଯ୍ୟକ୍ରମ କେନ୍ଦୁଝର ଜିଲ୍ଲାର ସମସ୍ତ ୬ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ଯଥା: ତେଲକୋଇ (ST), ଘସିପୁରା, ଆନନ୍ଦପୁର (SC), ପାଟଣା (ST), କେନ୍ଦୁଝର (ST) ଏବଂ ଚମ୍ପୁଆରେ କରାଯିବ । ଜିଲ୍ଲାପାଳ ପ୍ରକାଶ କରିଛନ୍ତି ଯେ, ଏହି ସଂଶୋଧନ ପ୍ରକ୍ରିୟା ଚାରୋଟି ମୁଖ୍ୟ ପର୍ଯ୍ୟାୟରେ ସମ୍ପନ୍ନ ହେବ । ଘରକୁ ଘର ବୁଲି ପରିଗଣନା, ଚିଠା (ଡ୍ରାଫ୍ଟ) ଭୋଟର ତାଲିକା ପ୍ରକାଶନ, ଦାବି ଓ ଆପତ୍ତି ଗ୍ରହଣ ସମୟ ଏବଂ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶନ ସହ ଅପିଲ୍ ବ୍ୟବସ୍ଥା । ଧାର୍ଯ୍ୟ ସୂଚୀ ଅନୁଯାୟୀ, ମେ ୩୦ ରୁ ଜୁନ୍ ୨୮, ୨୦୨୬ ପର୍ଯ୍ୟନ୍ତ ବୁଥ୍ ସ୍ତରୀୟ ଅଧିକାରୀ (BLO)ମାନେ ଘରକୁ ଘର ବୁଲି ସର୍ଭେ କରିବେ । ଏହି ସମୟରେ BLOମାନେ ସମସ୍ତ ବିଦ୍ୟମାନ ଭୋଟରଙ୍କୁ ଗଣନା ଫର୍ମ (EF) ବଣ୍ଟନ କରିବେ ଏବଂ ତାହା ପୂରଣ କରିବାରେ ସାହାଯ୍ୟ କରିବେ । ଭୋଟରମାନେ ସ୍ୱୀକୃତି ସ୍ୱରୂପ ଗୋଟିଏ ନକଲ ନିଜ ପାଖରେ ରଖିବେ ଏବଂ ଅନ୍ୟ ନକଲଟିକୁ BLO ସଂଶୋଧନ ପ୍ରକ୍ରିୟା ପାଇଁ ସଂଗ୍ରହ କରିବେ । ନାଗରିକମାନେ ଚାହିଁଲେ ଅନ୍‌ଲାଇନ୍ ମାଧ୍ୟମରେ ମଧ ଗଣନା ଫର୍ମ ଦାଖଲ କରିପାରିବେ । ଏହି ଗଣନା ପ୍ରକ୍ରିୟା ସମୟରେ BLO ମାନଙ୍କୁ ସହଯୋଗ କରିବା ସହ ସଠିକ୍ ସୂଚନା ପ୍ରଦାନ କରିବାକୁ ଜିଲ୍ଲାପାଳ ସମସ୍ତ ଜିଲ୍ଲାବାସୀଙ୍କୁ ନିବେଦନ କରିଛନ୍ତି । ସେ ଆହୁରି ମଧ କହିଛନ୍ତି ଯେ, ଜୁଲାଇ ୫, ୨୦୨୬ରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବ । ଏହାପରେ ନାଗରିକମାନେ ଜୁଲାଇ ୫ ରୁ ଅଗଷ୍ଟ ୪, ୨୦୨୬ ପର୍ଯ୍ୟନ୍ତ ନିଜର ଦାବି ଓ ଆପତ୍ତି ଦାଖଲ କରିପାରିବେ । ଭୋଟର ସଂଶୋଧନ ଅଧିକାରୀ (ERO) ମାନେ ସମସ୍ତ ଦାବି ଓ ଆପତ୍ତିର ଶୁଣାଣି ଏବଂ ସମାଧାନ କରିବା ପରେ ସେପ୍ଟେମ୍ବର ୬, ୨୦୨୬ ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ । ଅପିଲ୍ ପ୍ରକ୍ରିୟା ସମ୍ପର୍କରେ ସୂଚନା ଦେଇ ଜିଲ୍ଲା ନିର୍ବାଚନ ଅଧିକାରୀ କହିଛନ୍ତି ଯେ, EROଙ୍କ ନିଷ୍ପତ୍ତିରେ ଅସନ୍ତୁଷ୍ଟ କୌଣସି ବି ବ୍ୟକ୍ତି ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ନିକଟରେ ଅପିଲ୍ କରିପାରିବେ । ଆବଶ୍ୟକ ସ୍ଥଳେ, ୩୦ ଦିନ ମଧ୍ୟରେ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦ୍ୱିତୀୟ ଅପିଲ୍ ମଧ କରାଯାଇପାରିବ । ଜିଲ୍ଲାର ପରିସଂଖ୍ୟାନ ସମ୍ପର୍କରେ ସୂଚନା ଦେଇ ଜିଲ୍ଲାପାଳ କହିଛନ୍ତି ଯେ, ୦୪- କେନ୍ଦୁଝର (ST) ସଂସଦୀୟ ନିର୍ବାଚନ ମଣ୍ଡଳୀ ଅଧୀନରେ କେନ୍ଦୁଝର ଜିଲ୍ଲାର ୬ଟି ବିଧାନସଭା ମଣ୍ଡଳୀ ଆସୁଛି ଏବଂ ଏହାର ସମୁଦାୟ ଭୋଟର ସଂଖ୍ୟା ୧୩,୭୨,୬୫୧ । ଜିଲ୍ଲାରେ ବର୍ତ୍ତମାନ ୧,୭୨୩ ଟି ପୋଲିଂ ଷ୍ଟେସନ୍ ରହିଛି ଏବଂ ନୂତନ ଭାବେ ୧୯୨ଟି ପୋଲିଂ ଷ୍ଟେସନ୍ ସୃଷ୍ଟି କରାଯିବା ପରେ ସମୁଦାୟ ପୋଲିଂ ଷ୍ଟେସନ୍ ସଂଖ୍ୟା ୧,୯୧୫କୁ ବୃଦ୍ଧି ପାଇବ । ଏହି ସଂଶୋଧନ କାର୍ଯ୍ୟ ପାଇଁ ସମୁଦାୟ ୧,୯୧୫ ଜଣ BLOଙ୍କୁ ପ୍ରଶିକ୍ଷଣ ଦିଆଯାଇଛି । ଏକ ସ୍ୱଚ୍ଛ, ନିର୍ଭୁଲ ଏବଂ ସର୍ବସାମୁଖ୍ୟ ଭୋଟର ତାଲିକା ପ୍ରସ୍ତୁତ କରିବା ପାଇଁ ଏହି ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ଜିଲ୍ଲାପାଳ ସମସ୍ତ ରାଜନୈତିକ ଦଳ, ନିର୍ବାଚିତ ପ୍ରତିନିଧି ଏବଂ ସାଧାରଣ ଜନତାଙ୍କୁ ଅନୁରୋଧ କରିଛନ୍ତି । ସହାୟତା ପାଇଁ ନାଗରିକମାନେ ECINet ପ୍ଲାଟ୍‌ଫର୍ମ ମାଧ୍ୟମରେ ନିଜ ନିଜର BLOଙ୍କ ସହ ଯୋଗାଯୋଗ କରିପାରିବେ, ଜିଲ୍ଲା ଓ ERO କାର୍ଯ୍ୟାଳୟରେ ସ୍ଥାପିତ ହେଲ୍ପ ଡେସ୍କ ନିକଟକୁ ଯାଇପାରିବେ, ଭୋଟର ହେଲ୍ପଲାଇନ୍ ନମ୍ବର ୧୯୫୦କୁ କଲ୍ କରିପାରିବେ କିମ୍ବା ଭୋଟର ସେବା ପୋର୍ଟାଲ୍ ପରିଦର୍ଶନ କରିପାରିବେ । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କଲେକ୍ଟର (ନିର୍ବାଚନ) ଅରୁଣିମା ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟ ଏବଂ ସହକାରୀ ଜିଲ୍ଲାପାଳ ସନ୍ତୋଷ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ ।

## 'ଏସ୍‌ଆଇଆର୍' ପ୍ରକ୍ରିୟାରେ ନକଲି ଓ ଅଯୋଗ୍ୟ ଭୋଟରଙ୍କୁ ତାଲିକାରୁ ବାଦ୍ ଦିଆଯିବ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



ସୁବର୍ଣ୍ଣପୁର ଜିଲ୍ଲାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (SIR) କାର୍ଯ୍ୟକ୍ରମ ଚାଲୁ ରହିଛି । ଏହାର ପ୍ରମୁଖ ଉଦ୍ଦେଶ୍ୟଗୁଡିକ ହେଲା ସମସ୍ତ ଯୋଗ୍ୟ ମତଦାତାଙ୍କୁ ଭୋଟର ତାଲିକାରେ ସାମିଲ କରିବା । ନକଲି, ସ୍ଥାନାନ୍ତରିତ ଓ ଅଯୋଗ୍ୟ ନାମଗୁଡିକୁ ଅପସାରଣ କରିବା । ମତଦାତାଙ୍କର ତଥ୍ୟରେ ଆବଶ୍ୟକ ସଂଶୋଧନ ଓ ଅଦ୍ୟତନ କରିବା । ସଠିକ୍ ଓ ନିର୍ଭୁଲ୍ ଭୋଟର ତାଲିକା ମାଧ୍ୟମରେ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଅଧିକ ସୁଦୃଢ କରିବା । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜିଲ୍ଲା ପ୍ରଶାସନ ସାଧାରଣ ଜନତାଙ୍କର ସହଯୋଗ ଓ ସମର୍ଥନ କାମନା କରୁଛି । ଜିଲ୍ଲା ପ୍ରଶାସନଙ୍କର ନାଗରିକମାନଙ୍କ ପାଖରେ ଏକମାତ୍ର ଅନୁରୋଧ ହେଉଛି, ସେମାନେ BLO ମାନଙ୍କ ସହ ସକ୍ରିୟ ଭାବେ ସହଯୋଗ କରି ଏହି କାର୍ଯ୍ୟକ୍ରମକୁ ସଫଳତାର ସହ ସହଭାଗୀ ହେବେ । ଘରେ ଘରେ ଯାଇ ଯାଞ୍ଚ କାର୍ଯ୍ୟ କରୁଥିବା BLOମାନଙ୍କୁ ସମସ୍ତେ ସହଯୋଗ କରିବାକୁ ଅନୁରୋଧ କରାଯାଉଛି । ଜନସାଧାରଣଙ୍କ ସୁବିଧା ପାଇଁ କଲେକ୍ଟର କାର୍ଯ୍ୟାଳୟ ଏବଂ ସମସ୍ତ ଉପଜିଲ୍ଲାପାଳ କାର୍ଯ୍ୟାଳୟରେ ହେଲ୍ପଡେସ୍କ ବ୍ୟବସ୍ଥା କରାଯାଇଛି । ଏହା ସହିତ ଭୋଟର ତାଲିକା ସମ୍ବନ୍ଧୀୟ ଯେକୌଣସି ସହାୟତା ପାଇଁ ଟୋଲ୍ ଫ୍ରି ନମ୍ବର ୧୯୫୦ରେ ସମ୍ପର୍କ କରାଯାଇପାରିବ । ସୁବର୍ଣ୍ଣପୁର ଜିଲ୍ଲାରେ ମୋଟ୍ ୨ଟି ବିଧାନସଭା ମଣ୍ଡଳୀ ଅଛି, ଯଥା- ସୋନପୁର ଓ ବୀରମହାରାଜପୁର । ଜିଲ୍ଲାରେ ମୋଟ୍ ୫୮୬ଟି ବୁଥ୍ ରହିଛି । ପ୍ରତ୍ୟେକ ବୁଥ୍ ପାଇଁ ଜଣେ କରି BLO ନିଯୁକ୍ତ ଅଛନ୍ତି ଏବଂ ପ୍ରତ୍ୟେକ ୧୦ଟି ବୁଥ୍ ପାଇଁ ଜଣେ BLO ସୁପରଭାଇଜର ନିଯୁକ୍ତ ହୋଇଛନ୍ତି । ଏହା ସହିତ ପ୍ରତ୍ୟେକ ବୁଥ୍ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱେଚ୍ଛାସେବୀ ନିଯୁକ୍ତ କରାଯାଇଛନ୍ତି । ରାଜନୈତିକ ଦଳମାନଙ୍କ ପକ୍ଷରୁ ମଧ Booth Level Agent (BLA) ନିଯୁକ୍ତ ହୋଇ ସମଗ୍ର ପ୍ରକ୍ରିୟାରେ ସହଯୋଗ କରୁଛନ୍ତି । ସ୍ୱଚ୍ଛ, ନିର୍ଭୁଲ୍ ଓ ଅଂଶଗ୍ରହଣମୂଳକ ଭୋଟର ତାଲିକା ପ୍ରସ୍ତୁତି ପାଇଁ ଜିଲ୍ଲା ପ୍ରଶାସନ ପ୍ରତିବଦ୍ଧ । ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝି, ସୋନପୁର ଉପଜିଲ୍ଲାପାଳ ଡଃ ସୌମ୍ୟା ରୂପା ରଥ, ବୀରମହାରାଜପୁର ଉପଜିଲ୍ଲାପାଳ ସୁରେନ୍ଦ୍ର ମେହେର, ଜିଲ୍ଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝି, ସୂଚନା ଲୋକସମ୍ପର୍କ ଅଧିକାରୀ ପ୍ରୀତି ସୁନା ପ୍ରମୁଖ ଉପସ୍ଥିତ ଥିଲେ ।

# ଆଇପିଏଲ ଇତିହାସରେ ପ୍ରଥମ ଖେଳାଳି ହେଲେ ଶୁବମନ ଗିଲ୍



**ନୂଆଦିଲ୍ଲୀ**

ଗୁଜରାଟ ଟାଇଟାନ୍ସ କ୍ୱାଲିଫାୟର ୨ରେ ରାଜସ୍ଥାନ ରୟାଲ୍ସକୁ ୭ ୱିକେଟରେ ପରାସ୍ତ କରି ଆଇପିଏଲ ୨୦୨୬ ଫାଇନାଲରେ ସ୍ଥାନ ପକ୍କା କରିଛି। କ୍ୱାଲିଫାୟର ୨ ମ୍ୟାଚ୍‌ରେ ଗିଲ ଶତକ ହାସଲ କରିଥିଲେ ଏବଂ ଏହା ଦ୍ୱାରା ତାଙ୍କ ନାମରେ ତିନୋଟି ପ୍ରମୁଖ ରେକର୍ଡ ସୃଷ୍ଟି କରିଥିଲେ। ସେ ସାଇ ସୁଦର୍ଶନଙ୍କ ସହ ପ୍ରଥମ ୱିକେଟ ପାଇଁ ୧୬୭ ରନର ଭାଗୀଦାରି କରିଥିଲେ, ଯାହା ଫଳରେ ୨୧୫ ରନର ମହାନ ଲକ୍ଷ୍ୟ ତୁଳନାତ୍ମକ ଭାବରେ ଛୋଟ ଦେଖାଯାଇଥିଲା। ସୁଦର୍ଶନ କ୍ରମାଗତ ଦ୍ୱିତୀୟ ଥର ପାଇଁ 'ହିଟ ୱିକେଟ' ଭାବରେ ଆଉଟ ହୋଇଥିଲେ।

୨୧୫ ରନର ଲକ୍ଷ୍ୟ ପିଛା କରି ଶୁବମନ ଗିଲ ଏବଂ ସାଇ ସୁଦର୍ଶନ ଏକ ଦୃଢ଼ ଆରମ୍ଭ କରିଥିଲେ। ଉଭୟ ବିପଦପୂର୍ଣ୍ଣ ସଟ ଖେଳି ନ ଥିଲେ, ବରଂ ସ୍କୋରବୋର୍ଡକୁ ସିଙ୍ଗଲ୍ସ ଏବଂ ଡବଲ୍ସ ସହିତ ସ୍ଥିର ରଖିବା ପାଇଁ ପସନ୍ଦ କରିଥିଲେ। ସାଇ ୩୨ ବଲ୍‌ରେ ୫୮ ରନ କରିଥିଲେ। ଏହି ଇନିଂସରେ ଏଥିରେ ଗୋଟିଏ ଛକା ଏବଂ ୮ଟି ଚୌକା ଥିଲା। ସେ ଚମତ୍କାର ଫର୍ମରେ ଥିଲେ, କିନ୍ତୁ ବ୍ରିଜେଶ ଶର୍ମାଙ୍କ ଦ୍ୱାରା ବୋଲ୍ଡ ହୋଇଥିବା ୧୩ତମ ଓଭରରେ 'ହିଟ ୱିକେଟ' ଭାବରେ ଆଉଟ ହୋଇଥିଲେ। ସେ ଆଇପିଏଲ ଇତିହାସରେ ପ୍ରଥମ ବ୍ୟାଟସମ୍ୟାନ ଯିଏ ଲଗାତାର ଦୁଇଟି ଇନିଂସରେ ଏହି ଭାବରେ ଆଉଟ ହୋଇଥିଲେ।

ସାଇଙ୍କ ଆଉଟ ପରେ, ଶୁବମନ ଗିଲ ତାଙ୍କର ଶତକ ପୂରଣ କରିଥିଲେ। ୫୩ ବଲରେ ୧୦୪ରନ କରିଥିଲେ, ଏଥିରେ ୩ଟି ଛକା ଏବଂ ୧୫ ଚୌକା ଥିଲା। ଜୋଫ୍ରା ଆର୍ଚର ତାଙ୍କୁ ଏଲବିଡବ୍ଲ୍ୟୁ ଆଉଟ କରିଥିଲେ। କିନ୍ତୁ, ତାଙ୍କ ୱିକେଟ ପଡ଼ିବା ବେଳକୁ ଗୁଜରାଟ ଟାଇଟାନ୍ସ ବିଜୟର ଦ୍ୱାରଦେଶରେ ପହଞ୍ଚି ସାରିଥିଲା। ଶୁବମନ ଗିଲ ପ୍ଲେଅଫ୍‌ରେ ଦୁଇଟି ଶତକ ହାସଲ କରିଥିବା ଆଇପିଏଲ ଇତିହାସର ପ୍ରଥମ ଖେଳାଳି ହୋଇଛନ୍ତି। ସେ ଆଇପିଏଲ ପ୍ଲେଅଫ୍‌ରେ ଶତକ ହାସଲ କରିଥିବା ପ୍ରଥମ ଅଧିନାୟକ ମଧ୍ୟ ହୋଇଛନ୍ତି। ଏହା ବ୍ୟତୀତ ଶୁବମନ ଗିଲ ମାତ୍ର ୪୭ ବଲ୍‌ରେ ତାଙ୍କର ମାଇଲଖୁଣ୍ଟ ଛୁଇଁ ଆଇପିଏଲ୍ ପ୍ଲେଅଫ୍‌ରେ ଶତକ ହାସଲ କରିଥିବା ଦ୍ରୁତତମ ବ୍ୟାଟ୍ସମ୍ୟାନ ହୋଇଛନ୍ତି।

# ମାଲେସିଆକୁ ୨-୧ରେ ହରାଇଲା ଭାରତ

**କାକାମିଘାରା**

ଜାପାନର କାକାମିଘାରାଠାରେ ଆୟୋଜିତ ୧୮ ବର୍ଷରୁ କମ୍ଏସିଆ କପ୍‌ରେ ବିଜୟରୁ ନିଜର ଅଭିଯାନ ଆରମ୍ଭ କରିଛି ଭାରତ। ଉଭୟ ବାଳକ ଓ ବାଳିକା ଦଳ ନିଜ ନିଜର ପ୍ରଥମ ମ୍ୟାଚ୍‌ରେ ବିଜୟ ହାସଲ କରିଛନ୍ତି।



ଶନିବାର ପୁଲ୍'ଏ' ମ୍ୟାଚ୍‌ରେ ଭାରତ ୨-୧ ଗୋଲ୍‌ରେ ମାଲେସିଆକୁ ପରାସ୍ତ କରିଛି। ଭାରତ ପକ୍ଷରୁ ନୌସିନ୍ ନାଜ୍ ଦୁଇଟି ଗୋଲ୍ ଦେଇଥିଲେ। ମ୍ୟାଚର ପ୍ରଥମ କ୍ୱାର୍ଟର ଗୋଲ୍ ଶୂନ୍ୟ ରହିବା ପରେ ୧୯ ତମ ମିନିଟ୍‌ରେ ନୌସିନ୍ ଏକ ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ପରିବର୍ତ୍ତନ କରିବାକୁ ସଫଳ ହୋଇଥିଲେ। ଏହା ସହିତ ଭାରତ ୧-୦ରେ ଅଗ୍ରଣୀ ହୋଇଥିଲା। ୨୮ ତମ ମିନିଟ୍‌ରେ ପୁଣିଥରେ ନୌସିନ୍ ଆଉ ଏକ ଗୋଲ୍ ଦେଇ ସ୍କୋରକୁ ୨-୦କୁ ନେଇଯାଇଥିଲେ। ତେବେ ୪୧ତମ ମିନିଟ୍‌ରେ ମାଲେସିଆର ନୂର ଆଜଲି ଭାରତର ପ୍ରତିରକ୍ଷାକୁ ଭେଦ କରିବାକୁ ସଫଳ ହେବା ସହ ଏକ ଗୋଲ୍ ଦେଇଥିଲେ। ଏହା ସହିତ ସେ ବ୍ୟବଧାନକୁ ୨-୧କୁ କମାଇବାରେ ସଫଳ ହୋଇଥିଲେ। ଚତୁର୍ଥ କ୍ୱାର୍ଟରରେ ମାଲେସିଆର ଘନ ଘନ ଆକ୍ରମଣକୁ ଭାରତୀୟ ପ୍ରତିରକ୍ଷା ବିଫଳ କରିବା ସହ ମ୍ୟାଚ୍‌କୁ ଜିତିବାରେ ସଫଳ ହୋଇଥିଲା। ଦୁଇଟି ଗୋଲ୍ ପାଇଁ ନୌସିନ୍‌ଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ଘୋଷଣା କରାଯାଇଥିଲା।

କୁଶୱାହା ତିନୋଟି ଗୋଲ୍ ଦେଇ ହାଟ୍ରିକ୍ ଅର୍ଜନ କରିଥିଲେ। ଶୁକ୍ରବାର ଭାରତୀୟ ବାଳକ ଦଳ ନିଜର ପ୍ରଥମ ମ୍ୟାଚ୍‌ରେ କାଜାଖସ୍ତାନକୁ ଶୋଚନୀୟ ଭାବେ ୧୩-୦ରେ ପରାସ୍ତ କରି ନିଜର ଅଭିଯାନ ଆରମ୍ଭ କରିଥିଲା। ଭାରତ ପକ୍ଷରୁ ଅଧିନାୟକ କେତନ କୁଶୱାହା ତିନୋଟି ଗୋଲ୍ ଦେଇ ହାଟ୍ରିକ୍ ଅର୍ଜନ କରିଥିଲେ। ସେହିପରି ପ୍ରହଲ୍ଲାଦ ରାଜଭର, ଆଶୀଷ ତାନି ପୁର୍ତ୍ତି, ଅଂଶ ବହୁର୍ତା, ଶାହରୁଖ ଅଲି ଦୁଇଟି ଲେଖାଏଁ ଏବଂ ଗାଜି ଖାଁ, ଆକାଶଦୀପ ଗୋଟିଏ ଲେଖାଏଁ ଗୋଲ୍ ଦେଇଥିଲେ।

# ବୈଭବ ସୂର୍ଯ୍ୟବଂଶୀଙ୍କ ପ୍ରଶଂସାରେ ଶତମୁଖ ଅମିତାଭ ବଚ୍ଚନ

**ନୂଆଦିଲ୍ଲୀ**

ଆଇପିଏଲର କ୍ୱାଲିଫାୟର-୨ରେ ଶୁକ୍ରବାର ରାଜସ୍ଥାନ ରୟାଲ୍ସ ଗୁଜରାଟ ଟାଇଟନ୍ସ ହାତରୁ ପରାଜୟର ସମ୍ମୁଖୀନ ହୋଇଛି। ଏହି ପରାଜୟ ସହ ଦଳ ଟୁର୍ଣ୍ଣାମେଣ୍ଟରୁ ବାହାରି ଯାଇଛି, କିନ୍ତୁ ଏହି ମ୍ୟାଚରେ ୧୫ ବର୍ଷର ଯୁବ କ୍ରିକେଟର ବୈଭବ ସୂର୍ଯ୍ୟବଂଶୀ ନିଜ ପ୍ରତିଭାର ପ୍ରମାଣ ଦେଇଛନ୍ତି। ତେବେ ମ୍ୟାଚ ହାରିବା ପରେ ବୈଭବ ଭାବୁକ ହୋଇଯିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି, ଯାହା ଉପରେ ବଲିଉଡର ମହାନାୟକ ଅମିତାଭ ବଚ୍ଚନ ତାଙ୍କୁ ସମ୍ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି।

ମ୍ୟାଚ ଶେଷ ହେବା ପରେ ବୈଭବ ଡଗଆଉଟରେ ନିରାଶ ଏବଂ ଭାବୁକ ଦେଖାଯାଇଥିଲେ। ସୋସିଆଲ ମିଡିଆରେ ତାଙ୍କର ଅନେକ ଭିଡିଓ



ଭାଇରାଲ ହୋଇଛି, ଯେଉଁଥିରେ ଦଳ ବାହାରିଯିବାର କଷ୍ଟ ତାଙ୍କ ମୁହଁରେ ସ୍ପଷ୍ଟ ଦେଖାଯାଉଥିଲା। କ୍ରିକେଟ ପ୍ରେମୀମାନେ ମଧ୍ୟ ଏହି ଯୁବ ଖେଳାଳିଙ୍କ ପ୍ରଦର୍ଶନକୁ ପ୍ରଶଂସା କରିବା ସହ ତାଙ୍କର ଉତ୍ସାହ ବଢ଼ାଇଛନ୍ତି। ଏହି ତାଲିକାରେ ଅମିତାଭ ବଚ୍ଚନଙ୍କ ନାମ ମଧ୍ୟ ସାମିଲ ରହିଛି। ବିଗ ବି' ଟୁଇଟ କରି କହିଛନ୍ତି, ୧୫ ବର୍ଷ ବୟସରେ ଅଦ୍ଭୁତ ସୂର୍ଯ୍ୟା। ଏହି ବୟସରେ, ଆମେ ବଣ୍ଟୋ ଏବଂ ଗୁଲିଡଣ୍ଡା ମଧ୍ୟ ଠିକ ଭାବରେ ଖେଳିପାରିନ ଥିଲୁ।

ବିଗ ବି'ଙ୍କ ଏହି ଟୁଇଟ୍ ପ୍ରଶଂସକଙ୍କ ମନ ଜିଣି ନେଇଛି। ଜଣେ ପ୍ରଶଂସକ କମେଣ୍ଟ କରି ଲେଖିଛନ୍ତି, 'ଆଇପିଏଲର ଫ୍ୟାନ ହେବା କିମ୍ବା ନହେବା ଅଲଗା କଥା, କିନ୍ତୁ ଦୁଃଖର କଥା ହେଉଛି ଆମେ ବର୍ତ୍ତମାନ ବୈଭବ ସୂର୍ଯ୍ୟବଂଶୀଙ୍କ ଆଉ ଏକ ପାଳି ଦେଖିବାକୁ ପାଇବୁ ନାହିଁ।' ସେହିପରି ଅନ୍ୟ ଜଣେ ଲେଖିଛନ୍ତି, 'ଗୁଲିଡଣ୍ଡା ହେଉଛି କ୍ରିକେଟର ଜନନୀ। ବୈଭବ ସୂର୍ଯ୍ୟବଂଶୀ ଭବିଷ୍ୟତର ହିରୋ। ତାଙ୍କ ସଫଳତା ପଛରେ ତାଙ୍କ ପିତାଙ୍କ ସଂଘର୍ଷ ରହିଛି, ଯାହାକୁ ସଲାମ କରିବା ଉଚିତ୍।

ଆପଣଙ୍କୁ ଜଣାଇବାକୁ ଚାହିଁବୁ ଯେ ଆଇପିଏଲ ୨୦ରଙ୍ଗରଭଙ୍ଗ ପରେ ବୈଭବ ସୂର୍ଯ୍ୟବଂଶୀ 'ଇଣ୍ଡିଆ ଏ' ପକ୍ଷରୁ ଟ୍ରାଇ-ସିରିଜ (ତ୍ରିଦେଶୀୟ ସିରିଜ) ଖେଳିବାକୁ ଓହ୍ଲାଇବେ। ତାଙ୍କୁ ପ୍ରଥମ ଥର ପାଇଁ ଇଣ୍ଡିଆ ଏ ଦଳରେ ସ୍ଥାନ ମିଳିଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ତାଙ୍କର ଚମତ୍କାର ଫର୍ମକୁ ଦେଖି ଶ୍ରୀଲଙ୍କା ଏ ଏବଂ ଆଫଗାନିସ୍ତାନ ଏ ବିପକ୍ଷରେ ହେବାକୁ ଥିବା ଟ୍ରାଇ-ସିରିଜ ପାଇଁ ତାଙ୍କୁ ଦଳରେ ସାମିଲ କରିଛି।

# ଅଷ୍ଟ୍ରେଲିଆ ବିପକ୍ଷ ଶୃଙ୍ଖଳା ପୂର୍ବରୁ ବଡ଼ ବୟାନ ଦେଲେ ପାକିସ୍ତାନ ଅଧିନାୟକ

**ରାଓଲପିଣ୍ଡି**

ଅଷ୍ଟ୍ରେଲିଆର ପୁରୁଷ କ୍ରିକେଟ୍ ଟିମ୍ ଏବେ ପାକିସ୍ତାନ ଗସ୍ତରେ ଅଛି। ଉଭୟ ପାକିସ୍ତାନ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ଶୃଙ୍ଖଳା ଆଜିଠାରୁ ଆରମ୍ଭ ହୋଇଛି। ଶୃଙ୍ଖଳାର ପ୍ରଥମ ମୁକାବିଲା ରାଓଲପିଣ୍ଡିସ୍ଥିତ କ୍ରିକେଟ୍ ଷ୍ଟାଡିୟମରେ ଖେଳାଯାଉଛି। ମାତ୍ର ଏହା ପୂର୍ବରୁ ପାକିସ୍ତାନ କ୍ରିକେଟ୍ ଟିମର ଅଧିନାୟକ ଶାହିନ ଆଫ୍ରିଦି ସାମ୍ବାଦିକ ସମ୍ମିଳନୀରେ ବଡ଼ ବୟାନ ଦେଇଛନ୍ତି।

ସାମ୍ବାଦିକମାନେ ଶାହିନ ଆଫ୍ରିଦିଙ୍କୁ ବୋଲିଂର ଗତି ନେଇ ପ୍ରଶ୍ନ କରିଥିଲେ। ଆପଣ କେମିତି ବୋଲିଂର ଗତି ବଢ଼ାଇବେ ବୋଲି ପଚାରିଥିଲେ। ସାମ୍ବାଦିକଙ୍କ ପ୍ରଶ୍ନରେ ସେ ଉତ୍ତର ଦେଇ କହିଥିଲେ, ମୁଁ ୨୦୦ ସ୍ପିଡ୍‌ରେ ବୋଲିଂ କରିବାକୁ ଉଦ୍ୟମ କରିବି। ଏହା କହି ସେ ହସିଥିଲେ।

ପ୍ରଥମ ମ୍ୟାଚ୍ ରାଓଲପିଣ୍ଡିସ୍ଥିତ କ୍ରିକେଟ୍ ଷ୍ଟାଡିୟମରେ ଖେଳାଯାଇଥିଲା। ଦ୍ୱିତୀୟ ମ୍ୟାଚ୍ ଜୁନ ୨ ଏବଂ ତୃତୀୟ ମୁକାବିଲା ଜୁନ ୪ରେ ଲାହୋରସ୍ଥିତ ଗଦାଫି ଷ୍ଟାଡିୟମରେ ଖେଳାଯିବ। ପାକିସ୍ତାନ ଏହି ଶୃଙ୍ଖଳାରେ ଅଭିଜ୍ଞ ୱିକେଟକିପର ମହମ୍ମଦ ରିଜୱାନଙ୍କୁ ସୁଯୋଗ ଦେଇନାହିଁ।

ପାକିସ୍ତାନ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଏପର୍ଯ୍ୟନ୍ତ ୧୧୧ଟି ଦିନିକିଆ ମ୍ୟାଚ୍ ଖେଳାଯାଇଛି। ଏଥିରୁ ୭୧ଟି ମ୍ୟାଚ୍‌ରେ ଅଷ୍ଟ୍ରେଲିଆର ବିଜୟ ହୋଇଛି। କିନ୍ତୁ ଅଷ୍ଟ୍ରେଲିଆକୁ ପାକିସ୍ତାନ ୩୬ଟି ମୁକାବିଲାରେ ପରାସ୍ତ କରିଛି। ୩ଟି ମ୍ୟାଚର ଫଳାଫଳ ବାହାରି ପାରି ନାହିଁ।

ପାକିସ୍ତାନ ଦଳ: ସାହିବଜାଦା ଫରହାନ, ମାଜ ସଦାକତ, ବାବର ଆଜମ, ସଲମାନ ଆଗା, ଅବଦୁଲ ସମଦ, ଗାଜୀ ଗୋରୀ (ୱିକେଟକିପର), ଶାଦାବ ଖାନ, ଶାହିନ ଆଫ୍ରିଦି (ଅଧିନାୟକ), ନସିମ ଶାହ, ହାରସି ରଉଫ, ଅବରାର ଅହମଦ, ରୋହଲେ ନଜିର, ଅହମଦ ଡାନିଏଲ, ଅରାଫାତ ମିହ୍ନାସ, ସୁଫୟାନ ମୋକିମ, ଶମିଲ ହୁସେନ।

ଅଷ୍ଟ୍ରେଲିଆ: ମ୍ୟାଥ୍ୟୁ ସଟ୍, ଜୋଶ ଇଂଲିଶ (ଅଧିନାୟକ), ମାର୍ନସ ଲାବୁଶେନ, ମ୍ୟାଟ ରେନଶ, ଆଲେକ୍ସ କେରି (ୱିକେଟକିପର), କେମରନ ଗ୍ରିନ, ଲିୟାମ ସ୍କଟ, ନାଥନ ଏଲିସ, ରିଲେ ମେରେଡିଥ, ଆଦାମ ଜାମ୍ପା, ବିଲି ଷ୍ଟନଲେକ, ମ୍ୟାଥ୍ୟୁ କୁହନମ୍ୟାନ, ତନବୀର ସାଙ୍ଘା, ଓଲିଭ୍ର ପୀକ।

# ଫିଫା ବିଶ୍ୱକପ୍ ପାଇଁ ୨୬ ଜଣିଆ ସ୍କ୍ୱାଡ୍ ଘୋଷଣା କଲା ଆର୍ଜେଣ୍ଟିନା

**ଆର୍ଜେଣ୍ଟିନା**

ଆର୍ଜେଣ୍ଟିନାର କୋଚ୍ ଲିଓନେଲ୍ ସ୍କାଲୋନି ଫିଫା ବିଶ୍ୱକପ୍ ୨୦୨୬ ପାଇଁ ୨୬ ଜଣିଆ ଦଳ ଘୋଷଣା କରିଛନ୍ତି। ଲିଓନେଲ୍ ମେସିଙ୍କ ନେତୃତ୍ୱରେ ଆର୍ଜେଣ୍ଟିନା ନିଜର ଚାମ୍ପିଅନ୍ ଟାଇଟଲ୍ ବଜାୟ ରଖିବା ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇବ। ଫିଫା ବିଶ୍ୱକପ୍‌ରେ ବ୍ରାଜିଲ୍ ଶେଷ ଥର ପାଇଁ ୧୯୬୨ ମସିହାରେ ନିଜର ଟାଇଟଲ୍ ରକ୍ଷା କରିବାରେ ସଫଳ ହୋଇଥିଲା। ଏହାପରଠାରୁ କୌଣସି ବି ଦଳ କ୍ରମାଗତ ଦୁଇଥର ବିଶ୍ୱକପ୍ ଟ୍ରଫି ନିଜ ନାମରେ କରିପାରି ନାହାନ୍ତି। ମେସିଙ୍କ ନେତୃତ୍ୱରେ ଆର୍ଜେଣ୍ଟିନା ଦଳର ଆଟାକ୍ ବହୁତ ଶକ୍ତିଶାଳୀ ଦେଖାଯାଉଛି। ମେସିଙ୍କୁ ଇଣ୍ଟର ମିଲାନର ଷ୍ଟ୍ରାଇକର ଲୌତାରୋ ମାର୍ଟିନେଜ୍ ଏବଂ ଆଟଲେଟିକୋ ମାଡ୍ରିଡର ଜୁଲିଆନ୍ ଆଲଭାରେଜ୍ ସହଯୋଗ କରୁଥିବାର ନଜର ଆସିବେ।

କୋଚ୍ ସ୍କାଲୋନି ଏଥର କିଛି ନୂଆ ଖେଳାଳିଙ୍କ ଉପରେ ମଧ ଭରସା ପ୍ରକଟ କରିଛନ୍ତି। ଏମାନଙ୍କ ମଧ୍ୟରେ ଭାଲେଣ୍ଟିନ୍ ବାର୍କୋ ସାମିଲ ଅଛନ୍ତି। ଯିଏ ୟୁରୋପରେ ଚମତ୍କାର ସିଜନ୍ ଖେଳିଥିଲେ। ଏହା ବ୍ୟତୀତ ହୋସେ ମାନୁଏଲ୍ ଲୋପେଜ୍‌ଙ୍କୁ ମଧ ସୁଯୋଗ ମିଳିଛି। ସେ ବ୍ରାଜିଲ୍ କ୍ଲବ୍ ପାଲମେରାସ୍‌ର ସେଣ୍ଟର-ଫରୱାର୍ଡ ଖେଳାଳି ଅଟନ୍ତି ଏବଂ ଆବଶ୍ୟକ ସ୍ଥଳେ ଆଲଭାରେଜ୍ ଏବଂ ମାର୍ଟିନେଜ୍‌ଙ୍କ ବ୍ୟାକଅପ୍ ଭାବରେ ଖେଳିପାରିବେ। ନିକୋ ପାଜ୍‌ଙ୍କୁ ମଧ ଦଳରେ ସ୍ଥାନ ଦିଆଯାଇଛି। ସେ କୋମୋ ୧୯୦୭ ପାଇଁ ଶାନଦାର ପ୍ରଦର୍ଶନ କରିଛନ୍ତି। ସେଥିପାଇଁ କୋଚିଂ ଷ୍ଟାଫ୍ ତାଙ୍କୁ ବହୁତ ପସନ୍ଦ କରନ୍ତି।

ଲିଓନେଲ୍ ମେସି ନିଜର ଷଷ୍ଠ ବିଶ୍ୱକପ୍ ଖେଳିବାକୁ ପଡ଼ିଆକୁ ଓହ୍ଲାଇବେ। ଇଣ୍ଟର ମିଆମି ପାଇଁ ନିଜର ଶେଷ ମ୍ୟାଚ୍‌ରେ ମେସି କିଛିଟା ଅସୁବିଧାରେ ଥିବା ଜଣାପଡ଼ିଥିଲେ ଏବଂ ତାଙ୍କୁ ପଡ଼ିଆ ଛାଡ଼ି ଯିବାକୁ ପଡ଼ିଥିଲା। ତେବେ କ୍ଲବ୍ ପକ୍ଷରୁ ସୂଚନା ଦିଆଯାଇଥିଲା ଯେ ତାଙ୍କ ଆଘାତ ଗୁରୁତର ନୁହେଁ ଏବଂ ତାଙ୍କ ବାମ ହାମଷ୍ଟ୍ରିଙ୍ଗ୍ ମାଂସପେଶୀରେ କେବଳ ଦରଜ ରହିଛି।

ସ୍କାଲୋନି କହିଛନ୍ତି, 'ଆମେ ଟ୍ରେନିଂ କମ୍ପ୍ଲେକ୍ସରେ ମେସିଙ୍କ ଗେମ୍ ଦେଖୁଥିଲୁ, ଯେତେବେଳେ ଆମେ ଅନୁଭବ କଲୁ ଯେ ସେ ସବ୍‌ଷ୍ଟିଚ୍ୟୁଟ୍ ହେବା ପାଇଁ କହିଥିଲେ। ସେ ଭଲ ଅନୁଭବ କରୁନଥିଲେ। ପ୍ରାରମ୍ଭିକ ରିପୋର୍ଟ ବହୁତ ଖରାପ ନାହିଁ। ସ୍ୱାଭାବିକ ଭାବେ ଆମେ ଚାହୁଁଥିଲୁ ଯେ ତାଙ୍କର କିଛି ହୋଇନଥାନ୍ତା। ଏବେ ଆମକୁ କେବଳ ଅପେକ୍ଷା କରିବାକୁ ହେବ ଏବେ ଦେଖିବାକୁ ହେବ ଯେ ସ୍ଥିତି କେମିତି ଆଗକୁ ବଢ଼ୁଛି। ମୋତେ ଲାଗୁଛି ଯେ ପରିସ୍ଥିତି ପ୍ରକୃତରେ ସେମିତି ଅଛି କି ନାହିଁ ଯେମିତି କୁହାଯାଉଛି, ତାହା ନିଶ୍ଚିତ କରିବା ପାଇଁ ତାଙ୍କର ଆହୁରି ଟେଷ୍ଟ କରାଯିବ।'

ଚାରି ବର୍ଷ ତଳେ ଆର୍ଜେଣ୍ଟିନାକୁ ଚାମ୍ପିଅନ୍ କରାଇଥିବା ୯ ଜଣ ଖେଳାଳିଙ୍କୁ ଏଥର ଦଳରେ ସ୍ଥାନ ମିଳିନାହିଁ। ଫ୍ରାଙ୍କୋ ଆରମାନି, ଜୁଆନ୍ ଫୋଏଥ୍, ଜର୍ମାନ ପେଜେଲା, ମାର୍କୋସ୍ ଆକୁନା, ଆଞ୍ଜେଲ୍ ଡି ମାରିଆ, ଆଲେଜାଣ୍ଡ୍ରୋ ଗୋମେଜ୍, ଗୁଇଡୋ ରୋଡ୍ରିଗେଜ୍, ପାଉଲୋ ଡିବାଲା, ଆଞ୍ଜେଲ୍ କୋରେୟା ଏବଂ ଫ୍ରାଙ୍କୋ ମାଷ୍ଟାଣ୍ଟୁଓନୋଙ୍କୁ ଏଥର ଦଳରେ ସାମିଲ କରାଯାଇ ନାହିଁ। ଆର୍ଜେଣ୍ଟିନା ଫିଫା ବିଶ୍ୱକପ୍ ୨୦୨୬ ରେ ନିଜର ଅଭିଯାନ ଆସନ୍ତା ୧୬ ଜୁନ୍‌ରେ ଆଲଜେରିଆ ବିପକ୍ଷରେ ଆରମ୍ଭ କରିବ। ଏହାପରେ ଗ୍ରୁପ୍ 'ଜେ'ରେ ଦଳର ମୁକାବିଲା ଅଷ୍ଟ୍ରିଆ ଏବଂ ଜର୍ଡାନ ସହିତ ହେବ।

ଫିଫା ବିଶ୍ୱକପ୍ ୨୦୨୬ ପାଇଁ ଆର୍ଜେଣ୍ଟିନାର ସ୍କ୍ୱାଡ୍

ଗୋଲକିପର: ଏମିଲିଆନୋ ମାର୍ଟିନେଜ୍, ଗେରୋନିମୋ ରୁଲି, ଜୁଆନ୍ ମୁସୋ।

ଡିଫେଣ୍ଡର: ଲିଓନାର୍ଡୋ ବାଲେରଡି, ନିକୋଲାସ ଟ୍ୟାଗ୍ଲିଆଫିକୋ, ଗୋଞ୍ଜାଲୋ ମୋଣ୍ଟିଏଲ୍, ଲିସାଣ୍ଡ୍ରୋ ମାର୍ଟିନେଜ୍, କ୍ରିଷ୍ଟିଆନ୍ ରୋମେରୋ, ନିକୋଲାସ ଓଟାମେଣ୍ଡି, ଫ୍ୟାକୁଣ୍ଡୋ ମଦିନା, ନାହୁଏଲ୍ ମୋଲିନା।

ମିଡଫିଲ୍ଡର: ଲିଆଣ୍ଡ୍ରୋ ପାରେଡେସ୍, ରୋଡ୍ରିଗୋ ଡି ପଲ୍, ଭାଲେଣ୍ଟିନ୍ ବାର୍କୋ, ଜିଓଭାନୀ ଲୋ ସେଲସୋ, ଏକ୍ସେକ୍ୟୁଇଲ୍ ପାଲାସିଓସ୍, ଆଲେକ୍ସିସ୍ ମ୍ୟାକ୍ ଆଲିଷ୍ଟର, ଏଞ୍ଜୋ ଫର୍ଣ୍ଣାଣ୍ଡେଜ୍।

ଫରୱାର୍ଡ: ଜୁଲିଆନ୍ ଆଲଭାରେଜ୍, ଲିଓନେଲ୍ ମେସି, ନିକୋ ଗୋଞ୍ଜାଲେଜ୍, ଥିଆଗୋ ଅଲମାଡା, ଜିଉଲିଆନୋ ଶିମୋନ୍, ନିକୋ ପାଜ୍, ହୋସେ ମାନୁଏଲ୍ ଲୋପେଜ୍, ଲୌତାରୋ ମାର୍ଟିନେଜ୍।

# ଡି ଆର କେ କପ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ବାରିପଦା**

ମଧୁବନ ମିନି ଷ୍ଟାଡିୟମରେ ଡି ଆର କେ କ୍ଲବ ଆନୁକୂଲ୍ୟରେ ଆୟୋଜିତ ୨ୟ ବାର୍ଷିକ ଡି ଆର କେ କପ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି । ଟୁର୍ଣ୍ଣାମେଣ୍ଟର ସଭାପତି ନଗରପାଳ କୃଷ୍ଣନନ୍ଦ ମହାନ୍ତିଙ୍କ ଅଧକ୍ଷତାରେ ଅତିଥି ଭାବେ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ବିଶିଷ୍ଟ ଶିଳ୍ପପତି ଗିରିଶ ଚନ୍ଦ୍ର ଦାସ ଓ ଉପନଗରପାଳ ସୀମା ଦାସ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପ ସଭାପତି କାଶୀ ରଣା, କାର୍ଯ୍ୟକାରୀ ସଭାପତି କଳିଙ୍ଗ କେଶରୀ ଜେନା, ସମ୍ପାଦକ ସଂଜୀବ ଦ୍ୱିବେଦୀ, କାର୍ଯ୍ୟକାରୀ ସମ୍ପାଦକ ନିରୋଜ ସାହୁ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, କ୍ରୀଡା ସଂଗଠକ ଅମର କୁମାର ସେଠି, ପୂର୍ବତନ କ୍ରିକେଟ ଖେଳାଳି ଲଲାଟେନ୍ଦୁ ବେହେରା, ଲୋହିତ ଦାସ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ଉଦଘାଟନୀ ମ୍ୟାଚରେ ଲାଲବଜାର ୱରିୟର୍ସ ୭୪ ରନରେ ପରି ଚାଲେଞ୍ଜରକୁ ପରାସ୍ତ କରିଥିଲା । ପ୍ରଥମେ ବ୍ୟାଟିଂ କରି ଲାଲବଜାର ୱରିୟର୍ସ ୨୦ ଓଭରରେ ୮ ୱିକେଟ ହରାଇ ୧୮୫ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ଦିବ୍ୟରଞ୍ଜନ ଦାସ ୭୯, ଦିବ୍ୟଲୋଚନ ଦାସ ୨୯ ଓ ସୁଧାକର ନାଏକ ୨୬ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ସତ୍ୟକାମ ଭରଦ୍ୱାଜ ୩ଟି ଏବଂ ସାମନ୍ତ ଶେଖର ପାଲ ଓ ଅନିକେତ ସିଂହ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ ଓ ଉତ୍ତରରେ ପରି ଚାଲେଞ୍ଜର ୧୩.୪ ଓଭରରେ ସମସ୍ତ ୱିକେଟ ହରାଇ ୧୧୧ ରନ ସଂଗ୍ରହ କରିପାରିଥିଲେ। ଦଳ ପକ୍ଷରୁ ସତ୍ୟକାମ ଭରଦ୍ୱାଜ ସର୍ବାଧିକ ୬୭ ରନ କରିଥିବା ବେଳେ ବିପକ୍ଷ ଦଳର ଆଦିତ୍ୟ କୁମାର ବସା ୪ଟି, ଦୀପକ କୁମାର ୩ଟି ଓ କ୍ଷମା ସାଗର ବଳ ୨ଟି ୱିକେଟ ଅକ୍ତିଆର କରିଥିଲେ । ଦିଲ୍ଲୀପ ଦାସ ଓ ଶେଖ ଅମଜୀତ ଖେଳ ପରିଚାଳନା କରିଥିବା ବେଳେ ସମ୍ବିତ କୁମାର ମହାରଣା ସ୍କୋରିଂରେ ସହଯୋଗ କରିଥିଲେ । ପଙ୍କଜ ମହାକୁଡ଼ ଧାରାବିବରଣୀ ପ୍ରଦାନ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ୫ଟି ଦଳ ଅଂଶଗ୍ରହଣ କରିଛନ୍ତି । ଜୁନ ୧୨ ତାରିଖ ପର୍ଯ୍ୟନ୍ତ ଏହି ଟୁର୍ଣ୍ଣାମେଣ୍ଟ ଚାଲିବ ବୋଲି ସହ ଆୟୋଜକ ସତ୍ୟନାରାୟଣ ଜୀଉ ଜଣାଇଛନ୍ତି । ଚମ୍ପିୟାନ ଦଳ ପାଇଁ ୧ ଲକ୍ଷ ୨୦ ହଜାର ଓ ରନର୍ସ ଅପ ଦଳ ପାଇଁ ୮୦ ହଜାର ଟଙ୍କା ପୁରସ୍କାର ରାଶି ରହିଛି ବୋଲି ମୁଖ୍ୟ ଆୟୋଜକ ଅମିତାଭ ଦାସ ଜଣାଇଛନ୍ତି ।

# ଖୋର୍ଦ୍ଧା ରୋଡ୍ ରେଳଷ୍ଟେସନ ନିରୀକ୍ଷଣ କଲେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**

ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଖୋର୍ଦ୍ଧା ରୋଡ୍ ରେଳଷ୍ଟେସନର ଏକ ବ୍ୟାପକ ନିରୀକ୍ଷଣ କରିଛନ୍ତି। ଯାତ୍ରୀମାନଙ୍କ ସୁବିଧା ସୁଯୋଗ, ସୁରକ୍ଷା ବ୍ୟବସ୍ଥା, ଷ୍ଟେସନର ବିଭିନ୍ନ ସୁବିଧା, ସ୍ୱଚ୍ଛତା ଏବଂ କ୍ୟାଟେରିଂ (ଖାଦ୍ୟପେୟ) ସେବାର ସମୀକ୍ଷା ଉପରେ ଏହି ପରିଦର୍ଶନରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା।

ଏହି ପରିଦର୍ଶନ ସମୟରେ ଶ୍ରୀ ଫୁଙ୍କୱାଲ ଷ୍ଟେସନର ବିଭିନ୍ନ ଅଞ୍ଚଳ ଯଥା- ବୁକିଂ ଅଫିସ୍, ଯାତ୍ରୀ ପ୍ରତୀକ୍ଷାଳୟ, ସର୍କୁଲେଟିଂ ଏରିଆ ବା ଚଳପ୍ରଚଳ ଏରିଆ (ଷ୍ଟେସନ ସମ୍ମୁଖ ଭାଗ), ଫୁଟ୍ ଓଭରବ୍ରିଜ୍, ପ୍ଲାଟଫର୍ମ ଏବଂ କ୍ୟାଟେରିଂ ୟୁନିଟ୍ ଗୁଡ଼ିକ ବୁଲି ଦେଖିଥିଲେ। ସେ ସେଠାରେ ଅଧିକାରୀମାନଙ୍କ ସହ ଆଲୋଚନା କରିବା ସହ ଷ୍ଟେସନରେ ଯାତ୍ରୀମାନଙ୍କୁ ଯୋଗାଇ ଦିଆଯାଉଥିବା ସେବାର ଗୁଣବତ୍ତା ସମୀକ୍ଷା କରିଥିଲେ।



ମହାପ୍ରବନ୍ଧକ ସୁରକ୍ଷା, ଭିଡ଼ ନିୟନ୍ତ୍ରଣ, ସ୍ୱଚ୍ଛତା ଏବଂ ଷ୍ଟେସନ ପରିସରର ରକ୍ଷଣାବେକ୍ଷଣ ସମ୍ପର୍କିତ ବ୍ୟବସ୍ଥାଗୁଡ଼ିକର ସମୀକ୍ଷା କରିଥିଲେ। ଏହାସହ ସେ ଯାତ୍ରୀ ଓ କ୍ୟାଟେରିଂ ଷ୍ଟଲର କର୍ମଚାରୀମାନଙ୍କ ସହ ମଧ୍ୟ କଥା ହୋଇଥିଲେ ଏବଂ ଷ୍ଟେସନରେ ପ୍ରଦାନ କରାଯାଉଥିବା ସେବାର ମାନ ପରଖିଥିଲେ। ସ୍ୱଚ୍ଛତା, ଯାତ୍ରୀ ସୁବିଧା ଏବଂ ଗ୍ରାହକ ସନ୍ତୋଷର ଉଚ୍ଚ ମାନ ବଜାୟ ରଖିବା ଉପରେ ସେ ଗୁରୁତ୍ୱ ଆରୋପ କରିବା ସହ ଯାତ୍ରୀମାନଙ୍କ ସମସ୍ୟାର ତୁରନ୍ତ ସମାଧାନ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ସୁରକ୍ଷିତ, ଦକ୍ଷ ଏବଂ ଆରାମଦାୟକ ରେଳ ସେବା ସୁନିଶ୍ଚିତ କରିବା ପାଇଁ ସୁରକ୍ଷା ବ୍ୟବସ୍ଥା ଏବଂ ଯାତ୍ରୀ ସୁବିଧାଗୁଡ଼ିକର ନିରନ୍ତର ଅନୁଧ୍ୟାନର ଆବଶ୍ୟକତା ଉପରେ ମହାପ୍ରବନ୍ଧକ ଜୋର ଦେଇଥିଲେ। ଯାତ୍ରୀ-କୈନ୍ଦ୍ରିକ ବିକାଶ ଏବଂ ସେବା କ୍ଷେତ୍ରରେ ଶ୍ରେଷ୍ଠତା ଉପରେ ବିଶେଷ ଧ୍ୟାନ ଦେବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

ଏହି ପରିଦର୍ଶନ ସମୟରେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ (ଡିଆରଏମ) ଡି. ସୁନୀଲ ମହାପ୍ରବନ୍ଧକଙ୍କ ସହ ଉପସ୍ଥିତ ଥିଲେ ଏବଂ ବିଭିନ୍ନ ବିକାଶମୂଳକ ଓ ଉନ୍ନତ ପରିଚାଳନା ପାଇଁ ନିଆଯାଉଥିବା ପଦକ୍ଷେପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ।

# କୋଚ ସାଙ୍ଗାକାରା ଆଣିଲେ ଅଭିଯୋଗ

**ଜୟପୁର**

ଆଇପିଏଲ ୨୦୨୬ ଶେଷ ହେବାକୁ ଯାଉଛି। ୧୦ ଦଳ ସହିତ ଆରମ୍ଭ ହୋଇଥିବା ଏହି ସିଜିନରେ, ଆଠଟି ଦଳର ଟାଇଟଲ ଜିତିବାର ସ୍ୱପ୍ନ ଭାଙ୍ଗିଯାଇଥିବାବେଳେ ଶୁକ୍ରବାର, ରାଜସ୍ଥାନ ରୟାଲ୍ସ ବାଦ୍ ପଡିଛି । ମ୍ୟାଚ୍ ପରେ, କୋଚ କୁମାର ସାଙ୍ଗାକାରା ସିଧାସଳଖ ସାମ୍ କରନଙ୍କୁ ଟାର୍ଗେଟ କରିଥିଲେ, ଯିଏ ଟ୍ରେଡ୍ ମାଧ୍ୟମରେ ସିଏସକେରୁ ଆସି ଆରଆରରେ ଯୋଗ ଦେଇଥିଲେ କିନ୍ତୁ ଆଘାତ ଯୋଗୁଁ ଖେଳି ନଥିଲେ।

ରାଜସ୍ଥାନ ରୟାଲ୍ସ ଟ୍ରେଡ୍ ଡିଲ ମାଧ୍ୟମରେ ସଞ୍ଜୁ ସାମସନଙ୍କ ବଦଳରେ ରବିନ୍ଦ୍ର ଜାଡେଜା ଏବଂ ସାମ୍ କରନଙ୍କୁ ନେଇଥିଲା । ତେବେ ଟି୨୦ ବିଶ୍ୱକପ୍ ପରେ, ସାମ୍ କରନ ଆଘାତ ଯୋଗୁଁ ଆଇପିଏଲରୁ ଓହରି ଯାଇଥିଲେ। ରାଜସ୍ଥାନ ତାଙ୍କ ବଦଳ ଭାବରେ ଶ୍ରୀଲଙ୍କାର ଅଲରାଉଣ୍ଡର ଦାସୁନ୍ ଶାନାକାଙ୍କ ସହ ଚୁକ୍ତିବଦ୍ଧ କରିଥିଲା।

 କ୍ୱାଲିଫାୟର ୨ ରେ ଗୁଜରାଟ ଟାଇଟାନ୍ସଠାରୁ ଦଳର ପରାଜୟ ପରେ, ରାଜସ୍ଥାନ ରୟାଲ୍ସର ମୁଖ୍ୟ ପ୍ରଶିକ୍ଷକ କୁମାର ସାଙ୍ଗାକାରା ଅସନ୍ତୋଷ ପ୍ରକାଶ କରିଥିଲେ ଯେ ଆଇପିଏଲ ୨୦୨୬ ଚାଲିଥିବା ସମୟରେ ସାମ୍ କରନ 'ସରେ' ପାଇଁ ଖେଳୁଥିଲେ। ଗଣମାଧ୍ୟମ



ସହିତ କଥାବାର୍ତ୍ତା ସମୟରେ ସେ କହିଛନ୍ତି, 'ଆମକୁ କୁହାଯାଇଥିଲା ଯେ ସାମ କରନଙ୍କ ଆଘାତ ଗୁରୁତର ଏବଂ ସେ ଆଇପିଏଲ ୨୦୨୬ ପରେ ମଧ ସୁସ୍ଥ ହୋଇପାରିବେ ନାହିଁ। ମୁଁ ତାଙ୍କୁ ସରେ ପାଇଁ ଦୁଇ କିମ୍ବା ତିନୋଟି ମ୍ୟାଚ୍ ଖେଳିବାର ଦେଖିଲି, ଯାହା ନିରାଶାଜନକ ଥିଲା। ଆମେ ତାଙ୍କୁ ଆମ ଦଳ ପାଇଁ ଖେଳିବାର ଦେଖିବାକୁ ଚାହୁଁଥିଲୁ।' । ସାମ କରନ ଏପର୍ଯ୍ୟନ୍ତ ଖେଳାଯାଇଥିବା ତିନୋଟି ମ୍ୟାଚ୍ ରେ ସରେ ଟିମର ଅଧିନାୟକତ୍ୱ କରିଛନ୍ତି ଏବଂ କିଛି ଦିନ ପୂର୍ବରୁ, ସେ ତାଙ୍କ ଆଘାତ ବିଷୟରେ କହିଥିଲେ ଯେ ସେ କେବେ ସମ୍ପୂର୍ଣ୍ଣ ସୁସ୍ଥ ହେବେ ତାହା ଅନିଶ୍ଚିତ।

# ସିଏମ୍ ଟ୍ରଫି ଜିଲ୍ଲାସ୍ତରୀୟ ଫୁଟବଲ୍ ଚାମ୍ପିୟନସିପ୍ ଉଦଯାପିତ

**ନୂଆପଡା, ନ୍ୟୁଜ୍‌ବ୍ୟୁରୋ**

ସିଏମ୍ ଟ୍ରଫି-୨୦୨୬ ଜିଲ୍ଲାସ୍ତରୀୟ ଫୁଟବଲ୍ ଚାମ୍ପିୟନସିପର ସମାପନ ଉତ୍ସବ ଉତ୍ସାହ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାର ଗୁରୁତ୍ୱ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ନିଜ ବକ୍ତବ୍ୟରେ ଜିଲ୍ଲାପାଳ କହିଥିଲେ ଯେ, ବର୍ତ୍ତମାନର କର୍ମଚଞ୍ଚଳ ଓ ବ୍ୟସ୍ତବହୁଳ ଜୀବନ ମଧ୍ୟରେ ଆମେ ଯଦି ପ୍ରତିଦିନ କିଛି ସମୟ ନିଜ ସ୍ୱାସ୍ଥ୍ୟ ଓ ଶାରୀରିକ ବ୍ୟାୟାମ ପାଇଁ ବ୍ୟୟ କରିବା, ତେବେ ଭବିଷ୍ୟତରେ ଅନେକ ରୋଗବ୍ୟାଧିରୁ ଦୂରେଇ ରହିପାରିବା। ଯୁବାବସ୍ଥା ଜୀବନର ଏକ ମୂଲ୍ୟବାନ ସମୟ ହୋଇଥିବାରୁ ଏହାକୁ କ୍ରୀଡ଼ା କ୍ଷେତ୍ରରେ ସଦୁପଯୋଗ କରି ଯୁବପିଢ଼ି ନିଜକୁ ଜଣେ ସଫଳ କ୍ରୀଡ଼ାବିତ ଭାବେ ଗଢ଼ି ତୋଳିପାରିବେ। ସେ ସମସ୍ତ ପ୍ରତିଯୋଗୀଙ୍କୁ ସାଧୁବାଦ ଜଣାଇବା ସହ ଆଗାମୀ ଜୋନାଲ୍ ପ୍ରତିଯୋଗିତା ପାଇଁ ଶୁଭକାମନା ଜଣାଇଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼ାଇ ନିଜ ବକ୍ତବ୍ୟରେ କହିଥିଲେ ଯେ, ଜିଲ୍ଲାରେ ୧୭ଟି କ୍ରୀଡ଼ା ପ୍ରତିଯୋଗିତା ସଫଳତାର ସହ ଆୟୋଜନ କରାଯାଇ ଏକ ଉଦାହରଣ ସୃଷ୍ଟି କରାଯାଇଛି। ଖେଳ ଶିକ୍ଷକ ଓ ବରିଷ୍ଠ ଖେଳାଳିମାନଙ୍କର ନିଷ୍ଠା, କଠିନ ପରିଶ୍ରମ ଏବଂ ସହଯୋଗ ଯୋଗୁଁ ଏହି ଚାମ୍ପିୟନସିପ୍ ସଫଳତାର ସହ ସମାପନ ହୋଇପାରିଛି। ବାଳକ ବିଭାଗରେ ୭ଟି ଏବଂ ବାଳିକା ବିଭାଗରେ ୬ଟି ଦଳ ଅନଲାଇନ୍ ପଞ୍ଜୀକରଣ କରି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବାରୁ ସେ ସମସ୍ତ ଦଳକୁ ଅଭିନନ୍ଦନ ଜଣାଇଥିଲେ।

ଓଡ଼ିଶା ଫୁଟବଲ୍ ଆସୋସିଏସନର ନିର୍ଦ୍ଦେଶାନୁସାରେ ଲିଗ୍ ପ୍ରଣାଳୀରେ ଏହି ଚାମ୍ପିୟନସିପ୍ ଆୟୋଜିତ ହୋଇଥିଲା। ବାଳକ ବିଭାଗରେ ବାଣ୍ଡିବାହାଲ ଏଫ୍.ସି. ଦଳ ଚାମ୍ପିୟନ୍ ହୋଇଥିବା ବେଳେ ପତାଳଗଙ୍ଗା ଏଫ୍.ସି. ଦଳ ରନର୍ସଅପ୍ ସ୍ଥାନ ଅଧିକାର କରିଥିଲା। ସେହିପରି ୧୪ ବର୍ଷରୁ କମ୍ ବାଳିକା ବିଭାଗରେ ବାଣ୍ଡିବାହାଲ ଫୁଟବଲ୍ ଦଳ ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ନୂଆପଡ଼ା ଏଫ୍.ସି. ଦଳ ଦ୍ୱିତୀୟ ସ୍ଥାନ ଅର୍ଜନ କରିଥିଲା।

ପ୍ରତିଯୋଗିତାର ସମସ୍ତ ମ୍ୟାଚ୍ ଓଡ଼ିଶା ଫୁଟବଲ୍ ଆସୋସିଏସନ୍ ଦ୍ୱାରା ପ୍ରେରିତ ଅଭିଜ୍ଞ ରେଫରୀ ଓ ଖେଳ ପରିଚାଳକମାନଙ୍କ ଦ୍ୱାରା ସୁଚାରୁ ରୂପେ ପରିଚାଳିତ ହୋଇଥିଲା।

ଶେଷରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼ାଇ ଉପସ୍ଥିତ ସମସ୍ତ ଖେଳାଳି, ଅଭିଭାବକ, ଖେଳ ଆୟୋଜକ, ଦର୍ଶକ, ପ୍ରେସ ଓ ଇଲେକ୍ଟ୍ରୋନିକ୍ ମିଡିଆ ପ୍ରତିନିଧି, ରେଫରୀ ଏବଂ କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

ଭୁବନେଶ୍ୱର, ୩୧ ମଇ, ରବିବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

ଭାରତକୁ ଆସିବ ସବଷ୍ଟ୍ରେଟ ଉତ୍ପାଦନ ପ୍ରଯୁକ୍ତି

# ଓଡ଼ିଶା, ଇଣ୍ଟେଲ ଓ ୩ଡି ଜିଏସ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର




ଭୁବନେଶ୍ୱର, ୩୦/୦୫
ନ୍ୟୁଜ ବ୍ୟୁରୋ

ଭାରତକୁ ଆସିବାକୁ ଯାଉଛି ପ୍ରଥମ ସବଷ୍ଟ୍ରେଟ ମାନୁଫାକ୍‌ଚରିଂ ପ୍ରଯୁକ୍ତି। ତାହା ପୁଣି ଓଡ଼ିଶାକୁ ଆସିବ। ଓଡ଼ିଶା ସରକାର, ଇଣ୍ଟେଲ କର୍ପୋରେସନ ଓ ଆମେରିକାର ୩ଡି ଗ୍ଲାସ ସଲ୍ୟୁସନ୍ସ ମଧ୍ୟରେ ଏକ ତ୍ରିପାକ୍ଷିକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି । ଏହା ଭାରତର ସର୍ବବୃହତ ହାଇଟେକ ମାନୁଫାକ୍‌ଚରିଂ ନିବେଶ ବୋଲି ଜଣାପଡିଛି ।ପ୍ରାୟ ୩.୩ ବିଲିୟନ ଡଲାର ବା ୩୧,୩୦୩ କୋଟି ଟଙ୍କା ନିବେଶରେ ଆସନ୍ତା ୪-୫ ବର୍ଷ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାକୁ ଲକ୍ଷ୍ୟ ରହିଛି । ଏହି ପ୍ରକଳ୍ପ ଯୋଗୁଁ ୧୮୦୦ରୁ ଅଧିକ କୁଶଳୀ ନିଯୁକ୍ତି ମିଳିବ ବୋଲି ଆକଳନ କରାଯାଇଛି । ଓଡ଼ିଶାର ଚିପ୍ ଉତ୍ପାଦନ ଓ ସେମିକଣ୍ଡକ୍ଟର ଶିଳ୍ପ ପାଇଁ ଗୁରୁତ୍ୱପୂର୍ଣ୍ଣ ଖବର ମିଳିଛି। ଭୁବନେଶ୍ୱର-ଖୋର୍ଦ୍ଧା ଅଞ୍ଚଳରେ ଏକ ଅତ୍ୟାଧୁନିକ ପ୍ୟାକେଜିଂ ଗ୍ଲାସ କୋର ସବଷ୍ଟ୍ରେଟ ମାନୁଫାକ୍‌ଚରିଂ ଉତ୍ପାଦନ କାରଖାନା ବସାଇବା ପାଇଁ ଏହି ବୁଝାମଣା ହୋଇଛି । କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଇଣ୍ଟେଲର ସିଇଓ ଲିପ-ବୁ ଟାନ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଓ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ।

# ତିନି ରଥର ଦଣ୍ଡା ଫ୍ରେମ୍ ସମ୍ପୂର୍ଣ୍ଣ : ଖଳାରେ ଚାଲିଛି ଗୟଳ ଚିରଟ

ପୁରୀ, ୩୦/୦୫ ନ୍ୟୁଜ ବ୍ୟୁରୋ

ବଡ଼ଦାଣ୍ଡରେ ତିନି ରଥର ଦଣ୍ଡା ଫ୍ରେମ୍ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଛି । ଗୁରୁବାର ଦଣ୍ଡାରେ ଆଗ-ପଛ ମୁହାଁଟି ଲାଗିଥିଲା । ମୁଖ୍ୟ ପାଞ୍ଚ ଦଣ୍ଡାରେ ଲାଗିଥିଲା ମୁହାଁଟି । ଆଗ ଓ ପଛ ମୁହାଁଟିରେ ପୋତା ହେଲା ଗୁଜ । ୫ ଗୁଜ ଉପରେ ନିରାଡ଼ି ଉଠିଲା । ଏହାପରେ ଚତୁଃପାର୍ଶ୍ୱରେ କୁତୁକା ଲାଗିଲା । ପାର୍ଶ୍ୱର ଦଣ୍ଡା ଲାଗି ପାର୍ଶ୍ୱ ମୁହାଁଟି ସ୍ଥାପନ ହୋଇଥିଲା। ପାର୍ଶ୍ୱର ମୁହାଁଟିରେ କୋଣ ଗୁଜ ଓ ଜଳଯନ୍ତ୍ର ସ୍ଥାପନ ହୋଇ ପାର୍ଶ୍ୱ ନିରାଡ଼ି ସ୍ଥାପନ ହୋଇଛି । ଏହାପରେ କଳସା ହୋଇ ନମ୍ବରିଂ ହୋଇ ଦଣ୍ଡା ଫ୍ରେମ୍ ଖୋଲାଯିବ । ଏପଟେ ରଥ ଚାଳିରେ ପୋଲ ଗୟଳ କାମ କରୁଛନ୍ତି ବିଶ୍ୱକର୍ମା । କରତି ସେବକମାନେ ଗୟଳ ଚିରଟ ପରେ ବିଶ୍ୱକର୍ମାମାନେ ଏହାକୁ ମାପ ଅନୁସାରେ ଚଉପଟ (ବଳକା ଅଂଶ କାଟି ସାଇଜ୍ କରିବା) କରୁଛନ୍ତି । ତାଳଧ୍ୱଜ ଓ ନନ୍ଦିଘୋଷ ରଥର ୧୨ଟି ଲେଖାଏଁ ଗୟଳ ଓ ଦେବଦଳନର ୮ଟି ଗୟଳ ରହିଛି।



ଅଂଶୁଆରୀ କାମ ଆରମ୍ଭ ହୋଇଛି । ଏପଟେ କୁତୁକାରେ ବିନ୍ଧ ଚାଲିଛି । ଏହି ବିନ୍ଧରେ ଅଂଶୁଆରୀ ସ୍ଥାପନ ହେବ । ତାଳଧ୍ୱଜ ଓ ନନ୍ଦିଘୋଷ ରଥର ୧୨ଟି ଲେଖାଏଁ ଓ ଦେବଦଳନର ୮ଟି ଅଂଶୁଆରୀ ରହିଛି । ବିଶ୍ୱକର୍ମାମାନେ ଅଂଶୁଆରୀକୁ ସ୍ଥାପନ ଯୋଗ୍ୟ କରିବା ପରେ ରୂପକାରମାନେ ଏଥିରେ ରୂପ ଗାରେଇବେ (ସାମାନ୍ୟ ଭାବେ ଖୋଦେଇ) । ରଥଖଳାରେ ଗରଗରା ବିନ୍ଧ ହୋଇ ପ୍ରସ୍ତୁତ ରହିଛି । ଚକ ଓ ଅଖଗୁଡ଼ିକ ସଂଯୋଗ କରାଯାଇ ମାପଚୁପ ହୋଇ ରହିଲେ ରଥର ମୂଳଦୁଆ ପ୍ରସ୍ତୁତ ହୋଇ ରଥ ଉପରି ଭାଗ କାମ ଆରମ୍ଭ ହେବ। ୪ ନାହାକା ଉଠିଲେ ତା' ଉପରେ ପ୍ରଥମ ଭୂଇଁ ଉଠିବ । ପ୍ରଥମ ଭୂଇଁ ଉପରେ ରହିବ ଓରା । ଓରା ଉପରେ ତିନି ଥାକ ହୋଇ ରଥର ଉପର ଅଂଶ ନିର୍ମାଣ କରାଯିବ । ରଥରେ ତିନୋଟି ଭୂଇଁ ରହିବ । ରୂପକାର ସେବକମାନେ ରଥର ବିଭିନ୍ନ ଅଂଶରେ ଖୋଦେଇ କାମ ଜାରି ରଖିଛନ୍ତି । କରତି ସେବକମାନେ ରଥର ଗୟଳ ଚିରଟ କରୁଛନ୍ତି । ଓଝା ସେବକମାନେ ଅସ୍ଥାୟୀ ଶାଳରେ ଗୟଳ କଣ୍ଟା ଆଦି ରଥ ପାଇଁ ଆବଶ୍ୟକ ଲୁହା ସାମଗ୍ରୀ ତିଆରୁଛନ୍ତି । ପରସ୍ପର ସମନ୍ୱୟ ରହି ତିନି ରଥର ନିର୍ମାଣ କାର୍ଯ୍ୟ ଚାଲିଛି ।

# ଅନନ୍ତ ବାସୁଦେବ ମନ୍ଦିର ପ୍ରତି ଏଏସ୍‌ଆଇର ଉଦାସୀନତା : ୧୧ ବର୍ଷ ହେଲା ଲାଗିରହିଛି ଲୁହାବାଡ଼



ଭୁବନେଶ୍ୱର, ୩୦/୦୫
ନ୍ୟୁଜ ବ୍ୟୁରୋ

ପ୍ରାଚୀନ ତଥା ପ୍ରସିଦ୍ଧ ଶୈବପୀଠରେ ଭରପୂର ଏକାମ୍ର କ୍ଷେତ୍ରରେ ଅନନ୍ତ ବାସୁଦେବଙ୍କ ମନ୍ଦିର ହେଉଛି ଏକମାତ୍ର ପୁରାତନ ବିଷ୍ଣୁ ମନ୍ଦିର। ତେଣୁ ଏହି ମନ୍ଦିରର ସ୍ୱତନ୍ତ୍ର ଗୁରୁତ୍ୱ ରହିଆସିଛି। ୧୨ବର୍ଷ ଧରି ଏହି ମନ୍ଦିରକୁ ସମ୍ଭାଳିଛି ଲୁହା ଖମ୍ବ। ଲୁହା ଖମ୍ବର ଡେରାରେ ମୁଖ୍ୟ ମନ୍ଦିର ଠିଆ ହୋଇ ରହିଛି। ସେହିଭଳି ମନ୍ଦିର ପରିସରରେ ଅନ୍ୟ ଏକ ମନ୍ଦିରରେ ୧୧ବର୍ଷ ହେବ ଲୁହାବାଡ଼ ବୁଲାଯାଇଛି। ଅନ୍ୟପଟେ ଏହି ମନ୍ଦିର ପରିସରରେ ଥିବା ମା' ଲକ୍ଷ୍ମୀଙ୍କ ମନ୍ଦିର ବହୁ ବର୍ଷ ହେଲା ଭୁଶୁଡ଼ି ଯାଇଛି। ଅଧା ଭଙ୍ଗା ମନ୍ଦିରରୁ ମା' ଲକ୍ଷ୍ମୀଙ୍କୁ ସ୍ଥାନାନ୍ତର କରି ଅନନ୍ତ ବାସୁଦେବଙ୍କ ମନ୍ଦିର ଗର୍ଭଗୃହରେ ପୂଜାର୍ଚ୍ଚନା କରାଯାଉଛି। ମା' ଲକ୍ଷ୍ମୀଙ୍କ ମନ୍ଦିର ମରାମତି ବା ପୁନରୁଦ୍ଧାର ନାଁ ଧରାଯାଉ ନଥିବାରୁ ଦେବୀ ଲକ୍ଷ୍ମୀ ନିଜ ମନ୍ଦିରକୁ ଫେରିପାରୁନାହାନ୍ତି। କେନ୍ଦ୍ର ପ୍ରତ୍ନତତ୍ତ୍ୱ ବିଭାଗ (ଏଏସ୍‌ଆଇ)ର ଉଦାସୀନତା ପାଇଁ ଏହି ଦୁଇ ମନ୍ଦିର ବର୍ଷ ବର୍ଷ ଧରି ଅବହେଳିତ ହୋଇରହିଛି ବୋଲି ଅଭିଯୋଗ ହେଉଛି। ସେହିଭଳି ଅନ୍ୟ ଏକ ମନ୍ଦିରକୁ ପୁନରୁଦ୍ଧାର କରିବାକୁ ଏଏସ୍‌ଆଇ ପକ୍ଷରୁ ଲୁହାବାଡ଼ ବନ୍ଧା ଯାଇଥିଲା। ହେଲେ କାମ ଆଗେଇଲା ନାହିଁ। ବଜେଟ୍ ଅଭାବରୁ କାମ ହେଲା ନାହିଁ। ଏଣୁ ୧୧ବର୍ଷ ହେଲା ଲୁହାବାଡ଼ ବନ୍ଧା ହୋଇରହିଛି। ସେବାୟତମାନଙ୍କ ସୂଚନା ଅନୁସାରେ, ୮୦ ବର୍ଷ ହେଲା ଲକ୍ଷ୍ମୀ ମନ୍ଦିର ଭାଙ୍ଗିପଡ଼ିଛି। କେନ୍ଦ୍ର ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ଏହି ମନ୍ଦିରର ସୁରକ୍ଷା ପ୍ରତି ଆଦୌ ଧ୍ୟାନ ଦେଉନଥିବା ଅଭିଯୋଗ ହେଉଛି। ଉଲ୍ଲେଖଯୋଗ୍ୟ, ଏହି ମନ୍ଦିରର କଳା, ଭାସ୍କର୍ଯ୍ୟ ଅନ୍ୟ ସବୁ ମନ୍ଦିରଠାରୁ ସମ୍ପୂର୍ଣ୍ଣ ଅଲଗା। ପଞ୍ଚାୟତନ ଶୈଳୀ ଏହି ମନ୍ଦିର ଏସିଆ ମହାଦେଶରେ ବିରଳ ବୋଲି ଐତିହାସିକମାନେ ମତ ଦିଅନ୍ତି। ଶ୍ରୀଲିଙ୍ଗରାଜଙ୍କ ପର୍ବପର୍ବାଣି ଓ ଯାନିଯାତ୍ରା ସହିତ ଅନନ୍ତ ବାସୁଦେବଙ୍କ ନିବିଡ଼ ସମ୍ପର୍କ ରହିଛି। ବଡ଼ କଥା ହେଉଛି, ଅନନ୍ତ ବାସୁଦେବ ମନ୍ଦିର ପ୍ରସାଦ ଅବଢ଼ାର ଏକ ସ୍ୱତନ୍ତ୍ର ଚାହିଦା ରହିଛି। ପ୍ରତି ମାସର ଏକାଦଶୀ, ପୂର୍ଣ୍ଣମୀ ଭଳି ତିଥିରେ ଏଠାରେ ବହୁ ଶ୍ରଦ୍ଧାଳୁ ଦେବଦର୍ଶନ କରନ୍ତି। ଅନନ୍ତ ବ୍ରତ ପୂଜା ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁ ଏଠାକୁ ଆସିଥାନ୍ତି। ମାତ୍ର ପରିତାପର ବିଷୟ, ଏହି ମନ୍ଦିରର ସୁରକ୍ଷା ନେଇ କେହି ଚିନ୍ତିତ ନୁହନ୍ତି। ବ୍ରାହ୍ମଣ ନିଯୋଗ ସମ୍ପାଦକ କୁହନ୍ତି ଯେ, ୨୦୧୫ ମସିହାରେ ଏଏସ୍‌ଆଇ ପକ୍ଷରୁ ମନ୍ଦିର ପଥର ଖସିଥିବା ସ୍ଥାନ ସମୀକ୍ଷା କରାଯାଇଥିଲା। ପଥରଗୁଡ଼ିକୁ ବାହାର କରିବାକୁ ନମ୍ବର କରାଯାଇଥିଲା। ତେବେ କିଛି ଦିନ ପରେ କାମ ବନ୍ଦ ରହିଲା। ଏହି ମନ୍ଦିରର ସମସ୍ୟା ଦିନକୁ ଦିନ ବଢ଼ି ଚାଲିଛି। ଚଟାଣ ପଥର ଖାଲଢ଼ିପ ହୋଇଗଲାଣି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏଦିଗରେ ତୁରନ୍ତ କିଛି ନକଲେ, ମନ୍ଦିରର ଭବିଷ୍ୟତ ବିପଦ ଭିତରକୁ ଠେଲି ହୋଇଯିବ ବୋଲି ସେମାନେ ସତର୍କ କରାଇଦେଇଛନ୍ତି। ଏନେଇ ଏଏସ୍‌ଆଇ ଅଧୀକ୍ଷକଙ୍କ ଉତ୍ତର ମିଳିପାରି ନାହିଁ। ବିଶ୍ୱାସ କରାଯାଏ, ଏହି ମନ୍ଦିର ତ୍ରୟୋଦଶ ଶତାବ୍ଦୀରେ ନିର୍ମିତ। ବିନ୍ଦୁସାଗର କୂଳରେ ପଞ୍ଚାୟତନ ଶୈଳୀରେ ପଶ୍ଚିମ ଦିଗକୁ ମୁହଁ କରିଥିବା ଏହି ମନ୍ଦିର ସମ ଉଚ୍ଚତା ବିଶିଷ୍ଟ ପିଣ୍ଡି ଉପରେ ଅବସ୍ଥିତ। ଚୋଡ଼ଗଙ୍ଗ ବଂଶର ରାଜା ତୃତୀୟ ଅନଙ୍ଗ ଭୀମଦେବଙ୍କ କନ୍ୟା ଚନ୍ଦ୍ରିକା ଦେବୀ ଏହି ମନ୍ଦିର ନିର୍ମାଣ କରାଇଥିଲେ ବୋଲି ଐତିହାସିକମାନେ ମତ ଦିଅନ୍ତି। ସପ୍ତଦଶ ଶତାବ୍ଦୀରେ ମରାଠା ଶାସନ ସମୟରେ ଏହି ମନ୍ଦିରର ପୁନରୁଦ୍ଧାର କରାଯାଇଥିଲା।

# ହାଇକୋର୍ଟଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ : ସଂରକ୍ଷଣରେ ତିନିମାସ ଭିତରେ ରାୟ ପ୍ରକାଶ କର

ନୂଆଦିଲ୍ଲୀ, ୩୦/୦୫

ନ୍ୟାୟ ଶୁଣାଣିରେ ବିଳମ୍ବକୁ ନେଇ ସୁପ୍ରିମକୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସଂରକ୍ଷଣ କରିବାର ତିନିମାସ ଭିତରେ ମାମଲାର ରାୟ ଘୋଷଣା କରିବା ପାଇଁ ସବୁ ହାଇକୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ଜୟମାଲ୍ୟ ବାଗ୍‌ଚିଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ରାୟ ଶୁଣାଣିରେ ବିଳମ୍ବ ଆବେଦନକାରୀଙ୍କର ଅପୂରଣୀୟ କ୍ଷତି ଘଟାଇଥାଏ ଯାହା ଭରଣା କରାଯାଇ ପାରିବ ନାହିଁ । ବିଶେଷ କରି ବ୍ୟକ୍ତିଗତ ସ୍ୱାଧୀନତା ସହ ଜଡିତ ମାମଲାରେ ତୁରନ୍ତ ନ୍ୟାୟ ପ୍ରଦାନ ପାଇଁ ଖଣ୍ଡପୀଠ ଜୋର ଦେଇ କହିଛନ୍ତି ।

ଖଣ୍ଡପୀଠ ଆହୁରି କହିଛନ୍ତି ଯେ, ଯେଉଁ ମାମଲାରେ ରାୟ ସଂରକ୍ଷିତ ରଖାଯାଉଛି ସେଠାରେ ହାଇକୋର୍ଟ ସଂରକ୍ଷିତ ତାରିଖଠାରୁ ତିନି ମାସ ଭିତରେ ଯୁକ୍ତିଯୁକ୍ତ ରାୟ ପ୍ରକାଶ କରିବାକୁ ଚେଷ୍ଟା କରିବେ। ସେହିପରି ଜାମିନ ଆବେଦନର ନିର୍ଦ୍ଦେଶ ସେହିଦିନ ଘୋଷଣା କରାଯିବା ଦରକାର । ଯଦି ସଂରକ୍ଷିତ ରଖାଯାଏ ତେବେ ସେଗୁଡିକୁ ପରଦିନ ଘୋଷଣା ଓ ଅପଲୋଡ କରାଯିବା ଉଚିତ ବୋଲି ଖଣ୍ଡପୀଠ ତାଙ୍କ ରାୟରେ କହିଛନ୍ତି ।

ସେହିପରି ଜାମିନ କିମ୍ବା ଦଣ୍ଡାଦେଶ ସ୍ଥଗିତ ରଖିବାର ନିର୍ଦ୍ଦେଶ ଜେଲ କର୍ତ୍ତୃପକ୍ଷଙ୍କୁ ତୁରନ୍ତ ଘୋଷଣା ହେବା ମାତ୍ରେ ଜଣେଇ ଦେବା ଉଚିତ ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି । ଖଣ୍ଡପୀଠ ଆହୁରି କହିଛନ୍ତି, ବିଚାରାଧୀନ କିମ୍ବା ଦଣ୍ଡପ୍ରାପ୍ତ ବ୍ୟକ୍ତିଙ୍କୁ ସେହିଦିନ କିମ୍ବା ପରଦିନ ମୁକ୍ତ କରାଯିବା ଉଚିତ ।



ସୁପ୍ରିମକୋର୍ଟ ଆହୁରି କହିଛନ୍ତି, ଯଦି କୌଣସି ଫୌଜଦାରୀ ଆବେଦନ କିମ୍ବା ମୃତ୍ୟୁ ଦଣ୍ଡ ରାୟ ସଂରକ୍ଷିତ ରଖାଯାଏ ଏବଂ ଆବେଦନକାରୀ ହେପାଜତରେ ଥାଆନ୍ତି, ତେବେ ରାୟ ସଂରକ୍ଷିତ ହେବାର ୭ ଦିନ ଭିତରେ ଖଣ୍ଡପୀଠ ପକ୍ଷମାନଙ୍କଠାରୁ ସ୍ପଷ୍ଟୀକରଣ ଲୋଡ଼ି ପାରିବେ । ସଂରକ୍ଷଣ ତାରିଖରୁ ଗୋଟିଏ ମାସ ପରେ ସ୍ପଷ୍ଟୀକରଣ ଲୋଡିବା ଉଚିତ ନୁହେଁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି ।

ସୁପ୍ରିମକୋର୍ଟ ଆହୁରି କହିଛନ୍ତି ଯେ, ଯଦି ଖଣ୍ଡପୀଠ ଅନୁଭବ କରିବେ ଯେ ଯୁକ୍ତିଯୁକ୍ତ ରାୟ ଘୋଷଣା କରିବାରେ କୌଣସି ବିଳମ୍ବ ପକ୍ଷମାନଙ୍କୁ କଷ୍ଟ ଦେଇପାରେ ଏବଂ ଜରୁରୀ ନିର୍ଦ୍ଦେଶ ଆବଶ୍ୟକ ତେବେ ନିଷ୍ପତ୍ତିର ମୁଖ୍ୟ ଅଂଶ କୋର୍ଟରେ ଘୋଷଣା କରିପାରିବେ । ତେବେ ୭ ଦିନ ଭିତରେ କିମ୍ବା ଅତିବେଶିରେ ୧୫ ଦିନ ଭିତରେ କାରଣ ସହତ ସମ୍ପୂର୍ଣ୍ଣ ରାୟ ଅପଲୋଡ କରାଇ ଦେବା ଦରକାର । ଏହି ମାମଲା ଅନୁସୂଚିତ ଜନଜାତି ଓ ଅନ୍ୟ ପଛୁଆ ବର୍ଗ ସହ ସମ୍ପର୍କ ରଖିଥିବା ୪ ଜଣ ଅଭିଯୁକ୍ତଙ୍କ ପକ୍ଷରୁ ଦାଏର କରାଯାଇଥିବା ମାମଲା ସହ ଜଡିତ । ଏହି ଅଭିଯୁକ୍ତମାନେ ଅଭିଯୋଗ ଆଣିଥିଲେ ଯେ, ଝାଡଖଣ୍ଡ ହାଇକୋର୍ଟରେ ୨୦୨୨ରେ ସଂରକ୍ଷିତ ସେମାନଙ୍କର ଫୌଜଦାରୀ ଆବେଦନ ୨ରୁ ୩ ବର୍ଷ ଧରି ପଡି ରହିଛି । ଆବେଦନକାରୀମାନେ ଯୁକ୍ତି ଦର୍ଶାଇଥିଲେ , ଏପରି ବିଳମ୍ବ ସମ୍ବିଧାନର ଧାରା ୨୧ ଅନୁଯାୟୀ ସେମାନଙ୍କର ଜୀବନ ଏବଂ ବ୍ୟକ୍ତିଗତ ସ୍ୱାଧୀନତାର ଅଧିକାରକୁ ଉଲ୍ଲଂଘନ କରୁଛି । ସେହିପରି ଏକ ଯୌତୁକ ନିର୍ଯାତନା ମାମଲାରେ ସୁପ୍ରିମକୋର୍ଟ କଡ଼ା ଟିପ୍ପଣୀ ଦେଇଛନ୍ତି । ଜଷ୍ଟିସ୍ ବି.ଭି ନାଗରତ୍ନା ଏବଂ ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାଁଙ୍କ ଖଣ୍ଡପୀଠ କହିଛନ୍ତି, ପୁଅ ଏବଂ ତାଙ୍କ ପରିବାର ପକ୍ଷରୁ ବୋହୂ ଓ ବୋହୂର ପରିବାରକୁ ଦିଆଯାଉଥିବା ଅପମାନକୁ ରୋକାଯିବା ଜରୁରି । ପୁଅମାନେ କାହିଁକି ବିବାହ କରନ୍ତି ଏବଂ ପରେ ଝିଅ ଓ ତାଙ୍କ ପରିବାରକୁ ଅପମାନିତ କରନ୍ତି ? ସମାଜକୁ ଏପରି ସନ୍ଦେଶ ଯିବା ଆବଶ୍ୟକ ଯେ, ବୋହୂ ଏବଂ ତାଙ୍କ ପରିବାରକୁ ଅପମାନ କେବେ ବରଦାସ୍ତ କରାଯିବ ନାହିଁ । ଏଥିସହ ଅଭିଯୁକ୍ତ ସ୍ୱାମୀ ପକ୍ଷରୁ ହୋଇଥିବା ପିଟିସନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି । ଏହି ମାମଲା ଛତିଶଗଡ଼ରେ ୨୦୧୦ରେ ଜଣେ ମହିଳାଙ୍କ ମୃତ୍ୟୁ ସହ ଜଡ଼ିତ । ମହିଳାଙ୍କ ବିବାହର ୩ ବର୍ଷ ଭିତରେ ଶାଶୂ ଘରେ ସେ ରଶି ଲଗାଇ ଜୀବନ ହାରିଥିଲେ । ଅଭିଯୋଗ ଅନୁସାରେ, ତାଙ୍କ ସ୍ୱାମୀ ଏବଂ ଶାଶୂଘର ଲୋକ ଅଧିକ ଯୌତୁକ ଦାବି କରି ତାଙ୍କୁ ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଉଥିଲେ । ଶୁଣାଣି ବେଳେ ଜଷ୍ଟିସ୍ ନାଗରତ୍ନା କହିଥିଲେ ଯେ, ଶାଶୂ ଘର ଲୋକେ ବୋହୂ ଏବଂ ତାଙ୍କ ପରିବାର ଠାରୁ ଅଧିକ ଟଙ୍କା କିପରି ବାହାର କରାଯାଇପାରିବ ସେହି ଉଦ୍ଦେଶ୍ୟରେ ରହିଥିଲେ । ରେକର୍ଡରେ ଥିବା ଅଭିଯୋଗ କଥା ଉଠାଇ ଜଷ୍ଟିସ୍ ନାଗରତ୍ନା କହିଥିଲେ ଯେ, ଝିଅ ଘର ଲୋକଙ୍କୁ ପୁଅ ଘର ଲୋକେ ଭିକାରୀ ବୋଲି କହିଥିଲେ । ଝିଅର ପରିବାର ଲୋକେ ନିଜ ଝିଅକୁ ବଞ୍ଚାଇବାକୁ ଚେଷ୍ଟା କରୁଥିଲେ ଏବଂ ପୁଅ ଘର ଲୋକେ ସେମାନଙ୍କୁ ଭିକାରୀ କହୁଥିଲେ ! ଝିଅର ବାପା ଝିଅ ପାଇଁ ତାଙ୍କ ଶାଶୂ ଘରକୁ ୬୦ ହଜାର ଟଙ୍କା ଦେଇପାରିବେ ବୋଲି ବି କହିଥିଲେ । କିନ୍ତୁ ତାଙ୍କୁ ପୁଅର ପରିବାର ଭିକାରୀ କିପରି କହିଥିଲେ? ସୁପ୍ରିମକୋର୍ଟ ପୁଅର ସାନ ଭାଇ ପକ୍ଷରୁ ହୋଇଥିବା ପିଟିସନ ଉପରେ ଶୁଣାଣି କରୁଥିଲେ । କ୍ରୁରତା ଏବଂ ପ୍ରତାଡ଼ନା ଧାରାରେ ଅଭିଯୁକ୍ତ ସ୍ୱାମୀଙ୍କୁ ଛତିଶଗଡ଼ ହାଇକୋର୍ଟ ଦେଇଥିବା ଦଣ୍ଡାଦେଶକୁ ପିଟିସନରେ ଚ୍ୟାଲେଞ୍ଜ କରାଯାଇଥିଲା । ତେବେ ସୁପ୍ରିମକୋର୍ଟ ଏହି ପିଟିସନକୁ ଖାରଜ କରିଦେଇଛନ୍ତି । ଯୌତୁକ ଦାବି ହିଁ ମହିଳାଙ୍କ ମୃତ୍ୟୁ ସହ ସିଧାସଳଖ ଜଡ଼ିତ ଥିଲା ବୋଲି ସୁପ୍ରିମକୋର୍ଟ ତାଙ୍କ ରାୟରେ ଏହା କହିଛନ୍ତି।

# କାର୍ଗିଲ ବସ୍ତିରୁ ଅବୈଧ ନିର୍ମାଣ ଉଚ୍ଛେଦ : ତିଆରି ହେବ ୪-ଲେନ୍ ରାସ୍ତା

ଭୁବନେଶ୍ୱର, ୩୦/୦୫
ନ୍ୟୁଜ ବ୍ୟୁରୋ

ରାଜଧାନୀ ଭୁବନେଶ୍ୱରରେ ପୁଣି ଚାଲିଲା ବୁଲ୍‌ଡୋଜର୍ । ମାଟିରେ ମିଶିଲା କାର୍ଗିଲ ବସ୍ତିର ଅବୈଧ ନିର୍ମାଣ। ପଳାସପଲ୍ଲୀରୁ ପୋଖରୀପୁଟ ସଂଯୋଗ କରୁଥିବା ୭୦ ଫୁଟିଆ ୪-ଲେନ୍ ରାସ୍ତା ନିର୍ମାଣ ପାଇଁ ଶନିବାର ପ୍ରଶାସନ ତରଫରୁ ନିଆଯାଇଛି ଏକ ବଡ଼ ଆକ୍ସନ। ଦୀର୍ଘ ଦିନ ଧରି ସରକାରୀ ଜମିକୁ ଜବରଦଖଲ କରି ଗଢ଼ି ଉଠିଥିବା ପ୍ରାୟ ୨୦ରୁ ଅଧିକ ଘର ଏବଂ ଦୋକାନ ବଜାରକୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରାଯାଇଛି। ସେଣ୍ଟ୍ରାଲ ଏନଫୋର୍ସମେଣ୍ଟ ମନିଟରିଙ୍ଗ କମିଟିର ଏହି ମେଗା ଡ୍ରାଇଭ୍ ସମୟରେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ବ୍ୟାପକ ପୋଲିସ ଫୋର୍ସ ମଧ୍ୟ ମୁତୟନ କରାଯାଇଥିଲା। ରାଜଧାନୀରେ ସ୍ମାର୍ଟ ରୋଡ୍ କନେକ୍ଟିଭିଟିକୁ ସୁଦୃଢ଼ କରିବା ପାଇଁ ପ୍ରଶାସନ ବଡ଼ ପଦକ୍ଷେପ ନେଇଛି। ପଳାସପଲ୍ଲୀରୁ ପୋଖରୀପୁଟ ମଧ୍ୟରେ ୭୦ ଫୁଟିଆ ଚାରି ଲେନ୍ ବିଶିଷ୍ଟ ପ୍ରଶସ୍ତ ରାସ୍ତା ନିର୍ମାଣ ହେବାକୁ ଯାଉଛି। ହେଲେ ଏହି ବିକାଶମୂଳକ କାର୍ଯ୍ୟ ପଥରେ କାର୍ଗିଲ ବସ୍ତି ଅଞ୍ଚଳରେ ଥିବା ଜବରଦଖଲ ବାଧା ସାଜିଥିଲା। ସରକାରୀ ଜମି ମାଡ଼ି ବସି ଅବୈଧ ଘର ଏବଂ ଦୋକାନ ବେଆଇନ ଭାବେ ଗଢ଼ି ଉଠିଥିଲା। ଏହି ଘର ଗୁଡ଼ିକ ଉପରେ ଶେଷରେ ପ୍ରଶାସନର ହାତୁଡ଼ି ଚାଲିଛି। ସେଣ୍ଟ୍ରାଲ ଏନଫୋର୍ସମେଣ୍ଟ ମନିଟରିଙ୍ଗ କମିଟିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶନିବାର ସକାଳୁ ବଡ଼ ଧରଣର ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଥିଲା। ଉଚ୍ଛେଦ ବେଳେ ବିଡିଏ, ବିଏମ୍‌ସି, ଟିପିସିଓଡିଏଲ୍, ଜିଏ ଓ ଅନ୍ୟାନ୍ୟ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ । ଏ ନେଇ ଆଗରୁ ସୂଚନା ଦିଆଯାଇଥିଲା ବୋଲି ଜିଏର ମୁଖ୍ୟ କହିଥିଲେ। ତେଣୁ କଡ଼ା ସୁରକ୍ଷା ବ୍ୟବସ୍ଥା ଭିତରେ ଶୃଙ୍ଖଳାର ସହ ସମ୍ପୂର୍ଣ୍ଣ ଉଚ୍ଛେଦ ପ୍ରକ୍ରିୟା ହୋଇଥିଲା। ସେପଟେ ଦୀର୍ଘଦିନ ହେବ ଜବରଦଖଲ କରି ରହିଥିବାରୁ ଲୋକଙ୍କ ମନରେ ସାମାନ୍ୟ ଅସନ୍ତୋଷ ଦେଖା ଦେଇଥିଲା। ଯାହାକୁ ଆୟତ୍ତ କରିବାରେ ପ୍ରଶାସନ ସମ୍ପୂର୍ଣ୍ଣ ସଫଳ ହୋଇଥିଲା । କାର୍ଯ୍ୟାନୁଷ୍ଠାନ ସମୟରେ ଯେମିତି କୌଣସି ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ନହୁଏ, ସେଥିପାଇଁ ଘଟଣାସ୍ଥଳରେ ୨ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ଲୋକଙ୍କୁ ବୁଝାଇ ସୁଝାଇ ସେଠାରୁ ହଟାଯାଇଛି ଏବଂ ସ୍ଥିତି ସମ୍ପୂର୍ଣ୍ଣ ଶାନ୍ତ ରହିଛି। ଉଚ୍ଛେଦ ପ୍ରକ୍ରିୟା ଶେଷ ହେବା ପରେ ଏବେ ୪-ଲେନ୍ ବିଶିଷ୍ଟ ସ୍ମାର୍ଟ ରୋଡ୍ ନିର୍ମାଣ କାର୍ଯ୍ୟ ଆହୁରି ଦ୍ରୁତ ଗତିରେ ଆଗକୁ ବଢ଼ିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**

ତାରିଖ :-୩୦/୦୫/୨୦୨୬
୫,୦୧,୮୧୫/- ଟଙ୍କା
ସୁନା:- ୦୦ ଗ୍ରାମ୍ ୯୫୦ ମିଲିଗ୍ରାମ
ରୂପା:- ୦୩ଗ୍ରାମ୍ ୦୦୦ ମିଲିଗ୍ରାମ




**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୧୪୮, ୨୫୪୫୬୭୮
Email : utkaldeepika2016@gmail.com

# ରାଜଧାନୀରେ ତ୍ରିକୋଣୀୟ ପ୍ରେମରୁ ଯୁବକଙ୍କ ଉପରେ ଥାର୍ ଚଢ଼ାଇ ହତ୍ୟା : ୬ ଗିରଫ

ଭୁବନେଶ୍ୱର, ୩୦/୦୫ ନ୍ୟୁଜ ବ୍ୟୁରୋ

ରାଜଧାନୀରେ ତ୍ରିକୋଣୀୟ ପ୍ରେମରୁ ହତ୍ୟାକାଣ୍ଡ। ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଜଣେ ଯୁବକଙ୍କ ଉପରେ ଥାର୍ ଚଢ଼ାଇ ହତ୍ୟା କରାଯାଇଛି। ଚନ୍ଦ୍ରଶେଖରପୁର ଆଚାର୍ଯ୍ୟ ହରିହର କଲେଜ ଛକ ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଏହି ହତ୍ୟାକାଣ୍ଡ ଘଟିଛି । ମୃତ ଯୁବକ ହେଲେ ଖୋର୍ଦ୍ଧା କାଇପଦର ଅଞ୍ଚଳର ବରୁଣ କୁମାର ରାଉତରାୟ । ଦୁର୍ଘଟଣାରେ ବରୁଣଙ୍କ ଅନ୍ୟ ଦୁଇ ସାଙ୍ଗ ମଧ୍ୟ ଆହତ ହୋଇଛନ୍ତି । ପ୍ରଥମେ ଏହା ଦୁର୍ଘଟଣା ବୋଲି ଜଣାପଡିଥିଲା । ହେଲେ ପରେ ଏହା ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି । ଏହି ମାମଲାରେ ଚନ୍ଦ୍ରଶେଖର ପୋଲିସ ଦଳ ଶନିବାର ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏଥିସହ ଅପରାଧରେ ବ୍ୟବହୃତ ଥାର୍ ଓ ଗୋଟିଏ ସ୍କୁଟି ଜବତ କରିଛି । ଅଭିଯୁକ୍ତମାନେ ହେଲେ ବାପୁନି ଓରଫ ବ୍ରହ୍ମାନନ୍ଦ ଦାସ, ଚିଦାନନ୍ଦ ଦାସ, ଆଶିଷ ଦେହୁରୀ, ସ୍ୱସ୍ତିକ ଭରଦ୍ୱାଜ, ସୁରଜ ବିଶ୍ୱକର୍ମା ଓ ଶ୍ରୀଧର ନାୟକ। ଏହି ଯୋଜନାବଦ୍ଧ ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ତଥା ମୁଖ୍ୟ ଅଭିଯୁକ୍ତ ସୁରଜ ବିଶ୍ୱକର୍ମା ବୋଲି ଜଣାପଡ଼ିଛି। ଅପରାଧରେ ବ୍ୟବହୃତ ଥାରର ମାଲିକ ବାପୁନି ଓରଫ ବ୍ରହ୍ମାନନ୍ଦ ଦାସ ଅଟନ୍ତି ଓ ତାଙ୍କର ଏକ ଲସି ଦୋକାନ ମଧ୍ୟ ରହିଛି ।



ଅଭିଯୁକ୍ତମାନେ ଶୈଳେଶ୍ରୀ ବିହାର ଅଞ୍ଚଳର ବୋଲି ସୂଚନା ମିଳିଛି । ବରୁଣଙ୍କ ପ୍ରେମିକାଙ୍କୁ ପୂର୍ବରୁ ପ୍ରେମ କରୁଥିବା ସୁରଜ ବିଶ୍ୱକର୍ମା ହିଁ ହତ୍ୟାକାଣ୍ଡର ମୁଖ୍ୟ ଖଳନାୟକ । ସେ ହିଁ ଅନ୍ୟମାନଙ୍କ ସହ ମିଶି ଏହି ଜଘନ୍ୟ କାଣ୍ଡ ଘଟାଇଥିବା ଡିସିପି ଜଗମୋହନ ମିନା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଡିସିପିଙ୍କ ସୂଚନା ଅନୁଯାୟୀ, ତ୍ରିକୋଣୀୟ ପ୍ରେମକୁ ନେଇ ବରୁଣ ଓ ସୁରଜ ମଧ୍ୟରେ ବିବାଦ ରହି ଆସିଥିଲା । ରାତି ପ୍ରାୟ ୨ଟା ସମୟରେ ବରୁଣ କୁମାର ରାଉତରାୟ (ମୃତ) ତାଙ୍କ ସହଯୋଗୀମାନଙ୍କ ସହ ଶୈଳଶ୍ରୀ ବିହାରସ୍ଥିତ ମହିମା ଜୁସ୍ ସେଣ୍ଟରକୁ ଯାଇଥିଲେ । ସେଠାରେ ଅଭିଯୁକ୍ତ ସୁରଜ ବିଶ୍ୱକର୍ମା ଏବଂ ତାଙ୍କର ଅନ୍ୟ ସହଯୋଗୀମାନେ ଥିଲେ। ପ୍ରଥମେ ଉଭୟ ପକ୍ଷ ମଧ୍ୟରେ ଆପୋଷ ସମାଧାନ ହୋଇଥିଲା । ଏହା ପରେ ବରୁଣ ତାଙ୍କ ସହଯୋଗୀମାନଙ୍କ ସହ ସେଠାରୁ ଚାଲିଯାଇଥିଲେ । କିନ୍ତୁ କିଛି ସମୟ ପରେ ସେମାନେ ପୁନର୍ବାର ଘଟଣାସ୍ଥଳକୁ ଫେରି ଆସିବାରୁ ଉଭୟ ପକ୍ଷ ମଧ୍ୟରେ ପ୍ରବଳ ବଚସା ହେବା ସହ ଆକ୍ରମଣ ଓ ପ୍ରତିଆକ୍ରମଣ ଘଟିଥିଲା । ଏହା ପରେ ଅଭିଯୁକ୍ତ ସୁରଜ ଅନ୍ୟ ସହଯୋଗୀଙ୍କ ସହ ଥାର୍ ଏବଂ ଗୋଟିଏ ସ୍କୁଟିରେ ବରୁଣଙ୍କ ପିଛା କରିଥିଲା। ଚନ୍ଦ୍ରଶେଖରପୁର ଆଚାର୍ଯ୍ୟ ହରିହର କଲେଜ ଛକ ନିକଟରେ ବରୁଣଙ୍କ ବାଇକକୁ ଥାର୍ ଧକ୍କା ଦେଇଥିଲା। ଫଳରେ ବରୁଣଙ୍କ ମୃତ୍ୟୁ ଘଟିଛି। ସମସ୍ତ ଆହତଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଆହତମାନଙ୍କୁ ପଚରାଉଚରା ପରେ ଘଟଣା ପଛର ରହସ୍ୟ ପଦାକୁ ଆସିଥିଲା ବୋଲି ଡିସିପି କହିଛନ୍ତି । ଡିସିପି କହିଛନ୍ତି ଯେ, ପରିବାର ଲୋକଙ୍କ ପକ୍ଷରୁ ଅଭିଯୋଗ ପରେ ଏକ ହତ୍ୟା ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତମାନେ କ୍ରିକେଟ ଷ୍ଟମ୍ପ୍ ନେଇ ସଂଘବଦ୍ଧ ଭାବେ ପିଟି ମାରିବା ଉଦ୍ୟମ କରିଥିଲେ। ଏହା ପରେ ଝଗଡ଼ା ହେବା ପରେ ଜାଣିଶୁଣି ଥାର୍ ଚଢ଼ାଇଥିଲେ। ଏହି ଘଟଣାର ପ୍ରତ୍ୟକ୍ଷଦର୍ଶୀ ମଧ୍ୟ ରହିଛନ୍ତି ବୋଲି ଡିସିପି କହିଛନ୍ତି ।

# ରାଜ୍ୟରେ ଏସ୍‌ଆଇଆର୍ ପ୍ରକ୍ରିୟା ନେଇ ବାଲୁକା କଳାରେ ଶୁଭେଚ୍ଛା ଜଣାଇଲେ ସୁଦର୍ଶନ

ଭୁବନେଶ୍ୱର, ୩୦/୦୫ ନ୍ୟୁଜ ବ୍ୟୁରୋ

ଶନିବାରଠୁ ରାଜ୍ୟରେ ଆରମ୍ଭ ହୋଇଛି ସ୍ୱତନ୍ତ୍ର ସଘନ ସଂଶୋଧନ ବା ଏସଆଇଆର - ୨୦୨୬ କାର୍ଯ୍ୟକ୍ରମ । ଜୁନ ୨୮ ପର୍ଯ୍ୟନ୍ତ ଓଡ଼ିଶାରେ ଚାଲିବ ଏସଆଇଆର କାର୍ଯ୍ୟକ୍ରମ । ବିଏଲଓମାନେ ଭୋଟରଙ୍କ ଘରକୁ ଯାଇ ପ୍ରତ୍ୟେକ ଭୋଟଙ୍କ ତଥ୍ୟ ସଂଗ୍ରହ କରୁଛନ୍ତି । ଭୋଟରଙ୍କ ବ୍ୟକ୍ତିଗତ ବିବରଣୀ, ପରିବାର ସଦସ୍ୟଙ୍କ ସୂଚନା ଏବଂ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ତଥ୍ୟ ଗ୍ରହଣ କରୁଛନ୍ତି ବିଏଲଓ । ବିଏଲଓମାନେ ପରିଦର୍ଶନ ସମୟରେ ସେମାନଙ୍କର ତଥ୍ୟ ଯାଞ୍ଚ ସହ ସାମାନ୍ୟ ତ୍ରୁଟିକୁ ସଂଶୋଧନ କରିଛନ୍ତି । ଜଣେ ବି ଯୋଗ୍ୟ ଭାରତୀୟ ଭୋଟର ବାଦ ନପଡନ୍ତି ଓ ଅଯୋଗ୍ୟ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ନ ହୁଅନ୍ତି ସେଥିପ୍ରତି ବିଏଲଓ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏସ୍‌ଆଇଆର୍ ୨୦୨୬ ଶୁଭାରମ୍ଭ ପୂର୍ବରୁ ଶନିବାର ପୁରୀ ସମୁଦ୍ରତଟରେ ଆୟୋଜିତ ଭୋଟର ସଚେତନତା କାର୍ଯ୍ୟକ୍ରମର ଝଲକ ଦେଖିବାକୁ ମିଳିଛି । ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଆକର୍ଷଣୀୟ ବାଲୁକା କଳା ମାଧ୍ୟମରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ୨୦୨୬ ସମ୍ପର୍କରେ ସଚେତନତା ସୃଷ୍ଟି କରିଛନ୍ତି । ଏକ ସଠିକ୍ ଓ ସ୍ୱଚ୍ଛ ଭୋଟର ତାଲିକା ଗଠନ ପାଇଁ ମତଦାତାମାନଙ୍କ ସକ୍ରିୟ ସହଯୋଗ ଓ ଅଂଶଗ୍ରହଣର ଗୁରୁତ୍ୱ ସମ୍ପର୍କରେ ବାର୍ତ୍ତା ପ୍ରଦାନ କରାଯାଇଥିଲା। ଏନେଇ ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀ ଓ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ଏକ୍ସ ହ୍ୟାଣ୍ଡେଲରେ ପୋଷ୍ଟ କରିଛନ୍ତି ।

ଏସଆଇଆର ପାଇଁ ପ୍ରସ୍ତୁତି ପର୍ଯ୍ୟାୟରେ ମୋଟ ଭୋଟରଙ୍କ ମଧ୍ୟରୁ ୩,୧୬,୦୩,୩୨୩ ଜଣ ଅର୍ଥାତ ୯୪.୬୧%ଙ୍କୁ ୨୦୦୨ ମସିହାରେ ପ୍ରକାଶିତ ଶେଷ ଏସଆଇଆର ସମୟର ଭୋଟର ତାଲିକା ସହିତ ମ୍ୟାପିଂ କରାଯାଇଛି । ପ୍ରାକ-ଏସଆଇଆର ପର୍ଯ୍ୟାୟରେ ଯେଉଁ ଭୋଟରଙ୍କ ମ୍ୟାପିଂ ହୋଇନଥିଲେ, ସେମାନେ ମଧ୍ୟ ଏସଆଇଆର ସମୟରେ ସୂଚନା ଦାଖଲ କରି ସାମିଲ ହୋଇପାରିବେ । ଏସଆଇଆର ସମୟରେ ୪୫,୨୫୫ ଜଣ ବୁଥ୍ ସ୍ତରୀୟ ଅଧିକାରୀ ଭୋଟରଙ୍କ ଘରକୁ ଘର ଯାଇ ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ କରିବେ । ଘରକୁ ଘର ପରିଗଣନା ସମୟରେ ପ୍ରତ୍ୟେକ ଭୋଟରଙ୍କୁ ବିଏଲଓଙ୍କ ଜରିଆରେ ଦୁଇଟି ଲେଖାଏଁ ପୂର୍ବମୁଦ୍ରିତ ପରିଗଣନା ଫର୍ମ (ସଂଲଗ୍ନ-ତୃତୀୟ) ଯୋଗାଇ ଦିଆଯିବ । ପୂରଣ ହୋଇଥିବା ଫର୍ମର ଗୋଟିଏ ନକଲ ବିଏଲଓ ସଂଗ୍ରହ କରିବେ । ଦ୍ୱିତୀୟ ନକଲରେ ନିଜ ଦସ୍ତଖତ କରି ଭୋଟରଙ୍କୁ ରସିଦ ବା ସ୍ୱୀକୃତି ପତ୍ର ଭାବେ ଫେରସ୍ତ କରିବେ । ଯାହାକୁ ଭୋଟର ଭବିଷ୍ୟତ ପାଇଁ ସାଇତି ରଖିବେ । ଭୋଟରମାନେ ଚାହିଁଲେ ନିର୍ବାଚନ କମିଶନଙ୍କ ସରକାରୀ ୱେବସାଇଟ (voters.eci.gov.in)ରୁ ଏହି ଫର୍ମ ଡାଉନଲୋଡ କରିପାରିବେ। ପୂରଣ ପରେ ସେହି ପୋର୍ଟାଲ ମାଧ୍ୟମରେ ହିଁ ଅନଲାଇନ ଅପଲୋଡ କରିପାରିବେ। ଫର୍ମ ପୂରଣ କରିବାରେ କୌଣସି ସମସ୍ୟା ହେଲେ ବିଏଲଓ ସମ୍ପୃକ୍ତ ଭୋଟରଙ୍କୁ ସମ୍ପୂର୍ଣ୍ଣ ସହାୟତା ଯୋଗାଇ ଦେବେ । ଏହା ସହ ନୂଆ ନିର୍ବାଚକ ଭାବେ ନାମ ପଞ୍ଜୀକରଣ କରିବାକୁ ଚାହୁଁଥିବା ଯୋଗ୍ୟ ବ୍ୟକ୍ତିଙ୍କୁ ବିଏଲଓ ସେହି ସମୟରେ ଫର୍ମ-୬ ସହ ସ୍ୱତନ୍ତ୍ର ଘୋଷଣାପତ୍ର (ସଂଲଗ୍ନ-ଚତୁର୍ଥ) ପ୍ରଦାନ କରିବେ। ସ୍ୱତନ୍ତ୍ର ସଘନ ସଂଶୋଧନକୁ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଓ ପୂର୍ବ ସହଭାଗୀତା ସହ କାର୍ଯ୍ୟାନ୍ୱୟନ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତ ରାଜନୈତିକ ଦଳଙ୍କୁ ପ୍ରତ୍ୟେକ ମତଦାନ କେନ୍ଦ୍ର ପାଇଁ ବୁଥ୍ ସ୍ତରୀୟ ଏଜେଣ୍ଟ ବା ବିଏଲଏ ନିଯୁକ୍ତ କରିବାକୁ ଅନୁରୋଧ କରିଛନ୍ତି । ରାଜ୍ୟରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ତରଫରୁ ମୋଟ ୩୩ ହଜାର ୨୬ ଜଣଙ୍କୁ ନିଯୁକ୍ତ କରାଯାଇଛି । ସେହିପରି ରାଜ୍ୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟରେ ନିଯୁକ୍ତ ବୁଥ୍ ସ୍ତରୀୟ ଅଧିକାରୀଙ୍କ ସୁରକ୍ଷା ପାଇଁ ଏସଓପି ଜାରି ହୋଇଛି । ସକାଳ ୬ ରୁ ଦିନ ୧୧, ଅପରାହ୍ନ ୪ରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଫିଲଡ଼ ୱାର୍କ ଏବଂ




ଦିନ ୧୨ରୁ ଅପରାହ୍ନ ୩ଟା ଯାଏଁ ଫିଲଡ଼ ୱାର୍କ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବିଏଲଓମାନେ ଯଦି କୌଣସି ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହୁଅନ୍ତି ତେବେ ତୁରନ୍ତ ସେମାନଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ସମସ୍ତ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ୨୮ ଜୁନ୍ ସୁଦ୍ଧା ମତଦାନ କେନ୍ଦ୍ର ଗୁଡିକର ପୁନର୍ବିନ୍ୟାସ ପରେ ୫ ଜୁଲାଇରେ ଚିଠା ଭୋଟର ତାଲିକା ପ୍ରକାଶ କରାଯିବ । ୫ ଜୁଲାଇରୁ ଅଗଷ୍ଟ ୪ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ ସମୟ ସୀମା ଧାର୍ଯ୍ୟ ହୋଇଛି । ୫ ଜୁଲାଇରୁ ୨ ସେପ୍ଟେମ୍ବର ପର୍ଯ୍ୟନ୍ତ ନୋଟିସ ପର୍ଯ୍ୟାୟ/ଦାବି ଓ ଆପତ୍ତିର ସମାଧାନ ଓ ୬ ସେପ୍ଟେମ୍ବରରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ ।